


'ଦ ରାଜା ସାବ୍'ର ଗୀତ ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-149 •TUESDAY •25 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୪୯ •ମଙ୍ଗଳବାର •୨୫ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




# ବଲିଉଡ୍‌ର 'ହି-ମ୍ୟାନ୍' ଧର୍ମେନ୍ଦ୍ରଙ୍କ ପରଲୋକ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

### ଶୋକ ପ୍ରକାଶ କଲେ ମୋହନ, ନବୀନ

### ମହାନାୟକଙ୍କୁ ଅନ୍ତିମ ବିଦାୟ ଦେଲେ ସିନେ ତାରକା

■ ମୁମ୍ବଇ, ୨୪।୧୧ (ଏଜେନ୍ସି): ଆଉ ଜଣେ କିମ୍ବଦନ୍ତୀ ଅଭିନେତାଙ୍କୁ ହରାଇଛି ବଲିଉଡ୍। ହିନ୍ଦୀ ଚଳଚ୍ଚିତ୍ର ଜଗତର ହି-ମ୍ୟାନ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ହୋଇଛି। ସୋମବାର ଅପରାହ୍ଣ ୧.୧୦ରେ ୮୯ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୬ ଦଶନ୍ଧି ଧରି ସେ ପ୍ରଶଂସକଙ୍କ ହୃଦୟରେ ରାଜ୍ କରୁଥିବା ଧର୍ମେନ୍ଦ୍ର ପ୍ରାୟ ୩୦୦ ସିନେମାରେ ଅଭିନୟ କରିଥିଲେ। ତାଙ୍କ ସହ ବଲିଉଡ୍‌ରେ ଗୋଟିଏ ଯୁଗର ଅବସାନ ହୋଇଛି। ସେ ଆଗାମୀ ପିଢ଼ି ପାଇଁ ଏକ ବଳିଷ୍ଠ ପରମ୍ପରା ଛାଡି ଯାଇଛନ୍ତି। ମୁମ୍ବଇର ଭିଲେ ପାର୍ଲେ ଶ୍ମଶାନରେ ନିରାଡ଼ମ୍ବରରେ ଅପରାହ୍ଣ ୩ଟାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମେନ୍ଦ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ବିୟୋଗରେ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ହେଲା ବୋଲି କହିଛନ୍ତି। ଅଭିନେତା ଅମିତାଭ ବଚ୍ଚନ, ଶାହରୁଖ ଖାନ୍, ସଞ୍ଜୟ ଦତ୍ତ, ସଲମାନ ଖାନ୍, ଅମୀର ଖାନ, ରଣବୀର ସିଂ, ଦୀପିକା ପାଦୁକୋନଙ୍କ ସମେତ ବହୁ ବଲିଉଡ୍ ତାରକା ଶ୍ମଶାନରେ ଉପସ୍ଥିତ ରହି ଏହି ମହାନାୟକଙ୍କ ଅନ୍ତିମ ବିଦାୟ ଦେଇଛନ୍ତି।

ଗତ କିଛିଦିନ ହେବ ଧର୍ମେନ୍ଦ୍ର ଅସୁସ୍ଥ ଥିଲେ। ସେ ବୟସାଧିକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୦ ତାରିଖରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ମୁମ୍ବଇର ଏକ ▶ପୃଷ୍ଠା-୯




▶ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି: ପୃଷ୍ଠା-୨

# ମିଲ୍ ଝୁଣ୍ଟାଝୁଣ୍ଟି: ଧାନ କିଣିବାକୁ ଅମଙ୍ଗ ମିଲର୍

### ପ୍ରତିଶ୍ରୁତି ସତ୍ତ୍ୱେ କଷ୍ଟମ୍ ମିଲିଂ ଦର ବଢ଼ାଇଲେନି ସରକାର

### ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉ ନ ଥିବାରୁ ଅସନ୍ତୋଷ

■ ଭୁବନେଶ୍ୱର, ୨୪।୧୧(ସମିସ): ମିଲ୍‌ରେ ମହଜୁଦ ରହିଛି ପର୍ଯ୍ୟାପ୍ତ ପରିମାଣରେ ଧାନ। ଗତ ଖରିଫ୍ ଋତୁର ଧାନ ମିଲିଂ ସରିନାହିଁ, ରବି ଋତୁ ଧାନ ଆସି ଗଦା ହୋଇଛି। ଏପରି ଅବସ୍ଥାରେ ଚଳିତ ଖରିଫ ଧାନ କିଣିବାକୁ ମିଲର ନାରାଜ। ମିଲ୍‌ରେ ଫାଙ୍କା ସ୍ଥାନ ନ ଥିବାରୁ ଧାନ କିଣିଲେ କେଉଁଠାରେ ରଖିବୁ ବୋଲି ସରକାରଙ୍କୁ ପାଲଟା ପ୍ରଶ୍ନ କରୁଛନ୍ତି। ଏହାକୁ ନେଇ ସରକାର-ମିଲରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଛକାପଞ୍ଝା ଚଳିତ ବର୍ଷ ଧାନ କିଣାରେ ଅହେତୁକ ବିଳମ୍ବ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଚାଷୀ ନେତାମାନେ ମିଲର-ସରକାରଙ୍କ ଏହି ବିବାଦକୁ କେବଳ ଚାଷୀଙ୍କୁ ଭୂଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛନ୍ତି।

ମିଲରମାନଙ୍କ ଅଭିଯୋଗ ଅନୁଯାୟୀ ସରକାର ଧାର୍ଯ୍ୟ ସମୟରେ ଉତ୍ପାଦିତ ସମସ୍ତ ଚାଉଳ ଉଠାଉ ନ ଥିବାରୁ ବହୁ ପରିମାଣରେ ଚାଉଳ ଗଚ୍ଛିତ ରହିଛି। ଧାନକୁ ଚାଉଳ କରି ରଖିଲେ ନଷ୍ଟ ହେବାର ଆଶଙ୍କା ଥିବାରୁ ମିଲିଂ ହୋଇପାରୁନାହିଁ। ସରକାରଙ୍କ ପାଖରେ ଧାନ ଓ ଚାଉଳ ଗଚ୍ଛିତ ରଖିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସେହିପରି ମିଲ୍‌ରେ ଧାନ ଗଚ୍ଛିତ ରଖିଲେ ତାହାର ରକ୍ଷଣାବେକ୍ଷଣ ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ରହିଛି। ମାତ୍ର ଗତ ଦୁଇ ଆର୍ଥିକ ବର୍ଷରେ ଏଥିପାଇଁ ମିଲରମାନଙ୍କୁ ଚାଉଳ ଗଚ୍ଛିତ ରଖିବା ବାବଦ ଅର୍ଥରାଶି ▶ପୃଷ୍ଠା-୯

## ଚାଷୀ-ମିଲର୍ସ ସଲାସୁତୁରାରେ କଟ୍‌ନୀଛଟ୍‌ନୀ: ମନ୍ତ୍ରୀ

### ମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ: ବିଜେଡି

### ପ୍ରତିଶ୍ରୁତି ଭୁଲିଛନ୍ତି ସରକାର, ସବୁଠାରେ କଟନୀଛଟନୀ: କଂଗ୍ରେସ

■ ଭୁବନେଶ୍ୱର, ୨୪।୧୧(ସମିସ): ଧାନ କିଣା ସମୟରେ ଚାଷୀ ଓ ମିଲର୍ସ ପରସ୍ପର ମଧ୍ୟରେ ସଲାସୁତୁରା ହୋଇ କଟନୀଛଟନୀ କରୁଛନ୍ତି। ଏଥିରେ ସରକାର କଣ କରିପାରିବେ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଟିପ୍ପଣୀକୁ ନେଇ ଆରମ୍ଭ ହୋଇଛି ବିବାଦ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ କଟନୀଛଟନୀ ନେଇ ମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ। ନିଜେ ନିଜର କ୍ଷତି କରିବାକୁ ଚାଷୀ କେମିତି ଚିନ୍ତା କରିବ ବୋଲି ସେ ପ୍ରଶ୍ନ କରିବା ସହ ମନ୍ତ୍ରୀ ତୃଣମୂଳସ୍ତରର ସ୍ଥିତି ଜାଣୁ ନ ଥିବା କଟାକ୍ଷ କରିଛନ୍ତି। ଗତବର୍ଷ ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୧୦ରୁ ୧୨ କିଲୋ ଲେଖାଏଁ କଟନୀଛଟନୀ କରାଯାଇଛି। ବିନା କଟନୀଛଟନୀରେ ଧାନ କିଣା ନେଇ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଚାଷୀର ସ୍ୱାର୍ଥ ରକ୍ଷା କରିବା ଓ କଟନୀଛଟନୀ ରୋକିବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଅପରପକ୍ଷରେ ଚଳିତବର୍ଷ କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୦ ଟଙ୍କା ବଢ଼ାଇଥିବାବେଳେ ତାହାକୁ ରାଜ୍ୟ ସରକାର ଓଡ଼ିଶାର ଚାଷୀଙ୍କୁ ପ୍ରଦାନ ନ କରିବା ପାଇଁ ଯୋଜନା କରିଥିବା ସେ ଅଭିଯୋଗ କରିଛନ୍ତି। ସରକାର ଦେଉଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡିରୁ ଏହି ଟଙ୍କା କାଟିଦେବେ। ଫଳରେ ଚାଷୀ ଆର୍ଥିକ କ୍ଷତିରେ ପଡ଼ିବେ। ଏନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବିଧାୟକ ଦଳ ▶ପୃଷ୍ଠା-୯

# ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ



### ନୂଆ ଉଦାହରଣ ସୃଷ୍ଟିକଲେ ବିଦାୟୀ ସିଜେଆଇ ଗଭାଇ

### ଉତ୍ତରାଧିକାରୀଙ୍କ ପାଇଁ ଛାଡ଼ିଗଲେ ସରକାରୀ ଗାଡ଼ି

■ ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ ତମ ପ୍ରଧାନ ବିଚାରପତି (ସିଜେଆଇ) ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହିନ୍ଦୀରେ ଶପଥ ନେଇ ସାରିବେ ପରେ ସିଜେଆଇ କାର୍ଯ୍ୟକ୍ରମରେ ଉପସ୍ଥିତ ନିଜ ଭଉଣୀ ଏବଂ ବଡ଼ ଭାଇଙ୍କୁ ପାଦ ଛୁଇଁ ପ୍ରଣାମ କରିଥିଲେ। ଏହି ଅବସରରେ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ସେ ଉପ-ରାଷ୍ଟ୍ରପତି ସିପି ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ପୂର୍ବତନ ପ୍ରଧାନ ବିଚାରପତି ବିଆର ଗଭାଇ ନିଜ ଉତ୍ତରାଧିକାରୀଙ୍କୁ କୁଣ୍ଢାଇ ପକାଇ ଥିଲେ। ପ୍ରଥମ ଥର ପାଇଁ ଏହି ସମାରୋହରେ ବ୍ରାଜିଲ, ଭୁଟାନ, କେନିଆ, ମାଲେସିଆ, ▶ପୃଷ୍ଠା-୯

# କମିଲା ଅତିରିକ୍ତ ବଜେଟ ଆକାର

### ୧୧ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ ଚିଠା ପ୍ରସ୍ତାବ

### ୨୮ ତାରିଖରେ ବିଧାନସଭାରେ ଆଗତ ହେବ ଅତିରିକ୍ତ ବଜେଟ

■ ଭୁବନେଶ୍ୱର,୨୪।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅତିରିକ୍ତ ବଜେଟ୍‌କୁ ମିଳିଛି ମଞ୍ଜୁରୀ। ଆସନ୍ତା ଶୀତ ଅଧିବେଶନ ୨୭ ତାରିଖରୁ ଆରମ୍ଭ ହେବ ଓ ୨୮ ତାରିଖରେ ଅତିରିକ୍ତ ବଜେଟ ଚିଠା ପ୍ରସ୍ତାବ ଆଗତ ହେବ। ମନ୍ତ୍ରୀ ପରିଷଦ ବୈଠକରେ ୧୦ ହଜାର କୋଟିରୁ ଅଧିକ ଟଙ୍କାର ଚିଠା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିବା ସୂଚନା ମିଳିଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨,୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦,୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧,୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ତେବେ ଚଳିତ ଆର୍ଥିକ ବର୍ଷରେ ଆବଣ୍ଟିତ ବଜେଟ ଅର୍ଥରେ ଆଖିଦୃଶିଆ ବ୍ୟୟ ହୋଇପାରି ନାହିଁ। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ବେଶ୍ ନିରୁତ୍ସାହଜନକ ରହିଛି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୈଠକରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିଯୋଗୁଁ ଅତିରିକ୍ତ ବଜେଟର ପରିମାଣକୁ ପୂର୍ବ ଆର୍ଥିକ ବର୍ଷ ତୁଳନାରେ କମାଇ ଦିଆଯାଇଥିବା ଆଲୋଚନା ହେଉଛି।


# ରାଜ୍ୟ କ୍ୟାବିନେଟରେ ୩ ପ୍ରସ୍ତାବକୁ ମଞ୍ଜୁରୀ

■ ଭୁବନେଶ୍ୱର, ୨୪।୧୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଅନୁମୋଦିତ ସମସ୍ତ ୩ଟି ପ୍ରସ୍ତାବ ସାଧାରଣ ପ୍ରଶାସନ ବିଭାଗର ହୋଇଥିବା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

୩ଟି ପ୍ରସ୍ତାବ ମଧ୍ୟରୁ ଉଚ୍ଚ ମାଧ୍ୟମିକସ୍ତର କିମ୍ବା ସମାନସ୍ତର ଅଧୀନସ୍ଥ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପୂର୍ବରୁ ଏହି ନିୟମାବଳୀର ଅନୁଚ୍ଛେଦ-୧ରେ ୧୧ଟି ଭିନ୍ନ ପଦବୀ ଅନ୍ତର୍ଭୁକ୍ତ ▶ପୃଷ୍ଠା-୯

### ସମୁଦ୍ର ମଧ୍ୟରେ ଏକାଧିକ ଘୂର୍ଣ୍ଣିବଳୟ

# ଆଗକୁ ବଢ଼ିପାରୁନି ଲଘୁଚାପ



### ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଆଶଙ୍କା କ୍ଷୀଣ

■ ଭୁବନେଶ୍ୱର, ୨୪।୧୧ (ସମିସ): ବର୍ତ୍ତମାନ ପ୍ରଶାନ୍ତ ମହାସାଗରରେ ଗୋଟିଏ ବାତ୍ୟା ସକ୍ରିୟ ରହିଛି। ଏହାସହ ମଲାକ୍କା ସମୁଦ୍ର ଏବଂ ଦକ୍ଷିଣ-ଆଣ୍ଡାମାନ ସାଗର ଉପରେ ଏକ ସଦୃଶ ଲଘୁଚାପ ରହିଛି। ଏହା ବ୍ୟତୀତ କୋମ୍‌ରିନ୍ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଆରବ ସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସମୁଦ୍ର ମଧ୍ୟରେ ଗୋଟିଏ ସମୟରେ ଏତେଗୁଡ଼ିଏ ଲଘୁଚାପ ଓ ଘୂର୍ଣ୍ଣିବଳୟ ଘେରି ରହିଥିବାରୁ ଉଭୟେ ଉଭୟଙ୍କୁ ପ୍ରଭାବିତ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଦୀର୍ଘ ୬ ଦିନ ପରେ ମଧ୍ୟ ମଲ୍ଲାକା ସମୁଦ୍ର ନିକଟରେ ଥିବା ସଦୃଶ ଲଘୁଚାପ ବଙ୍ଗୋପସାଗରରେ ପହଞ୍ଚିପାରି ନାହିଁ। ଏହି ଲଘୁଚାପ ବାତ୍ୟାରେ ପରିଣତ ହେବ ବୋଲି ଆଇଏମ୍‌ଡି ପୂର୍ବରୁ ଆକଳନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ଆଗକୁ ବଢ଼ୁ ନ ଥିବାରୁ ବାତ୍ୟା ସୃଷ୍ଟି ହେବା ଓ ଏହା ଆନ୍ଧ୍ର-ଓଡ଼ିଶା ଉପକୂଳ ମୁହାଁ ହେବା ଉପରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀଲଙ୍କା ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ସହ ଏହା ବାତ୍ୟାରେ ପରିଣତ ହେବା ନେଇ ଆଉ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ▶ପୃଷ୍ଠା-୯

# ଆଇଏଲ୍‌ଏସ୍‌ର ଯକ୍ଷ୍ମା ଟିକା ଗବେଷଣା ସଫଳ




### ବିଶ୍ୱ ବଜାରରେ ଟିକା ପହଞ୍ଚାଇବା ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

■ ଭୁବନେଶ୍ୱର, ୨୪।୧୧ (ସମିସ): ଯକ୍ଷ୍ମା ନିରାକରଣରେ ଦିଗରେ ଏକ ଅଭୂତପୂର୍ବ ସଫଳତା ମିଳିଛି। ଭୁବନେଶ୍ୱର ଆଇଆଇଟି ଏବଂ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲଏସ), ଭୁବନେଶ୍ୱର ମିଳିତ ଭାବେ ଏକ ପ୍ରଭାବଶାଳୀ ଯକ୍ଷ୍ମା ଟିକାର ଉଦ୍ଭାବନ କରିଛନ୍ତି। ଏହି ଟିକାକୁ ବିଶ୍ୱ ବଜାରରେ ପହଞ୍ଚାଇବା ଏବଂ ଅଧିକ ଗବେଷଣା ପାଇଁ ସୋମବାର ଆଇଆଇଟି, ଆଇଏଲ୍‌ଏସ୍ ଏବଂ ନ୍ୟାସନାଲ ରିସର୍ଚ୍ଚ ଡେଭଲପମେଣ୍ଟ କର୍ପୋରେସନ୍ ପକ୍ଷରୁ ଟେକ୍-ଇନଭେନସନ୍ ଲାଇଫ କେୟାର ନାମକ ଘରୋଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଚ୍‌ଏସ୍‌ପି ସବ-ୟୁନିଟ୍ ନାମକ ଏହି ଭାକ୍ସିନ୍ ଯକ୍ଷ୍ମା ନିୟନ୍ତ୍ରଣରେ ବହୁତ ଭଲ ପ୍ରଭାବ ଦେଖାଉଛି। ଆଇଆଇଟିର ପ୍ରଫେସର୍ ଆଶିଷ ବିଶ୍ୱାସ, ଆଇଏଲସର ଡ. ସୁନୀଲ କୁମାର ରାଘବଙ୍କ ନେତୃତ୍ୱରେ ଗବେଷକଙ୍କ ଦଳ ଏହି ସଫଳତା ପାଇଛି।

# ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ଡାକ୍ତରଖାନାରେ ନିର୍ଯାତନା !

### ବୟାନ ବଦଳାଇବାକୁ ନାବାଳିକାଙ୍କ ଉପରେ ପୁଲିସର ଚାପ

### ତଦନ୍ତ ଅଧିକାରୀଙ୍କ ଭୂମିକାକୁ ନେଇ ମା' ଆଣିଲେ ସାଂଘାତିକ ଅଭିଯୋଗ

### ହସ୍ପିଟାଲରେ ନାବାଳିକାଙ୍କୁ ଭେଟିଲେ ବିଜେଡି-କଂଗ୍ରେସ ନେତା

### ନିଜ ଆଡୁ ମାମଲା ରୁଜୁ କଲେ ଶିଶୁ ସୁରକ୍ଷା ଅଧିକାର କମିସନ

■ ଭୁବନେଶ୍ୱର, ୨୪।୧୧ (ସମିସ): ଖୋର୍ଦ୍ଧା ନାବାଳିକା ଗଣଦୁଷ୍କର୍ମ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଚିକିତ୍ସାଧୀନ ପୀଡ଼ିତାଙ୍କୁ ଡାକ୍ତରଖାନାରେ ନିର୍ଯାତନା ଦିଆଯାଉଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ତଦନ୍ତକାରୀ ପୁଲିସ ଅଧିକାରୀ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ସହ ବୟାନ ବଦଳାଇବାକୁ ମାନସିକ ନିର୍ଯାତନା ଦେଉଥିବା ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ଖୋର୍ଦ୍ଧା ବାଘମାରୀ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଗଣଦୁଷ୍କର୍ମ ମାମଲାରେ କିଏ କିଏ ସମ୍ପୃକ୍ତ ଅଛନ୍ତି। ଅପରାଧ କିଭଳି ସଂଗଠିତ ହେଲା, କେଉଁ ପରିସ୍ଥିତିରେ ଅପରାଧ ଘଟିଲା, ଘଟଣା ପଛରେ କେଉଁକେଉଁ ଲୋକ ଅଛନ୍ତି ଆଦି ଅନେକ ପ୍ରଶ୍ନ ପୀଡ଼ିତାଙ୍କୁ କରାଯାଇଛି। ସେ ମଧ୍ୟ ପୁଲିସକୁ ବିସ୍ତୃତ ଭାବରେ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ତେବେ ଏହି ଘଟଣାରେ ପୁଲିସର ଭୂମିକାକୁ ନେଇ ପୀଡ଼ିତାଙ୍କ ମା' ସନ୍ଦେହପ୍ରକଟ କରିବା ସହ ତାଙ୍କ ଝିଅକୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ବୟାନରେ ପୀଡ଼ିତା ଯାହା କହୁଛନ୍ତି ତାକୁ ରେକର୍ଡ ପରିବର୍ତ୍ତେ ବୟାନ ବଦଳାଇବା ଓ ମାମଲା ରଫାଦଫା ପାଇଁ ତଦନ୍ତକାରୀ ଅଧିକାରୀ ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ପ୍ରଭାବଶାଳୀ ଅଭିଯୁକ୍ତଙ୍କୁ ମାମଲାରୁ ଖସାଇବା ପାଇଁ ପୁଲିସ ଆରମ୍ଭରୁ ଯୋଜନା କରୁଛି ବୋଲି ସେ କହିଛନ୍ତି।

ପୀଡ଼ିତାଙ୍କ ମା' ଏପରି ଅଭିଯୋଗ ଆଣିବା ପରେ ପୁଲିସର ଭୂମିକା ଉପରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ କ'ଣ ପାଇଁ, କାହାକୁ ସୁରକ୍ଷା ଦେବାକୁ ଓ କାହା ନିର୍ଦ୍ଦେଶରେ ଚାପ ପକାଉଛି ତାହା ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ପୁଲିସର ତଦନ୍ତ ଉପରେ ପରିବାର ଲୋକ ପ୍ରଶ୍ନ ଉଠାଉଥିବାରୁ ଘଟଣାର ତଦନ୍ତକାରୀ ଅଧିକାରୀଙ୍କୁ କାହିଁକି ବଦଳାଯାଉ ନାହିଁ ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ବିଜେଡି ଓ କଂଗ୍ରେସ ଦଳର ନେତାମାନେ ଡାକ୍ତରଖାନାରେ ପୀଡ଼ିତାଙ୍କୁ ଭେଟି ତାଙ୍କର୍ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଶିଶୁ ସୁରକ୍ଷା କମିଶନରଙ୍କ ଅଧ୍ୟକ୍ଷତାରେ ଶିଶୁ ସୁରକ୍ଷା ଆୟୋଗର ଏକ ୩ ଜଣିଆ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟିଛନ୍ତି। ଆୟୋଗ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିସନର ବବିତା ପାତ୍ର କହିଛନ୍ତି। ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୬ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଭିନ୍ନ ସ୍ଥାନରେ ଚଢଉ କରିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।


# ଅଲ୍‌ବିଦା ହି-ମ୍ୟାନ୍

## କୃଷ୍ଣ ଦେଓ୍ୱଲରୁ ଧର୍ମେନ୍ଦ୍ର

ଧର୍ମେନ୍ଦ୍ରଙ୍କ ପ୍ରକୃତ ନାଁ କୃଷ୍ଣ ଦେଓ୍ୱଲ। ତେବେ ସେ ଫିଲ୍ମକୁ ଆସିବା ପରେ ଧର୍ମେନ୍ଦ୍ର ନାଁରେ ଲୋକପ୍ରିୟ ହେଲେ। ସେ ୧୯୩୫ ମସିହା ଡିସେମ୍ବର ୮ ତାରିଖରେ ଲୁଧିଆନାର ସାହନେବାଲ ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢ଼ିଛନ୍ତି। ଆଗକୁ ପଢ଼ିବାକୁ ଚାହୁଁଥିଲେ, ହେଲେ ଅଭିନୟ ନିଶା ତାଙ୍କର ଏତେ ବେଶି ହେଲା ଯେ ସେ ଆଉ ପାଠ ପଢ଼ିଲେ ନାହିଁ।



ଆଉ ନାହାଁନ୍ତି ବଲିଉଡ୍‌ର **ହି-ମ୍ୟାନ୍** ଧର୍ମେନ୍ଦ୍ର। ଅସଂଖ୍ୟ ପ୍ରଶଂସକଙ୍କୁ ଶୋକ ସାଗରରେ ଭସାଇ ୮୯ ବର୍ଷ ବୟସରେ ସୋମବାର ପରଲୋକ ଗମନ କରିଛନ୍ତି 'ଡ୍ରିମ୍‌ଗର୍ଲ'ଙ୍କ ଡ୍ରିମ୍ ପୁରୁଷ ବୀରୁ। ରୋମାଣ୍ଟିକ୍ ହେଉ କି ଆକ୍ସନ୍ ଅଥବା କମେଡ଼ି ପ୍ରତ୍ୟେକ ଚରିତ୍ରକୁ ପରଦାରେ ଜୀବନ୍ତ କରିପାରୁଥିଲେ ସେ। ସାତ ଦଶନ୍ଧିର କ୍ୟାରିୟରରେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରୀରେ ସବୁଠୁ ଅଧିକ ହିଟ୍ ଫିଲ୍ମ ଦେବାର ଶ୍ରେୟ ଧର୍ମେନ୍ଦ୍ରଙ୍କୁ ଯାଏ। 'ଦିଲ୍ ଭି ତେରା ହମ୍ ଭି ତେରେ' ଫିଲ୍ମରୁ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। 'ଫୁଲ୍ ଔର୍ ପଥର' ଫିଲ୍ମ ଦେଇଥିଲା ତାଙ୍କୁ 'ହି-ମ୍ୟାନ୍'ର ପରିଚୟ। ଏହି ଫିଲ୍ମରେ ସେ ସାର୍ଟ ଖୋଲି ଦର୍ଶକଙ୍କ ପ୍ରିୟ 'ହି-ମ୍ୟାନ୍' ପାଲଟି ଯାଇଥିଲେ। ସେ ହିନ୍ଦୀ ସିନେମାର ପ୍ରଥମ ଆକ୍ସନ୍ ଷ୍ଟାର୍ ଥିଲେ। ଷ୍ଟଣ୍ଟ ମ୍ୟାନ୍ ବିନା ନିଜେ ଷ୍ଟଣ୍ଟ ସିନ୍ କରୁଥିଲେ। 'ଶୋଲେ', 'ଚୁପ୍‌କେ ଚୁପ୍‌କେ', 'ସତ୍ୟକାମ', 'ଅନୁପମା', 'ଧରମ୍‌ବୀର' ଆଦି ଫିଲ୍ମରେ ସେ ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ। ବୟସାଧିକ ସତ୍ତ୍ୱେ ବି ଧର୍ମେନ୍ଦ୍ର ଅଭିନୟ ଛାଡ଼ି ନ ଥିଲେ। ତାଙ୍କୁ ଶେଷଥର ପାଇଁ 'ତେରି ବାତୋଁ ମେଁ ଐସା ଉଲ୍‌ଝା ଜିୟା'ରେ ଦେଖିବାକୁ ମିଳିଥିଲା। ସେ 'ଇକ୍କିସ୍' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ଏହି ଫିଲ୍ମଟି ଡିସେମ୍ବର ୨୫ରେ ରିଲିଜ ହେବ। ହେଲେ ତାଙ୍କ ଫିଲ୍ମ ରିଲିଜ୍ ହେବା ପୂର୍ବରୁ ସେ ଏ ଦୁନିଆରୁ ବିଦାୟ ନେଇଛନ୍ତି। ଜୀବନ ଯୁଦ୍ଧରେ ହାରିଯାଇଥିଲେ ସୁଦ୍ଧା ଧର୍ମେନ୍ଦ୍ର ତାଙ୍କର ସ୍ମିତହାସ୍ୟ, ଗମ୍ଭୀର ସଂଳାପ, ବଳିଷ୍ଠ ଅଭିନୟ ମାଧ୍ୟମରେ ସବୁବେଳେ ଦର୍ଶକଙ୍କ ହୃଦୟରେ ରହିବେ।





## ଅମର କରିଛି 'ବୀରୁ'

ସେ ତାଙ୍କ ସିନେମା କ୍ୟାରିୟରରେ ୩୦୦ ସିନେମା କରିଛନ୍ତି। ହେଲେ ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ସିନେମା ହେଉଛି 'ଶୋଲେ।' ଏହି ସିନେମାରେ ବୀରୁ ଚରିତ୍ର ତାଙ୍କୁ ଅମର କରାଇଛି। ଧର୍ମେନ୍ଦ୍ରଙ୍କ ନାଁ ନେବା ମାତ୍ରେ ହିଁ ଏହି ଚରିତ୍ରଟି ଆପେ ସମସ୍ତଙ୍କ ମନକୁ ଆସିଯାଏ। ସିନେମାଟି ଏବେ ଏବେ ଗୋଲଡେନ ଜୁବଲି ମଧ୍ୟ ପୂରା କରିଛି।

## ଦୁଇ ଥର ବିବାହ

ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର ଦୁଇ ଥର ବିବାହ କରିଥିଲେ। ୧୯୫୪ ମସିହାରେ ପ୍ରଥମେ ସେ ପ୍ରକାଶ କୌରଙ୍କୁ ବିବାହ କରିଥିଲେ। ସେତେବେଳେ ସେ ଦୁଇଟି ପୁତ୍ର ସନ୍ତାନ ଓ ଦୁଇଟି କନ୍ୟା ସନ୍ତାନର ପିତା ହୋଇଥିଲେ। ସେମାନେ ହେଲେ ସନି ଦେଓ୍ୱଲ, ବବି ଦେଓ୍ୱଲ, ବିଜେତା ଦେଓ୍ୱଲ ଏବଂ ଅଜିତା ଦେଓ୍ୱଲ। ସେହିପରି ୧୯୮୦ ମସିହାରେ ତାଙ୍କଠାରୁ ୧୩ ବର୍ଷ ସାନ ଡ୍ରିମ୍‌ଗର୍ଲ ହେମାମାଳିନୀଙ୍କ ସହିତ ତାଙ୍କର ଦ୍ୱିତୀୟ ବିବାହ ହେଲା। ପରବର୍ତ୍ତୀ ସମୟରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କର ଈଶା ଓ ଅହାନା ହେଲେ ଦୁଇ ସନ୍ତାନ। 'ତୁମ୍ ହସିନ୍ ମେଁ ଜବାନ୍' ସେଟ୍‌ରେ ହେମାମାଳିନୀଙ୍କ ସହ ଧର୍ମେନ୍ଦ୍ରଙ୍କ ପ୍ରଥମ ସାକ୍ଷାତ ହୋଇଥିଲା। ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଗଲା। ଦୁହେଁ ପରସ୍ପରକୁ ଭଲ ପାଇ ବସିଲେ। ଧର୍ମେନ୍ଦ୍ର ବିବାହିତ ଜାଣି ବି ଡ୍ରିମ୍‌ଗର୍ଲ ତାଙ୍କ ସହିତ ବିବାହ କରିବାକୁ ରାଜି ହୋଇଥିଲେ। ଅନ୍ୟପଟେ ଧର୍ମେନ୍ଦ୍ର ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁ ନ ଥିଲେ। ତେଣୁ ହେମାମାଳିନୀଙ୍କୁ ସେ ୨୧ ଅଗଷ୍ଟ ୧୯୭୯ ମସିହାରେ ଇସ୍‌ଲାମ୍ ରୀତିନୀତିରେ ବିବାହ କଲେ। ପରେ ଏହି ଦମ୍ପତି ୨ ମଇ, ୧୯୮୦ ମସିହାରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ।



## ପ୍ରଥମ ରୋଜଗାର ୫୧ ଟଙ୍କା

୧୯୬୦ ମସିହାରେ ଧର୍ମେନ୍ଦ୍ର ତାଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଅର୍ଜୁନ ହିଙ୍ଗୋରାନୀଙ୍କ ପ୍ରଥମ ଫିଲ୍ମ 'ଦିଲ୍ ଭି ତେରା, ହମ୍ ଭି ତେରେ'ରେ ତାଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କୁ ପାରିଶ୍ରମିକ ୫୧ ଟଙ୍କା ମିଳିଥିଲା। ତେବେ ସେ ତାଙ୍କ କ୍ୟାରିୟରର ଆରମ୍ଭ ରୋମାଣ୍ଟିକ୍ ହିରୋ ଭାବେ କରିଥିଲେ। ଅବଶ୍ୟ ଖୁବ୍‌ଶୀଘ୍ର ସେ ଆକ୍ସନ ଷ୍ଟାର୍ ଭାବେ ଲୋକପ୍ରିୟ ହୋଇଥିଲେ। କେବଳ ସେତିକି ନୁହେଁ; ୧୯୬୦-୭୦ରେ ସବୁଠୁ ଅଧିକ ଫିଲ୍ମ ସାଇନ୍ କରିଥିବା ଅଭିନେତା ପାଲଟିଲେ। ଏହି ସମୟରେ ସେ 'ହି ମ୍ୟାନ୍' ଭାବେ ଲୋକପ୍ରିୟ ହେଲେ।



## ବିବାହ ପରେ ଅଭିନୟ

ଧର୍ମେନ୍ଦ୍ରଙ୍କ ପ୍ରଥମ ବିବାହ ପରେ ଫିଲ୍ମ କ୍ୟାରିୟର କରିବା ପାଇଁ ମୁମ୍ବାଇ ଆସିଲେ। ସେ ଫିଲ୍ମଫେୟାର୍ ମାଗାଜିନ୍‌ର 'ନ୍ୟୁ ଟ୍ୟାଲେଣ୍ଟ ଆଓ୍ୱାର୍ଡ' ଜିତି ମୁମ୍ବାଇ ଆସିଥିଲେ। ୧୯୬୦ ମସିହାରେ ସେ 'ଦିଲ୍ ଭି ତେରା ହମ୍ ଭି ତେରେ' ସିନେମାରୁ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ଏହି ସିନେମା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ତାଙ୍କ ପ୍ରଥମ ସିନେମା ଫ୍ଲପ୍ ହୋଇଥିଲା; ହେଲେ ତାଙ୍କ କ୍ୟାରିୟରର ରାସ୍ତା ଖୋଲି ଯାଇଥିଲା। ଏହାପରେ ସେ ୧୯୬୧ ମସିହାରେ ଲଗାତାର ଅନେକ ହିଟ୍ ସିନେମା ଭେଟି ଦେଲେ। 'ସୋଲା ଔର୍ ଶବ୍‌ନମ୍', 'ଅନ୍‌ପଢ଼', 'ବନ୍ଦିନୀ', 'ଶୋଲେ', 'ସୀତା ଔର୍ ଗୀତା', 'ଧରମ୍ ବୀର୍', 'ୟାଦୋଁ କି ବାରାତ୍', 'ଚରସ୍', 'ଚୁପ୍‌କେ ଚୁପ୍‌କେ' ଭଳି ସିନେମାରେ ଦର୍ଶକଙ୍କ ମନ ଜିଣିଛନ୍ତି। ସେ କେବଳ ଅଭିନେତା ଭାବେ ନୁହେଁ; ପ୍ରଯୋଜକ ଭାବେ ବି କାମ କରି ସଫଳତା ଅର୍ଜନ କରିଛନ୍ତି।



## ଅଭୁଲା ସଂଳାପ

'ବସନ୍ତୀ ଇନ୍ କୁତୋ କେ ସାମ୍ନେ ମତ୍ ନାଚ୍' (ଶୋଲେ)

'ଉମା ଜି! ସାୟଦ୍ ଆପ୍ କଭି ଖୁଦ୍ କୋ ହସ୍‌ତେ ହୁଏ ନହିଁ ଦେଖା, କଭି ଚୁପ୍‌କେ ସେ ଆଇନେ କେ ସାମ୍‌ନେ ଜା କର୍ ଦେଖିଏ, ଔର୍ ଦେଖିଏ, ୟେ ହସି କିତ୍‌ନେ ଖୁବ୍ ସୁରତ୍ ହୈ।' (ଅନୁପମା)

'କୁତେ କମିନେ, ମେଁ ତେରା ଖୁନ୍ ପି ଯାଉଁଙ୍ଗା' (ୟାଦୋଁ କେ ବାରାତ୍)

ହ୍ୱେନ୍ ଆଇ ଡେଡ୍, ପୁଲିସ୍ କମିଂ...ପୁଲିସ୍ କମିଂ, ବୁଢ଼ିଆ ଗୋଇଙ୍ଗ ଜେଲ୍...ଇନ୍ ଜେଲ୍ ବୁଢ଼ିଆ ଚକି ପିସିଂ ଆଣ୍ଡ ପିସିଂ, ଆଣ୍ଡ ପିସିଂ, ଆଣ୍ଡ ପିସିଂ।' (ଶୋଲେ)

'ମର୍ଦ୍ଦ କା ଖୁନ୍ ଔର୍ ଔରତ୍ କା ଆଁସୁ ଜବ୍ ତକ୍ ନ ବହେ... ଉନ୍ କି କିମତ୍ ନହିଁ ଲଗାୟୀ ଜା ସକ୍‌ତି।' (ଧରମ୍ ବୀର୍)

'କିସି ଭି ଭାଷା କା ମଜାକ୍ ଉଡ଼ାନା ଘଟିୟାପନ୍ ହୈ, ଔର୍ ମେଁ ୱହି କର୍ ରହା ହୁଁ।' (ଚୁପ୍‌କେ ଚୁପ୍‌କେ)

## ଶ୍ରେଷ୍ଠ ସିନେମା

- ବନ୍ଦିନୀ (୧୯୬୩)
- ହକିକତ୍(୧୯୬୪)
- ଅନୁପମା (୧୯୬୬)
- ଫୁଲ୍ ଔର୍ ପଥର୍ (୧୯୬୬)
- ଆଙ୍ଖେଁ (୧୯୬୮)
- ସତ୍ୟକାମ୍ (୧୯୬୯)
- ଜୀବନ୍ ମୃତ୍ୟୁ (୧୯୭୦)
- ମେରା ଗାଓଁ ମେରା ଦେଶ(୧୯୭୧)
- ଗୁଡ଼ି (୧୯୭୧)
- ଶୋଲେ (୧୯୭୫)
- ଚୁପ୍‌କେ ଚୁପ୍‌କେ (୧୯୭୫)
- ଡ୍ରିମ୍‌ଗର୍ଲ (୧୯୭୭)
- ଧରମ୍ ବୀର୍ (୧୯୭୭)
- ୟମ୍‌ଲା, ପଗ୍‌ଲା, ଦିୱାନା (୨୦୧୧)

## ଶେଷ ଇନ୍‌ଷ୍ଟା ପୋଷ୍ଟ

ଅକ୍ଟୋବର ୨ ତାରିଖରେ ଧର୍ମେନ୍ଦ୍ର ଇନଷ୍ଟାଗ୍ରାମ୍‌ରେ ଶେଷ ପୋଷ୍ଟ କରିଥିଲେ। ସେ ତାଙ୍କ ଆକାଉଣ୍ଟ @ଆପ୍‌କା ଧରମ୍‌ରେ ଏକ ଭିଡିଓ ବାର୍ତ୍ତା ସେୟାର୍ କରିଥିଲେ। ସେ ଏକ କାର୍ ଉପରେ ବସି ହାତରେ ଗାଡ଼ିର ଷ୍ଟିୟରିଂ ଧରିଥିବା ଏହି ଭିଡିଓରେ ଦେଖିବାକୁ ମିଳିଥିଲା। ନିଜ ଷ୍ଟାଇଲ୍ ଓ ଅନ୍ଦାଜ୍‌ରେ ସେ ନିଜ ପ୍ରଶଂସକଙ୍କୁ ପବିତ୍ର ଦଶହରାର ଶୁଭେଚ୍ଛା ଜଣାଇଥିଲେ।

■ ଦାବି ପୂରଣ କରୁନାହାନ୍ତି ସରକାର

# ୩ରୁ ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଚେତାବନୀ

ପୁରୀ,୨୪।୧୧(ସମିସ): ଆସନ୍ତା ୩ତାରିଖରୁ ଆୟୁଷ ଡାକ୍ତର ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଡା. ବିଶ୍ୱରଞ୍ଜନ ଜେନା ଏହି ସୂଚନା ଦେଇଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ସେବା ଯୋଗାଇ ଆସୁଥିବା ପ୍ରାୟ ୩ ହଜାର ଆୟୁଷ ଡାକ୍ତରଙ୍କ ପ୍ରତି ସରକାର ଚରମ ଅବହେଳା କରିଆସୁଥିବା ସଂଘ ଅଭିଯୋଗ କରିଛି। ୨୪ବର୍ଷ ହେବ ସେବା ଯୋଗାଇ ଆସୁଥିଲେ ମଧ୍ୟ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୈନିକ ରୋଗୀ ସେବା, ପ୍ରାକୃତିକ ବିପର୍ଯ୍ୟୟ ଓ କୋଭିଡ୍ ବେଳେ ଡାକ୍ତରମାନେ ନିରବଚ୍ଛିନ୍ନ ସେବା ଯୋଗାଇ ଆସିଛନ୍ତି। କିନ୍ତୁ ଆୟୁଷ ଡାକ୍ତରଙ୍କ ଦାବି ପ୍ରତି ସରକାର ଆନ୍ତରିକତା ଦେଖାଉ ନଥିବାରୁ କ୍ଷୋଭ ପ୍ରକାଶ ପାଇଛି।

ଏପରିକି ରାଜ୍ୟ ସରକାରଙ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଅଧୀନସ୍ଥ ୬୮ଜଣ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିୟମିତ କରାଗଲାନାହିଁ। ସେହିପରି, ଆୟୁଷ ଡାକ୍ତରଙ୍କ ୧୦ଦଫା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ହେଲେ, ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ମହିଳା ଆୟୁଷ ଡାକ୍ତର ସୀମାରାଣୀ ସ୍ୱାଇଁ କହିଛନ୍ତି। ଚାକିରି ନିୟମିତ କରିବା, ଅବସରକାଳୀନ ଭତ୍ତା, ସମାନ କାମକୁ ସମାନ ଦରମା ପ୍ରଦାନ, ୧୧ମାସିଆ ଚୁକ୍ତି ଉଚ୍ଛେଦ, ମୃତ୍ୟୁ ହେଲେ ଆର୍ଥିକ କ୍ଷତିପୂରଣ ପ୍ରଦାନ ଆଦି ୧୦ ଦଫା ଦାବି ପୂରଣ ନେଇ ସଂଘ ସରକାରଙ୍କ ନିକଟରେ ଦାବି ରଖିଛି। ମାତ୍ର ଦାବି ପୂରଣ ହୋଇ ନ ଥିବାରୁ ଆସନ୍ତା ଡିସେମ୍ବର ୩ରୁ ସମୂହ ଆୟୁଷ ଡାକ୍ତର କାର୍ଯ୍ୟ ବନ୍ଦ କରିବେ ବୋଲି ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଡା. ଜେନା ଚେତାବନୀ ଦେଇଛନ୍ତି।

# ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପିତ



ବରଗଡ଼, ୨୪।୧୧ (ସମିସ): ୭୮ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ସୋମବାର ସ୍ଥାପିତ ହୋଇଛି। ପ୍ରଥମେ ଇଷ୍ଟଦେବୀ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବରଗଡ଼ ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ରୀତିନୀତି ଆନୁସାରେ ପୂଜା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ରାଜପୁରୋହିତ ନିଖିଲ ଦାଶ ପୂଜାର୍ଚ୍ଚନା କରିଥିଲେ। ଏହାବ୍ୟତୀତ, ଚଳିତବର୍ଷ ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନେଇ ଆଲୋଚନା ହୋଇଥିଲା। ଯାତ୍ରାରେ ଆଇନଶୃଙ୍ଖଳା ରକ୍ଷା ପାଇଁ କମିଟି ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଯାତ୍ରାରେ ଲକ୍ଷଲକ୍ଷ ଦର୍ଶକଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ପୁଲିସ ବିଭାଗ ସଜାଗ ରହିଛି ବୋଲି ବରଗଡ଼ ଏସ୍‌ପି ଓ ଜିଲ୍ଲାପାଳ କହିଥିଲେ।

ଏହି ଅବସରରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା, ଉପ-ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସମେତ ଧନୁଯାତ୍ରା କମିଟି ତଥା କଂସ ଅଭିନୟ କରୁଥିବା କଳାକାର ସୁଶୀଲ ମେହେର, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଅକ୍ରୂର ମଲ୍ଲିକ, ଗୋପାଳ ଦାଶ, ଅବନୀ ପଣ୍ଡା, ମହାମନ୍ତ୍ରୀ ଗୋଲାପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ଗର୍ଜିଲେ ଅଙ୍ଗନୱାଡି କର୍ମୀ

## କର୍ମୀଙ୍କୁ ୧୮ ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଦରମା ଦାବି



ଭୁବନେଶ୍ୱର, ୨୪।୧୧(ସମିସ): ଅଙ୍ଗନବାଡି କର୍ମୀମାନେ ୧୧ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ସୋମବାର କରିଛନ୍ତି ବିରାଟ ଆନ୍ଦୋଳନ। ହଜାର ହଜାର କର୍ମୀ ଏକାଠି ହୋଇ ନିର୍ବାଚନ ପୂର୍ବରୁ ବିଜେପି ବିଧାୟକ ଓ ନେତାମାନେ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇଛନ୍ତି। ଦେଢ଼ ବର୍ଷ ପରେ ମଧ୍ୟ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଏବେ ଦାବି ପୂରଣ କର, ନହେଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି। ଅଙ୍ଗନବାଡି କର୍ମୀଙ୍କ ଦରମା ୧୮ ହଜାର ଏବଂ ସହକର୍ମୀଙ୍କ ଦରମା ୯ ହଜାର କରିବା ପାଇଁ ସଂଘ ଦାବି କରିଛି। ଏହାସହ ସରକାରୀ ମାନ୍ୟତା ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ୫ ହଜାର ଏବଂ ସହକର୍ମୀଙ୍କୁ ୩ ହଜାର ପେନସନ, ପଦୋନ୍ନତି, ମୃତ୍ୟୁକାଳୀନ ସହାୟତା, ଅବସର ସମୟରେ କର୍ମୀଙ୍କୁ ୧୦ ଲକ୍ଷ ଓ ସହକର୍ମୀଙ୍କୁ ୫ଲକ୍ଷ ପ୍ରଦାନ ପରି ୧୧ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ବିଧାନସଭାରେ ଅଧିବେସନରେ ସେମାନଙ୍କ ଦାବି ପୂରଣ ପାଇଁ ସରକାର ଘୋଷଣା ନ କଲେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ସଂଘର ସଭାନେତ୍ରୀ ସୁମିତ୍ରା ମହାପାତ୍ର ଓ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ କହିଛନ୍ତି।

## ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

# ଝାରପଡ଼ା ଜେଲ୍ ଗଲେ ଶଙ୍କର ପୃଷ୍ଟି ସମେତ ୧୨ ଅଭିଯୁକ୍ତ

ବ୍ରହ୍ମପୁର, ୨୪।୧୧ (ସମିସ): ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ମାମଲାରେ ବ୍ରହ୍ମପର ଜେଲ୍‌ରେ ଥିବା ୧୨ଅଭିଯୁକ୍ତଙ୍କୁ ଆଜି ରାତିରେ ଭୁବନେଶ୍ୱର ଝାରପଡ଼ା ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ମାଷ୍ଟରମାଇଣ୍ଡ ତଥା ପଞ୍ଚସପ୍ତ ଟେକ୍ନୋଲୋଜିସ ପ୍ରାଇଭେଟ ଲିମିଟେଡର ମାଲିକ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣଛାଇ ଗ୍ରାମର ଶଙ୍କର ପୃଷ୍ଟି ସମେତ ସିଲିକନ ଟେକ୍ କମ୍ପାନୀର ମାଲିକ ସୁରେଶ ଚନ୍ଦ୍ର ନାୟକ, ମୁଖ୍ୟ ଦଲାଲ ଅରବିନ୍ଦ ଦାସ ଓ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶନୀ ସାମଲ, ସାଗର କୁମାର ଗୌଡ଼, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ ଓ ତଫିମ ଅହମ୍ମଦ ଖାନ।

ସିବିଆଇର ତଦନ୍ତକାରୀ ଅଧିକାରୀ ତଥା ଅତିରିକ୍ତ ଏସପି ବୈଦ୍ୟନାଥ ସାମଲ ଓ ସିବିଆଇ ଓକିଲ ଏ. କୁମାରଙ୍କ ସମେତ ୪ଜଣ ଅଧିକାରୀ ସୋମାବାର ଅପରାହ୍ଣରେ ବ୍ରହ୍ମପୁରସ୍ଥିତ ଜିଲ୍ଲା କୋର୍ଟ ପରିସରରେ ପିପି ବିଶ୍ୱଜିତ ବରାଳଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ସହ ମଧ୍ୟ ମାମଲା ସମ୍ପର୍କରେ ପୃଥକ ଭାବେ ଆଲୋଚନା କରିଥିଲେ। ସିବିଆଇକୁ ତଦନ୍ତରେ ପୁଲିସ ସମସ୍ତ ସହଯୋଗ କରିବ ବୋଲି ଏସପି ପ୍ରତିଶ୍ରୁତି ଦେଇଥିଲେ। ପରେ ବିଳମ୍ବିତ ରାତିରେ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାର କରାଯାଇ ଭୁବନେଶ୍ୱର ଅଭିମୁଖେ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇଥିଲା।

ମାମଲାର ତଦନ୍ତଭାର ସିବିଆଇକୁ ହସ୍ତାନ୍ତର ପରେ ସମସ୍ତ ନଥିପତ୍ର ସହ ମାମଲାକୁ ସିବିଆଇ ଅଦାଲତକୁ ସ୍ଥାନାନ୍ତର କରିବାକୁ ଜେଏମ୍‌ଏଫ୍‌ସି କୋର୍ଟରେ ସିବିଆଇ ପକ୍ଷରୁ ଆବେଦନ କରାଯାଇଥିଲା। ସେହିପରି ମଣ୍ଡଳ କାରାଗାରରେ ଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ସମେତ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲକୁ ସ୍ଥାନାନ୍ତର ପାଇଁ ମଧ୍ୟ ନିବେଦନ କରିଥିଲା ସିବିଆଇ।

ପୂର୍ବରୁ ମାମଲାରେ ଗିରଫ ହୋଇ ମଣ୍ଡଳ କାରାଗାରରେ ଥିବା ୧୧୪ଜଣ ଏସଆଇ ଚାକିରି ଆଶୟୀଙ୍କୁ କୋର୍ଟରୁ ଜାମିନ ମିଳିବା ପରେ ସେମାନେ ମୁକୁଳିଥିଲେ। ଏପଟେ ସିବିଆଇ ମାମଲାର ତଦନ୍ତ ଜାରି ରଖିଥିବାରୁ ବ୍ରହ୍ମପୁର ଗୋଳନ୍ଥରା ଥାନା ଅଧିକାରୀ ତଥା ଡିଏସପି ବିବେକାନନ୍ଦ ସ୍ୱାଇଁ ଏବଂ କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ସ୍ୱାଇଁଙ୍କଠାରୁ ମାମଲା ସମ୍ପର୍କିତ କାଗଜପତ୍ର ହାସଲ କରିଛି ସିବିଆଇ।

ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୨୯ ତାରିଖରେ ୩ଜଣ ଦଲାଲ ଓ ୧୧୪ଜଣ ଚାକିରି ଆଶୟୀଙ୍କୁ ବ୍ରହ୍ମପୁର ପୁଲିସ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳରୁ କାବୁ କରିବା ପରେ ଏହି ଜାଲିଆତିର ପର୍ଦ୍ଦାଫାସ ହୋଇଥିଲା। ଏନେଇ ପ୍ରଥମେ ଗୋଳନ୍ଥରା ଥାନାରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

# ଛାତରୁ ଖସି ଦୁଇ ଓଡ଼ିଆ ଦାଦନଙ୍କ ମୃତ୍ୟୁ

ସୋର, ୨୪।୧୧ (ସମିସ): ପୁଣି ଦାଦନ ଦୁଃଖ। ଚେନ୍ନାଇରେ ଦାଦନ ଖଟୁଥିବା ବାଲେଶ୍ୱର ଜିଲ୍ଲା ସୋର ଥାନା ଦାଣ୍ଡହରିପୁର ଗ୍ରାମର ଦୁଇ ଶ୍ରମିକ ଛାତରୁ ପଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଦାଣ୍ଡହରିପୁର ଗ୍ରାମର ଶଶିକାନ୍ତ ମଳିକ (୪୫), ବୀରେନ୍ଦ୍ର ମଳିକ (୩୫)। ଏହି ଦୁର୍ଘଟଣାରୁ ସେମାନଙ୍କ ସାଥୀ ଅରୁଣ ମଳିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ଶଶିକାନ୍ତ, ବୀରେନ୍ଦ୍ର ଓ ଅରୁଣ ଚେନ୍ନାଇର ଏକ ସ୍କ୍ରାପ୍ କମ୍ପାନୀରେ କାମ କରନ୍ତି। ଗତ ଶନିବାର ୩ଜଣ ଯାକ ଏକ ବିଲଡିଂ ଉପରେ ଚଢ଼ି କାନ୍ଥ ଭାଙ୍ଗୁଥିବା ବେଳେ ଶଶିକାନ୍ତ ଏବଂ ବୀରେନ୍ଦ୍ର ଅସାବଧାନତା ବଶତଃ ତିନି ମହଲାରୁ ତଳକୁ ଖସି ପଡ଼ିଥିଲେ। ତେବେ ସୌଭାଗ୍ୟବଶତଃ ଅରୁଣ ଏକ ରଡ୍‌କୁ ଧରି ଝୁଲି ରହି ନିଜ ଜୀବନ ବଞ୍ଚାଇଥିଲେ। ସାଥୀ ଶ୍ରମିକମାନେ ଦୁହିଁଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏହି ଖବର ମିଳିବା ପରେ ଦୁହିଁଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଥିଲା। ଖବର ପାଇ ଉଭୟଙ୍କ ପରିବାରଲୋକେ ଚେନ୍ନାଇରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ଅପରାହ୍ଣରେ ଉଭୟଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଉଭୟଙ୍କ ମରଶରୀରକୁ ଦୁଇଟି ସ୍ୱର୍ଗରଥରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ସରପଞ୍ଚ ମୋନିକା ପରିଡ଼ା, ସମିତି ସଭ୍ୟା ସାଇସ୍ମିତା ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା କରିବା ପରେ ଉଭୟଙ୍କ ଶବକୁ ଅନ୍ତିମ ସଂସ୍କାର କରାଯାଇଛି।

## ବିଧାୟକଙ୍କ ସୁପାରିସରେ ଶିକ୍ଷକ ବଦଳି ପ୍ରସଙ୍ଗ

# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ, ୨୪।୧୧ (ସମିସ): ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିବା ନେଇ ରାଜ୍ୟ ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ମାମଲାଗୁଡ଼ିକର ଶୁଣାଣି ଆଜି ହାଇକୋର୍ଟରେ ଶେଷ ହୋଇଛି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ସଂକ୍ରାନ୍ତୀୟ ୩୦ରୁ ଅଧିକ ମାମଲାର ଏକତ୍ର ପୂର୍ଣ୍ଣାଙ୍ଗ ଶୁଣାଣି କରାଯାଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଏବଂ ଅନ୍ୟ ପ୍ରତିପକ୍ଷଙ୍କ ତରଫରୁ ଚୂଡ଼ାନ୍ତ ପର୍ଯ୍ୟାୟ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଓ ଦେଶର ଅନ୍ୟ ହାଇକୋର୍ଟମାନଙ୍କ ରାୟର ନଜିର ମଧ୍ୟ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ହାଇକୋର୍ଟ ମାମଲାଗୁଡ଼ିକର ରାୟ ସଂରକ୍ଷିତ ରଖିଛନ୍ତି। ତେବେ ମାମଲାର ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ପୂର୍ବରୁ ଜାରି କରାଯାଇଥିବା ଅନ୍ତରୀଣ ରହିତାଦେଶ ବଳବତ୍ତର ରହିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କେତେକ ଜିଲ୍ଲାରେ ବିଧାୟକଙ୍କ ସୁପାରିସ ଆଧାରରେ ଜାରି କରାଯାଇଥିବା ବଦଳି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୨, ମେ' ୧୫ରେ ପ୍ରକାଶିତ ବଦଳି ଗାଇଡ୍‌ଲାଇନ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଏହି ବଦଳି ଆଦେଶ ଜାରି କରାଯାଇଛି। ପୂର୍ବରୁ ହାଇକୋର୍ଟ ମାମଲାଗୁଡ଼ିକର ପ୍ରାରମ୍ଭିକ ଶୁଣାଣି କରି ବଦଳି ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ଆବେଦନକାରୀମାନେ ସମାନ ପଦବୀରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ ବୋଲି କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ଓ ଡ. ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିବା ବେଳେ ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଯୁକ୍ତି ଉପସ୍ଥାପନ କରିଥିଲେ।

> ୩୦ରୁ ଅଧିକ ମାମଲାର ଚୂଡ଼ାନ୍ତ ଯୁକ୍ତି ଉପସ୍ଥାପନ; ଅନ୍ତରୀଣ ରହିତାଦେଶ ବଳବତ୍ତର

# +୨ ପରୀକ୍ଷା ଦେବେ ୪ ଲକ୍ଷ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୪ ।୧୧(ସମିସ): ଫେବୃଆରୀ ତୃତୀୟ ସପ୍ତାହଠାରୁ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। କଳା ବର୍ଗରେ ସର୍ବାଧିକ ୨ଲକ୍ଷ ୫୪ହଜାର ୩୨୬ଜଣ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର, ବାଣିଜ୍ୟରେ ୨୪ ହଜାର ୩୬୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୮୮୭ଜଣ ପିଲା ରହିଛନ୍ତି। ତନ୍ମଧ୍ୟରେ ୩ ଲକ୍ଷ ୭୩ ହଜାର ୯୧୦ ରେଗୁଲାର୍ ଏବଂ ୨୪ ହଜାର ୬୭୨ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀ ରହିଛନ୍ତି।

ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଫର୍ମ ପୂରଣ ପ୍ରକ୍ରିୟା ସରିଥିବା ବେଳେ ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହେବ। ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ରୁ ୨୫ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍‌ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗରୁମ୍ ସମେତ ପରୀକ୍ଷା ହଲ୍, ଲାବରୋଟାରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍‌ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷକରି ପ୍ରଥମଥର ପାଇଁ ସେଣ୍ଟର୍ ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ଆସନ୍ତା ୨୯ ତାରିଖ ସୁଦ୍ଧା ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧା ପ୍ରସାରଣ ଦେଖିବା ସହ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ, ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

**ଅଢ଼େଇ ମାସ ହେଲା ନିଖୋଜ ଥିଲେ**

# ପୋଖରୀରୁ ମିଳିଲା ଓକିଲଙ୍କ କଙ୍କାଳ, କାର୍

ବାରିପଦା / ସାରସକଣା, ୨୪ ।୧୧ (ସମିସ): ଅଢ଼େଇ ମାସ ଧରି ନିଖୋଜ ଥିବା ଜଣେ ଆଇନଜୀବୀଙ୍କ କଙ୍କାଳ ଆଜି ଏକ ପୋଖରୀରୁ ଉଦ୍ଧାର ହୋଇଛି। ମୃତ ଆଇନଜୀବୀଜଣଙ୍କ ହେଲେ, ବିଶୋଇ ଥାନା ଅଧୀନ ଟୁରକଟୁଟାଣୀ ଗ୍ରାମର ଗୁଲେଶ ଚନ୍ଦ୍ର ଗୋଛାୟତ (୪୨)। ପୋଖରୀରୁ ତାଙ୍କ କାର୍ ମଧ୍ୟ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଗୁଲେଶଙ୍କୁ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବା ପାଇଁ ଅପଚେଷ୍ଟା କରାଯାଇଥିବା ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି।



ସୂଚନାନୁଯାୟୀ, ଗତ ସେପ୍ଟେମ୍ବର ୧୧ତାରିଖରୁ ଗୁଲେଶ ନିଖୋଜ ଥିଲେ। ତାଙ୍କ କାର୍‌ର ମଧ୍ୟ ପତ୍ତା ମିଳୁନଥିଲା। ଏ ସଂପର୍କରେ ପରିବାର ପକ୍ଷରୁ ବିଶୋଇ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଗୁଲେଶଙ୍କ ଖୋଜଖବର ପାଇନଥିଲା। ସେଦିନ ସେ ଝାଡ଼ଖଣ୍ଡର ବହଳାଗୋଡା ଯାଉଥିବା କହି ଘରୁ ବାହାରିଥିଲେ। ଅଢ଼େଇ ମାସ ପରେ, ଆଜି ସକାଳ ପ୍ରାୟ ୬ଟାରେ ଝାରପୋଖରିଆ ଥାନା ଅନ୍ତର୍ଗତ ସିଲଫୋଡି ଉପରବେଡ଼ା ଗାଁ ପୋଖରୀରେ ଏକ କାର୍ ପଡ଼ିଥିବା ଦେଖି ଗାଁ ଲୋକେ ସାରସକଣା ଅଗ୍ନିଶମବାହିନୀ ଓ ଝାରପୋଖରିଆ ପୁଲିସକୁ ଖବର ଦେଇଥିଲେ। ପୁଲିସ ଏବଂ ଦମକଳବାହିନୀ ପହଞ୍ଚି କାର୍‌କୁ ପାଣିରୁ ଉଦ୍ଧାର କରିଥିଲା। କାର ସମ୍ମୁଖ ଦୁଇ କବାଟର କାଚ ଅଧା ଖୋଲାଥିବା ବେଳେ ପାଣି ଭିତରେ ଚାରିଚକ ଉପରକୁ ହୋଇ କାର୍‌ଟି ବୁଡ଼ି ରହିଥିଲା। ଉଦ୍ଧାର ପରେ କାର୍ ପଛ ସିଟ୍‌ରେ ଏକ ଗଳିତ ମୃତଦେହ ଥିବା ସହ ଆଇନଜୀବୀଙ୍କ ସରକାରୀ ପ୍ରମାଣପତ୍ର ମିଳିଥିଲା। ପୋଷାକରୁ ପରିବାରଲୋକେ ମୃତକଙ୍କୁ ଚିହ୍ନଟ କରିଥିଲେ ହେଁ ସାଇଣ୍ଟିଫିକ୍ ଟିମ୍ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଛନ୍ତି। ତାଙ୍କୁ ହତ୍ୟା ପରେ ଦୁର୍ଘଟଣାର ରୂପ ଦେବାକୁ ଯାଇ ଉପରୋକ୍ତ କାଣ୍ଡ ଅଭିଯୁକ୍ତମାନେ ଭିଆଇଥିବା ପରିବାର ପକ୍ଷରୁ ଝାରପୋଖରିଆ ଥାନାରେ ଅଭିଯୋଗ ହୋଇଛି।

**କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା**

# ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ବାର୍ ଆସୋସିଏସନ୍

କଟକ, ୨୪।୧୧ (ସମିସ): ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଆକସ୍ମିକ ଓ ସନ୍ଦେହଜନକ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଯୁଗ୍ମ ସମ୍ପାଦିକା ତଥା ଆଇନଜୀବୀ ପଦ୍ମାଳୟା ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଜରିଆରେ ଏକ ଚିଠି ଲେଖି ଘଟଣାର ନିରପେକ୍ଷ ଓ ବ୍ୟାପକ ତଦନ୍ତ ପାଇଁ ଦାବି ଉଠାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରି ତଦନ୍ତ କରିବା ଆବଶ୍ୟକ। ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ବା କ୍ରାଇମବ୍ରାଞ୍ଚ କିମ୍ବା ସିଆଇଡିର ତତ୍ତ୍ୱାବଧାନରେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଉ। ମୃତ୍ୟୁ ସହ ଜଡ଼ିତ ସମସ୍ତ ବ୍ୟକ୍ତି, ପରିବାର ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଲୋକଙ୍କୁ ପଚରାଉଚରା କରାଯାଉ। ହ୍ୟୁମାନ୍ ସାଗରଙ୍କ ମୋବାଇଲ୍ ଫୋନ୍ ସହ ସମସ୍ତ ଡିଜିଟାଲ୍ ପ୍ରମାଣ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋବାଇଲ୍ ରେକର୍ଡ, ବ୍ୟାଙ୍କ୍ ଆକାଉଣ୍ଟ୍ ଓ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁକୁ ସଂରକ୍ଷିତ କରାଯାଇ ବିଶ୍ଳେଷଣ କରାଯାଉ। ନ୍ୟାୟ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ଏକ ସ୍ୱଚ୍ଛ ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ ଚିଠିରେ ଦର୍ଶାଇଛନ୍ତି।

ଅହମୀୟା ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଘଟଣାରେ ଆସାମ ସରକାରଙ୍କ ଦ୍ୱାରା ହୋଇଥିବା ତଦନ୍ତକୁ ଉଦାହରଣ ଦେଇ ଓଡ଼ିଶା ସରକାର ଏହି ମାମଲାରେ ଦୃଢ଼ ପଦକ୍ଷେପ ନେବାକୁ ଆଇନଜୀବୀ ପଦ୍ମାଳୟା ଦାବି କରିଛନ୍ତି।

ଏହି ଚିଠିରେ ଦର୍ଶାଯାଇଛି ଯେ ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟିଥିଲା। ନଭେମ୍ବର ୧୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ତାଙ୍କର ମଲ୍ଟିଅର୍ଗାନ୍ ଡିସ୍‌ଫଙ୍କସନ୍ ସିଣ୍ଡ୍ରୋମ୍, କ୍ରୋନିକ୍ ଲିଭର୍ ଫେଲିଓର୍ ଏବଂ ଦ୍ୱିପାକ୍ଷିକ ନିମୋନିଆ ଭଳି ଗୁରୁତର ରୋଗ ଚିହ୍ନଟ କରିଥିଲେ। ତେବେ ତାଙ୍କର ହଠାତ୍ ଦେହାନ୍ତ ଓ ମୃତ୍ୟୁ ପଛର ପରିସ୍ଥିତିକୁ ନେଇ ସାଧାରଣରେ ବ୍ୟାପକ ସନ୍ଦେହ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଆଇନଜୀବୀଙ୍କ ଦାବି ଅନୁଯାୟୀ, ଅନେକ ଭିଡିଓ, ଅଡିଓ, ରିପୋର୍ଟ ଏବଂ ବୟାନ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ଏଥିରେ ଥିବା ତଥ୍ୟରୁ ଜଣାପଡୁଛି ଯେ ଏହା ଏକ ସାଧାରଣ ବା ପ୍ରାକୃତିକ ମୃତ୍ୟୁ ନୁହେଁ। ଏହା ପଛରେ ଅପରାଧିକ ଷଡ଼ଯନ୍ତ୍ର ରହିଛି।

ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ହ୍ୟୁମାନ୍‌ଙ୍କ ଉପରେ କ୍ରମାଗତ ଭାବରେ ହଇରାଣ, ବାଧ୍ୟବାଧକତା ଓ ବାହ୍ୟ ପ୍ରଭାବ ରହି ଥିଲା, ଯାହାକି ତାଙ୍କ ମୃତ୍ୟୁ ସହିତ ସିଧାସଳଖ ସମ୍ପର୍କ ରହିଛି। ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହେଉଥିଲେ ମଧ୍ୟ ତାଙ୍କ ପରିଚାଳକମାନେ ତାଙ୍କୁ ଦିଲ୍ଲୀକୁ ଏୟାରଲିଫ୍ଟ କରିବାକୁ ମନା କରିଦେଇଥିଲେ ଏବଂ ତାଙ୍କ ମା'ଙ୍କୁ ଅପମାନଜନକ ଭାଷା ବ୍ୟବହାର କରିଥିଲେ। ପରିଚାଳକମାନେ ତାଙ୍କୁ ନିର୍ଯାତନା ଦେଉଥିଲେ ଏବଂ ତାଙ୍କ କଳାକାର ଜୀବନକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଥିଲେ। ସେ ଅସୁସ୍ଥ ଥିବା ସତ୍ତ୍ୱେ ଅଧିକ ଟଙ୍କା ପାଇଁ ତାଙ୍କୁ ଷ୍ଟେଜ୍ ସୋ' କରିବାକୁ ବାଧ୍ୟ କରାଯାଉଥିଲା। ତାଙ୍କର ୨ପରିଚାଳକ ଏବଂ ଲୁଲୁ ମହାନ୍ତି ନାମକ ଜଣେ ଇଭେଣ୍ଟ ଅର୍ଗାନାଇଜର୍ ହ୍ୟୁମାନ୍ ସାଗରଙ୍କ ପୂର୍ଣ୍ଣ ସମ୍ମତି ବିନା ସମସ୍ତ ଆର୍ଥିକ କାରବାର, ପ୍ରଦର୍ଶନ ସମୟ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ପରିଚାଳନା କରୁଥିଲେ। ଅନ୍ୟପଟେ ଡାକ୍ତର ସଞ୍ଜୀବ କୁମାର କର (ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ) ଗତକାଲି ଏକ ସାକ୍ଷାତକାରରେ କହିଛନ୍ତି ଯେ ସେ ୨୦୨୪ ସେପ୍ଟେମ୍ବରରୁ ହ୍ୟୁମାନ୍ ସାଗରଙ୍କୁ ଚିକିତ୍ସା କରୁଥିଲେ। ସେ ସମୟରେ ହ୍ୟୁମାନ୍ ସାଗର ଡିପ୍ରେସନ୍‌ରେ ଥିଲେ ଓ ଠିକ୍ ସମୟରେ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ସହାୟତା ମିଳିନଥିଲା।

ଏହା ଭିତରେ, ଗତ ଶୁକ୍ରବାର ବଲାଙ୍ଗୀର ଟାଉନ୍ ଥାନାରେ ତାଙ୍କର ୨ ଜଣ ପରିଚାଳକଙ୍କ ବିରୋଧରେ ଏକ ଏତଲା ମଧ୍ୟ ହୋଇଛି। ଏଣୁ ତୁରନ୍ତ ରାଜ୍ୟ ସରକାର ଏହା ଉପରେ ନଜର ଦେବାକୁ ସେ ଦାବି ଜଣାଇଛନ୍ତି।

**ବସ୍‌ଷ୍ଟାଣ୍ଡରେ ମାନସିକ ଭିନ୍ନକ୍ଷମ ମହିଳାଙ୍କ ମୃତ ସନ୍ତାନ ପ୍ରସବ**

# କେହି ପାଖ ମାଡ଼ିଲେନି

ଧରାକୋଟ,୨୪ ।୧୧(ସମିସ): ମରିଗଲାଣି ମାନବିକତା। ଜଣେ ମାନସିକ ଭିନ୍ନକ୍ଷମ ମହିଳା ବସ୍‌ଷ୍ଟାଣ୍ଡ ଭିତରେ ପ୍ରସବ ବେଦନାରେ ଛଟପଟ ହେବା ଏବଂ ଏକ ଅପରିପକ୍ୱ ମୃତ ଶିଶୁକୁ ଜନ୍ମଦେବା ପରେ ଘଣ୍ଟାଘଣ୍ଟା ଧରି ସେମିତି ପଡ଼ି ରହିଥିଲେ ହେଁ ସାହାଯ୍ୟ ତ ଦୂରର କଥା, କେହି ତାଙ୍କ ପାଖ ମାଡ଼ି ନଥିଲେ। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ମୁଣ୍ଡମରାଇ ବସ୍‌ଷ୍ଟାଣ୍ଡରେ ଆଜି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି।

> ମରିଗଲାଣି ମାନବିକତା

ସୂଚନାନୁଯାୟୀ, ବସ୍‌ଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାରରେ ସୋମବାର ଭୋର୍‌ରେ ବିଶ୍ରାମାଗାର ଭିତରେ ଦୟନୀୟ ଅବସ୍ଥାରେ ଝୁମୁରି ନାୟକ ନାମକ ୩୦ ବର୍ଷୀୟା ମହିଳା ପଡ଼ି ରହିଥିବା ବେଳେ ତାଙ୍କ ନିକଟରେ ଏକ ଅପରିପକ୍ୱ (୪/୫ ମାସର) ଶିଶୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳାଜଣଙ୍କ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ ସୁଦ୍ଧା ସେହି ବାଟ ଦେଇ ଯାଉଥିବା କୌଣସି ମହିଳା କିମ୍ବା ପୁରୁଷ ସହାୟତା ଦେବା ଦୂରର କଥା, ତାଙ୍କ ପାଖ ମଧ୍ୟ ମାଡ଼ି ନଥିଲେ। ଖବର ପାଇ ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଦମକଳ ବାହିନୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ମହିଳା ଓ ଶିଶୁକୁ ଉଦ୍ଧାର କରିଥିଲେ। ପରେ ଆଶାକର୍ମୀଙ୍କ ସହାୟତାରେ ଉଭୟଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ମାନସିକ ବିକାରଗ୍ରସ୍ତ ମହିଳାଜଣଙ୍କ ଉଚ୍ଚ ରକ୍ତଚାପ, ରକ୍ତହୀନତା ଓ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ଗୁରୁତର ହୋଇ ପଡ଼ିଥିବା ଜଣାପଡ଼ିଥିଲା। ତାଙ୍କୁ ତୁରନ୍ତ ୧୦୨ ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ଶିଶୁଟିକୁ ମୃତ ଘୋଷଣା କରାଯାଇଥିଲା। ଘଟଣା ସମ୍ପର୍କରେ ଡାକ୍ତର ବିମଳେନ୍ଦୁ ପଣ୍ଡାଙ୍କ ସହ ଯୋଗାଯୋଗ ବେଳେ ଅପରିପକ୍ୱ ଅବସ୍ଥାରେ ସନ୍ତାନ ପ୍ରସବ ହୋଇଥିବାରୁ ତା'ର ମୃତ୍ୟୁ ଘଟିଛି ଏବଂ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ମହିଳାଜଣଙ୍କ ଗୁରୁତର ହୋଇପଡ଼ିଛନ୍ତି ବୋଲି କହିଛନ୍ତି।

ପ୍ରଶ୍ନ ଉଠୁଛି, ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗର୍ଭବତୀ କଲା କିଏ? ସରକାର ଗର୍ଭବତୀ ମା' ଓ ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିଲେ ମଧ୍ୟ ଏ କ୍ଷେତ୍ରରେ ତାହାର କୌଣସି ପ୍ରଭାବ ପଡ଼ିନଥିବା ଜଣାପଡ଼ିଛି। ମହିଳାଜଣଙ୍କ ଗର୍ଭବତୀ ଥିବା କ'ଣ କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଆଶା, ଅଙ୍ଗନବାଡ଼ି କର୍ମୀ କେହି ଜାଣିପାରିଲେ ନାହିଁ।

## ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ଦୁର୍ନୀତି ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

ନିଶ୍ଚିନ୍ତକୋଇଲି, ୨୪।୧୧(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏହି ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ବିଭାଗୀୟ ଅଧିକାରୀଙ୍କ ସହିତ ସଲାସୁତୁରା କରି ମିଥ୍ୟା ବିଲ୍ କରି ରାଜକୋଷରୁ ଅର୍ଥ ହରିଲୁଟ୍ କରୁଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ଦୁର୍ନୀତି ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିଲେ ମଧ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅଭିଯୋଗ ପରେ ବ୍ଲକରେ ହୋଇଥିବା ଦୁର୍ନୀତିମୂଳକ କାର୍ଯ୍ୟର ତଦନ୍ତ କରାଯାଇ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତାହା ହେଲେ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶ୍ରୀ ଦାସ ଚରମ ଚେତାବନୀ ଦେଇଛନ୍ତି। ଏହି ବ୍ଲକ ଅଧିନସ୍ଥ ନେମାଳ ପଞ୍ଚାୟତରେ ଥିବା ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପୀଠରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ନିର୍ମାଣ କରା ନ ଯାଇ ମିଥ୍ୟା ବିଲ୍ କରାଯାଇଥିଲା। ଏହି ଘଟଣା ଜଣାପଡ଼ିଲା ପରେ ମାର୍ ମାର୍ ଭଣ୍ଡାରିଆକୁ ମାର୍ ନୀତିରେ କନିଷ୍ଠ ଯନ୍ତ୍ରୀଙ୍କୁ ତାଙ୍କ ଚାକିରୀରୁ ନିଲମ୍ବିତ କରାଯାଇଥିଲା ବେଳେ ଏହି କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବିଲ୍ ପାସ୍ କରାଇଥିବା ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହାଛଡ଼ା କୋଲଣପୁର ପଞ୍ଚାୟତର କୁଳିଆ ବଜାରରେ ଥିବା ଏକ ପୁରୁଣା ମାର୍କେଟ୍ କମ୍ପ୍ଲେକ୍ସ ଗୃହକୁ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ନାମରେ ୪ ଲକ୍ଷ ଟଙ୍କା ଅନୁଦାନରେ ରଘୁନାଥଜୀଉ କମ୍ୟୁନିଟି ସେଣ୍ଟର ଦର୍ଶାଇ ଅର୍ଥ ହଡ଼ପ କରିଥିବା ମଧ୍ୟ ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ସେହିପରି ୨୦୨୪ ଫେବୃଆରୀରେ ଜନୈକ ବ୍ୟକ୍ତିଙ୍କ ଗୃହକୁ ଦେଖାଇ ଫଗୋଳ ପଞ୍ଚାୟତ ପାଇକରାପୁର ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପରେ ଏଆଇଆର କମ୍ୟୁନିଟ୍ ସେଣ୍ଟର ନିର୍ମାଣ ଆଳରେ ୩ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହାଛଡ଼ା ଓରତି ପଞ୍ଚାୟତ ମାଣିତ୍ରୀ ଗ୍ରାମରେ ୨୦୨୩-୨୪ ଆର୍ଥିକ ବର୍ଷରେ ଏକ ପୁରୁଣା ଢଳେଇ ରାସ୍ତା ଦେଖାଇ ପଞ୍ଚମ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୩ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହିଭଳି ବ୍ଲକ କାର୍ଯ୍ୟାଳୟରେ ବହୁ ଦୁର୍ନୀତି ଚାଲିଥିଲା ବେଳେ ଉଚ୍ଚପଦସ୍ଥ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଜିଲ୍ଲା ସଭାପତି ଶ୍ରୀ ଦାସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ନଚେତ୍ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବିଭିନ୍ନ ବିଦ୍ୟାଳୟରେ ଏନ୍‌ସିସି ଦିବସ

**ବଡ଼ମ୍ବା, ୨୪।୧୧(ସମିସ):** ବଡ଼ମ୍ବା ବ୍ଲକ ଅଧୀନ ରତାପାଟ ଗ୍ରାମ ପଞ୍ଚାୟତ ହାଇସ୍କୁଲ ଠାରେ ୭୭ ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଛତ୍ରଙ୍କ ସଭାପତିତ୍ୱରେ ଓ ଏନ୍‌ସିସି ଫାଷ୍ଟ ଅଫିସର ଶ୍ରୀନିବାସ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟଅତିଥି ଭାବରେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ରୂପେ ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ସମ୍ମାନିତ ଅତିଥିଭାବେ ଶିକ୍ଷକ ନେତା ଅଶୋକ ଧଳ, ଶ୍ୟାମବନ୍ଧୁ ବେହୁରା, କଳିଙ୍ଗ କେଶରୀ ପ୍ରଧାନ, ସନ୍ତୋଷ ପରିଡ଼ା, ରମେଶ ନାୟକ ପ୍ରଭୃତି ଯୋଗଦେଇଥିଲେ। ବିଧାୟକ ଶ୍ରୀ ଦଳବେହେରା ସିନିୟର୍ କ୍ୟାଡେଟ ସ୍ମିତାରାଣୀ ଧଳ, ବର୍ଷା ପ୍ରିୟଦର୍ଶିନୀ ରାଉତ, ସୋନୁ ମହାଳିକଙ୍କୁ ରାଙ୍କ ପ୍ରଦାନ କରିଥିଲେ। ବିଦ୍ୟାଳୟର କର୍ମଚାରୀ ଟୁନୁ ବେହେରା, ମାଟିଆ ସିଠ ସହଯୋଗ କରିଥିଲେ ଓ ବରିଷ୍ଠ ଶିକ୍ଷକ ଜଗନ୍ନାଥ ଜେନା କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।



### ନରସିଂହପୁର

ବ୍ଲକର ସର୍ବପୁରାତନ ହାଇସ୍କୁଲ ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟରେ ୭୯ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ୧୦୦ ଜଣ କ୍ୟାଡେଟ ବିଭିନ୍ନ ପ୍ଲାକାର୍ଡ ଓ ସ୍ଲୋଗାନ ସହ ଏକ ସାଇକଲ ଶୋଭାଯାତ୍ରାରେ ନରସିଂହପୁର ଟାଉନ ପରିକ୍ରମା କରିଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଷଦେବ ବେହେରା, ରିଟାୟର୍ଡ ଚିଫ୍ ଅଫିସର ରବି ନାରାୟଣ ପଣ୍ଡା, ରିଟାୟର୍ଡ ଶିକ୍ଷକ ଭିକ୍ଷାକାରୀ ଦଳେଇ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ଧଳ, ଶିକ୍ଷକ ବିମଳେନ୍ଦୁ ଜେନା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କ୍ୟାଡେଟଙ୍କୁ ୨୬ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶେଷ ଉତ୍କୃଷ୍ଟତା ପାଇଁ ସିପିଏଲ୍ ପାର୍ଥ ସାରଥୀ ସାହୁ, ସିପିଏଲ୍ ଦିବ୍ୟ ରଞ୍ଜନ ସାହୁ, ସିପିଏଲ୍ ହିତାଂଶୁ ରାଉତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଏନ୍‌ସିସି ଚିଫ୍ ଅଫିସର ରଜନୀକାନ୍ତ ମିଶ୍ର ପରିଚାଳନା କରିଥିଲେ। ବିଜୟ ବାରିକ, ସମ୍ବିତ ରଥଶର୍ମା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହାୟତା ପ୍ରଦାନ କରିଥିଲେ।



### ସାଲେପୁର



ସାଲେପୁର ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ଏନ୍‌ସିସି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆର୍ମି ୱିଙ୍ଗ୍‌ର ଏଏନ୍‌ଓ ଫାଷ୍ଟ ଅଫିସର ଶ୍ରୀକାନ୍ତ ପରିଡ଼ା ଓ ଏୟାରୱିଙ୍ଗ୍‌ର ଏଏନ୍‌ଓ ସେକେଣ୍ଡ ଅଫିସର ଆରତୀ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫୦ଜଣ କ୍ୟାଡେଟ୍‌ମାନଙ୍କ ଉପସ୍ଥିତିରେ ଏହି ଦିବସ ପାଳିତ ହୋଇଥିଲା। ଏଏନ୍‌ଓ ଶ୍ରୀକାନ୍ତ ପରିଡ଼ା ଏନ୍‌ସିସି ପତାକା ଉତ୍ତୋଳନ କରିଥିବାବେଳେ ସେକେଣ୍ଡ ଅଫିସର ଆରତୀ ଆଚାର୍ଯ୍ୟଙ୍କ ଦ୍ୱାରା ଏନ୍‌ସିସି ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ କ୍ୟାଡେଟ୍‌ମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ସହିତ ପ୍ଲାଷ୍ଟିକ୍ ବର୍ଜନ ପାଇଁ ଏକ ସାଇକଲ ଶୋଭାଯାତ୍ରା କରାଯାଇଥିଲା। ଶେଷରେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରାଯାଇଥିଲା।

### ନିଶ୍ଚିନ୍ତକୋଇଲି

ଫାଷ୍ଟ ଓଡ଼ିଶା ଆର୍ଟିଲାରୀ ବ୍ୟାଟେରୀ ଏନ୍‌ସିସି କଟକଙ୍କ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତସ୍ଥିତ କ୍ଷେତ୍ରମୋହନ ବିଦ୍ୟାପୀଠରେ ୭୭ତମ ଏନ୍‌ସିସି ଦିବସ ପାଳିତ ହୋଇଛି। ଏନ୍‌ସିସିର ଫାଷ୍ଟ ଅଫିସର ମହେନ୍ଦ୍ର କୁମାର ଘଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହାଶିଷ ତରାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏନ୍‌ସିସିର ପ୍ରଥମ ଓ ଦ୍ୱିତୀୟ ବର୍ଷର ମୋଟ ୫୦ ଜଣ କ୍ୟାଡେଟଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନରେ ବିଦ୍ୟାଳୟ ପରିସର ଓ ଏହାର ସମ୍ମୁଖ ରାସ୍ତାକୁ ସଫେଇ କରାଯାଇଥିଲା ବେଳେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। କ୍ୟାଡେଟ୍‌ମାନେ ଏକ ସାଇକଲ ଶୋଭାଯାତ୍ରାରେ ସ୍ଥାନୀୟ ଗ୍ରାମକୁ ଯାଇ ପରିବେଶ ସୁରକ୍ଷା ଓ ସ୍ୱଚ୍ଛ ଭାରତ ସଂକ୍ରାନ୍ତରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ପ୍ରଶାନ୍ତ ସ୍ୱାଇଁ ଓ ଶରତ ପରିଡ଼ା ସହଯୋଗ କରିଥିଲେ।




## ଆଠଗଡ଼ରେ ସିରିଜ୍ ଚୋରି

# ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରୁଛନ୍ତି ଲୁଟେରା

**ଆଠଗଡ଼, ୨୪।୧୧(ସମିସ):** ଆଠଗଡ଼ ଥାନା ଅନ୍ତର୍ଗତ ଅଶୋକ ନଗର ଅଞ୍ଚଳରେ ସୋମବାର ଦିନ ତିନୋଟି ଘରୁ ସିରିଜ୍ ଚୋରି ହୋଇଥିବା ଜଣାପଡ଼ିଛି। ଏହି ସମସ୍ତ ଘଟଣାରେ ଲୁଟେରାମାନେ ବରିଷ୍ଠ ନାଗରିକମାନଙ୍କୁ ସହଜରେ ଟାର୍ଗେଟ୍ କରୁଥିବା ଦେଖାଯାଇଛି। ଅଶୋକନଗର ବାସିନ୍ଦା ଦେବାଶିଷ ମହାପାତ୍ରଙ୍କ ମା' ଘରେ ଏକୁଟିଆ ଥିବା ସମୟରେ, ଦୁଇଜଣ ବ୍ୟକ୍ତି ସୁନା ସଫା କରିବା ବାହାନାରେ ଆସି ତାଙ୍କର ସୁନାଚେନ୍ ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ସେହିପରି ଅଶୋକ ନଗରର ଅନ୍ୟ ଜଣେ ବାସିନ୍ଦା ଜୟନ୍ତ କୁମାର ମହାପାତ୍ରଙ୍କ ସ୍ତ୍ରୀ ସାବିତ୍ରୀ ପଣ୍ଡା ଘରେ ଥିବା ବେଳେ ଜଣେ ଚିହ୍ନା ପରିଚୟ ଦେଇ ପ୍ରଥମେ ୪ ହଜାର ଟଙ୍କା ନେଇଥିଲା। ପରେ ସୁଯୋଗ ଉଣ୍ଡି ତାଙ୍କର ଏଟିଏମ୍ ସହିତ ଆଧାର କାର୍ଡ ନେଇଯାଇ ସେଥିରୁ ୨୪ ହଜାର ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି। ଅଭିଯୋଗ ହୋଇଛି ଯେ ଅଶୋକ ନଗର ଅଞ୍ଚଳରେ ଅଧିକାଂଶ ଲୋକ ବରିଷ୍ଠ ନାଗରିକ ଏବଂ ଏକୁଟିଆ ରହୁଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟୁଛି। ଆଠଗଡ଼ ପୁଲିସ ପକ୍ଷରୁ ସାଇବର ଠକଙ୍କ ଠାରୁ ଆରମ୍ଭ କରି ଅଜଣା ଲୋକଙ୍କ ଠାରୁ ଦୂରେଇ ରହିବା ପାଇଁ ବାରମ୍ବାର ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ପୁଣି ଏଭଳି ଘଟଣା ଘଟିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଆଠଗଡ଼ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି ଯେ, ପୋଲିସ୍ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ ସହିତ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

## ଅଡ଼ଶପୁର କଲେଜ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା

# ଅଧ୍ୟାପକଙ୍କୁ ନିଲମ୍ବନ ନୁହେଁ; ବହିଷ୍କାର ଦାବି

**କଣ୍ଟାପଡ଼ା, ୨୪।୧୧(ସମିସ):** କଟକ ଜିଲ୍ଲା ଅଡଶପୁର ଠାରେ ଥିବା ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣାରେ ନୂଆ ନୂଆ କଥା ଏବେ ସାମ୍ନାକୁ ଆସୁଛି। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ସାହୁ ଏକ କୋଠରିରେ ଅନେକ ଛାତ୍ରୀଙ୍କୁ ଫେଲ୍ କରିବା ଆଡମିଶନ କରାଇ ନ ଦେବାର ଧମକ ଦେଇ ଯୌନ ଶୋଷଣ କରୁଥିଲେ। ଉକ୍ତ କୋଠରିକୁ ଛାତ୍ରମାନଙ୍କ ଯିବା ଆସିବା ଉପରେ ପ୍ରତିବନ୍ଧକ ଲଗାଇଥିଲେ। ତଥାପି କିଛି ଛାତ୍ର ଅଧ୍ୟାପକଙ୍କ ଏଭଳି କାରନାମାକୁ ଲୁଚିଛପି ମୋବାଇଲରେ ଭିଡିଓ କରିଥିବା ଦେଖିବାକୁ ମିଳିଛି। +୨ ବାଣିଜ୍ୟ ବିଭାଗରେ ପଢୁଥିବା ନିଆଳି ଥାନା ଅଞ୍ଚଳର ଛାତ୍ରୀଙ୍କୁ ପ୍ରଥମଥର ଯୌନ ଶୋଷଣ କରିବା ଓ ପରେ ଅଧ୍ୟାପକଙ୍କ ଧମକରେ ଛାତ୍ରୀ ଜଣକ ଭୟରେ ଏକଥା କାହାକୁ କହି ନ ଥିଲେ। ପରେ ଦ୍ୱିତୀୟ ଥର ଅଧ୍ୟାପକ ଜଣକ ଏପରି କରିବାରୁ ନାବାଳିକା ଛାତ୍ରୀ ଜଣକ ସବୁ ଘଟଣା ତାଙ୍କ ପରିବାରବର୍ଗଙ୍କୁ କହିବା ସହ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଘଟଣାର ସତ୍ୟତା ଥିବା ଜାଣି କର୍ତ୍ତୃପକ୍ଷ ଏ ବିଷୟରେ ସରକାରଙ୍କୁ ଅବଗତ କରିଥିଲେ। ପରେ ଅଧ୍ୟାପକ ଶ୍ରୀ ସାହୁଙ୍କୁ ନିଲମ୍ବନ କରିଥିଲେ। ଏଥିରେ ବିଚଳିତ ଅଧ୍ୟାପକ ପୀଡିତା ଛାତ୍ରୀଙ୍କ ଘରକୁ ଯାଇ ନିଜ ଭୁଲ ସ୍ୱୀକାର କରିବା ସହ ପୀଡିତା ଛାତ୍ରୀଙ୍କୁ ଭଲ ମାର୍କରେ ପାସ କରାଇଦେବା ଓ ଲକ୍ଷାଧିକ ଟଙ୍କା ନେଇ ଅଭିଯୋଗ ଫେରାଇ ଆଣିବାକୁ ନିବେଦନ କରିଥିଲେ ମଧ୍ୟ ପରିବାର ଲୋକ ନିବେଦନକୁ ଆଗ୍ରାହ୍ୟ କରିଦେଇଥିଲେ। ଅଡଶପୁର କଲେଜରେ ପଢୁଥିବା ଅନ୍ୟ ଛାତ୍ରୀମାନେ ଏପରି ଘଟଣାର ଶିକାର ହୋଇ ମଧ୍ୟ ଭବିଷ୍ୟତ ନଷ୍ଟ ହେବା ଚିନ୍ତାରେ ଭୟରେ ମୁହଁ ଖୋଲୁ ନ ଥିଲେ ଆଗକୁ ଆଉ ଏପରି କୌଣସି ଛାତ୍ରୀ ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ନ ହୁଅନ୍ତୁ ସେନେଇ ପୀଡିତା ଛାତ୍ରୀଙ୍କ ଜେଜେ ମା' ମୁହଁ ଖୋଲିଛନ୍ତି। ଅଧ୍ୟାପକଙ୍କୁ ନିଲମ୍ବନ କଲେ ସେ କିଛି ମାସ ପରେ ପୁଣି ଚାକିରି କରି ଅନ୍ୟ ଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ କରିବେ ଅଧ୍ୟାପକଙ୍କୁ ନିଲମ୍ବନ ନୁହେଁ ବହିଷ୍କାର କରିବା ପାଇଁ ଛାତ୍ରୀଙ୍କ ପରିବାର ସମେତ ଅନ୍ୟ ଅଭିଭାବକମାନେ ଦାବି କରିଛନ୍ତି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଓଡ଼ିଆ ଲିପିର ବହୁଳ ବ୍ୟବହାର ନିମନ୍ତେ ପ୍ରସ୍ତୁତି ବୈଠକ



**ଚୌଦ୍ୱାର, ୨୪।୧୧(ସମିସ):** ଚୌଦ୍ୱାର ସହରରେ ଥିବା ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡିଆ ଲିପିର ବହୁଳ ବ୍ୟବହାର କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ଚୌଦ୍ୱାରର ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ ନିଜ ନିଜ ବ୍ୟବସାୟ ପ୍ରତିଷ୍ଠାନର ଲଗାଉଥିବା ନାମ ଫଳକରେ ୬୦ ଶତକଡା ଓଡିଆ ଲିପିର ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ଏଥି ସହିତ ପୌରପାଳିକା ତରଫରୁ ବ୍ୟବସାୟୀଙ୍କୁ ଟ୍ରେଡିଂ ଲାଇସେନ୍ସ କରି ସୁରକ୍ଷିତ ରହିବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ପାରିଷଦ, ଚୌଦ୍ୱାରର ସମସ୍ତ ବଜାର କମିଟିର ସଭାପତି, ସମ୍ପାଦକ, ପୌରପାଳିକା ଟିକସ ଦରୋଗା ସନ୍ତୋଷ ହୋତା, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ସମସ୍ତ କର୍ମଚାରୀ, ପରିମଳ ବିଭାଗର ପରିମଳ ବିଶେଷଜ୍ଞ ପୀୟୁଷ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବିଜେପି ପକ୍ଷରୁ ସାମୂହିକ ବନ୍ଦେ ମାତରମ୍ ଗାନ

**ସାଲେପୁର, ୨୪।୧୧(ସମିସ):** ଆଜି ସାଲେପୁର ବିଜେପି ପକ୍ଷରୁ ସାମୁହିକ ବନ୍ଦେ ମାତରମ୍ ଗାନ ଓ ସାଂସଦଙ୍କ ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଲେପୁର ନିର୍ବାଚନ ମଣ୍ଡଳୀର ୬ଟି ମଣ୍ଡଳର ସଭାପତି ଓ ଆଗଧାଡ଼ିର କର୍ମକର୍ତ୍ତାମାନଙ୍କୁ ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଗୁରୁମନ୍ତ୍ର ଦେବା ସହ ଆଗାମୀ ଦିନରେ ସାଲେପୁର ନିର୍ବାଚନ ମଣ୍ଡଳୀରେ ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ବିଜେପି ସଂଗଠନକୁ ତୃଣମୂଳରୁ ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପରେ ସାଂସଦ ଶ୍ରୀ ପଣ୍ଡା ଆତ୍ମନିର୍ଭରଶୀଳ ଭାରତ ସଂକଳ୍ପ ଅଭିଯାନ ଓ ବିଧାନସଭା ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗଦେଇ ସାମୁହିକ ବନ୍ଦେ ମାତରମ୍ ଗାନ କରି ପ୍ରତି ଘରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ କଟକ ଗ୍ରାମାଞ୍ଚଳ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି, ହିମାଂଶୁ ମହାନ୍ତି, ସନାତନ ଦାଶ, ସତ୍ୟବାଦୀ ଚଇନି, ଚୌଧୁରୀ ହେମନ୍ତ ସାହୁ ଉପସ୍ଥିତ ଥିଲେ।

## ଆରାଧ୍ୟା କଲ୍‌ଚରାଲ୍ ଏକାଡେମୀ ପକ୍ଷରୁ ଶୋକସଭା

**ଫୁଲନଖରା, ୨୪।୧୧(ସମିସ):** ଅଗ୍ରଣୀ ସାମାଜିକ ସଂଗଠନ ଆରାଧ୍ୟା କଲ୍‌ଚରାଲ୍ ଏକାଡେମୀ ଫୁଲନଖରା ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାଗୃହ ମଧ୍ୟରେ ଅନୁଷ୍ଠିତ ଶୋକସଭାରେ ଓଡ଼ିଆଙ୍କ ହୃଦୟକୁ ଜିଣି ପାରିଥିବା ହ୍ୟୁମାନ ସାଗରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏକାଡେମୀର ଅଧ୍ୟକ୍ଷ ସମାଜସେବୀ ଅଜୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶିକା ନିର୍ମଳାବାଳା ପାତ୍ର, ନୃତ୍ୟଗୁରୁ ଏମ୍ ବାପି, ବାଙ୍କା ବାବୁ, ସସ୍ମିତା ସାହୁ, ଦିପ୍ତୀମୟ ମୁଣ୍ଡା, ପ୍ରିୟଙ୍କା ସାହା, ଜିତେନ୍ଦ୍ର ଓଝା, ଲୋନି ମହାନ୍ତି, ବନ୍ଦିତା ପାଣି, ସ୍ୱପ୍ନାରାଣୀ ପାତ୍ର ଓ ଝୁନା ସାହୁଙ୍କ ସମେତ ଏକାଡେମୀର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ।

# ବିରିବାଟିରେ ବ୍ରାହ୍ମଣ ସମାଜ ସମ୍ମିଳନୀ

**କନ୍ଦରପୁର, ୨୪।୧୧(ସମିସ):** ଆଜି କଟକ ସଦର ବ୍ଲକ ଅର୍ନ୍ତଗତ ବିରିବାଟି ଠାରେ ଶାକ ଦ୍ୱିପୀୟ ବ୍ରାହ୍ମଣ ସମାଜର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାକଦ୍ୱିପିୟ ବ୍ରାହ୍ମଣ ସମାଜ ଓ ବିଶିଷ୍ଟ ଜ୍ୟୋତିଷାଚାର୍ଯ୍ୟ ପ୍ରାୟ ୬୦ ଜଣ ଯୋଗଦାନ କରିଥିଲେ। ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ପ୍ରକାଶ ପାଇବାକୁ ଥିବା ଆଧ୍ୟାତ୍ମିକ ପତ୍ରିକା 'ମଗବନ୍ଧୁ' ଉନ୍ମୋଚନ କରିଥିଲେ ସମ୍ପାଦକ ସୁରେଶ୍ୱର ମିଶ୍ର (ଝାଡ଼ଖଣ୍ଡ)। ମୁଖ୍ୟଅତିଥି ଭାବେ ରାଷ୍ଟ୍ରିୟ ସଂଘ ସଂରକ୍ଷକ ସୁରେଶ ମିଶ୍ର, ଶରତ ମହାପାତ୍ର, ସମ୍ମାନୀତ ଅତିଥି ପଣ୍ଡିତ ହରିହର ମହାପାତ୍ର, ପଣ୍ଡିତ ଶମ୍ଭୁନାଥ ମିଶ୍ର (ବିହାର) ଉପଦେଷ୍ଟା ଉଗ୍ରସେନ ନାୟକ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ମନ୍ଦିର ପୂଜକ ଓ ଜ୍ୟୋତିଷାଚାର୍ଯ୍ୟ ପଣ୍ଡିତ ରଘୁନାଥ ଦାଶ, ଶ୍ରୀବତ୍ସ ଖଡ଼ିରତ୍ନ ଭକ୍ତ ଚରଣ ମହାପାତ୍ର, ଭରତ ନାୟକ, ସୁଦାମ ନାୟକ, ହରେକୃଷ୍ଣ ମହାପାତ୍ର, ଗୟାଧର ଆଚାର୍ଯ୍ୟ, ବିଚିତ୍ରାନନ୍ଦ ନାୟକ ଶର୍ମା ଆଚାର୍ଯ୍ୟ, ଆଶିଷ ନାୟକ, ଦେବେନ୍ଦ୍ର ନାୟକ ପ୍ରମୁଖଙ୍କୁ ଆଚାର୍ଯ୍ୟ ଗୌରବ, ପଣ୍ଡିତ ଗୌରବ, ପଣ୍ଡିତ ଭୂଷଣ, ପଣ୍ଡିତ ଆଭୂଷଣ ଉପାଧିରେ ସମ୍ମାନୀତ କରାଯାଇଥିଲା।

# କାଳୀପୂଜାରେ ଶ୍ରେଷ୍ଠତା ପାଇଁ ପୁରସ୍କାର ବିତରଣ

ତିଗିରିଆ, ୨୪।୧୧(ସମିସ)



ଗତ ଅକ୍ଟୋବର ମାସ ୨୧ ତାରିଖ ଠାରୁ ୧୧ ଦିନ ଧରି ତିଗିରିଆ ବ୍ଲକ ହେଡକ୍ୱାର୍ଟର ନିଜିଗଡ଼ ଗ୍ରାମରେ ଅନୁଷ୍ଠିତ ଆଠଗଡ଼ ଉପଖଣ୍ଡ ପ୍ରସିଦ୍ଧ ଶ୍ୟାମାକାଳୀ ପୂଜା ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୂଜା ମଣ୍ଡପ ଗୁଡିକୁ ସୋମବାର ଅପରାହ୍ନରେ ତିଗିରିଆ ନିଜିଗଡ଼ସ୍ଥିତ ଗୁପ୍ତ ଶ୍ରୀ ପ୍ରସନ୍ନମଣୀ ବିଜେଙ୍କ ପୀଠ ଠାରେ ଆୟୋଜିତ ନିରାଡମ୍ବର କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଇଛି। ତିଗିରିଆ ଶ୍ୟାମାକାଳୀ ପୂଜା ଶାନ୍ତି କମିଟି ସଭାପତି ପ୍ରଣବ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ରୂପେ ପୂର୍ବତନ ରାଜ୍ୟସଭା ସାଂସଦ ସୁବାସ ମହାନ୍ତି, ସମ୍ମାନୀତ ଅତିଥି ରୂପେ ଶାନ୍ତି କମିଟି ସମ୍ପାଦକ ଗିରିଜା ପ୍ରସାଦ ପଟ୍ଟନାୟକ, ସଦସ୍ୟ ଜଗବନ୍ଧୁ ତୁଙ୍ଗସାମନ୍ତ, ବିକ୍ରମ କେଶରୀ ଦାଶ, ଲୁଟୁ ଗୁରୁ, ଜୟନ୍ତ କୁମାର ସିଂ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ତିଗିରିଆର ପ୍ରସିଦ୍ଧ କାଳୀପୂଜାରେ ନିଜିଗଡ଼ ଗ୍ରାମରେ ମୋଟ ୧୭ଟି ପୂଜା ମଣ୍ଡପରେ ମା କାଳୀ, ଶିବ ପାର୍ବତୀଙ୍କ ସମେତ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ବିଗ୍ରହ ନିର୍ମାଣ କରାଯାଇ ୧୧ ଦିନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଚାଲିଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ଏହି ଯାତ୍ରା ଶେଷ ହୋଇଥିଲା। ଏହି ଯାତ୍ରାକୁ ଆହୁରୀ ଲୋକାଭିମୁଖୀ କରିବା ନେଇ ଶାନ୍ତି କମିଟି ପକ୍ଷରୁ ପୂଜାମଣ୍ଡପମାନଙ୍କର ବିଗ୍ରହ ନିର୍ମାଣ, ଆଭ୍ୟନ୍ତରୀଣ ସାଜସଜ୍ଜା, ଆଲୋକସଜ୍ଜା, ପରିମଳ, ଶୃଙ୍ଖଳିତ ବିସର୍ଜନ, ଶୃଙ୍ଖଳା ଓ ସର୍ବୋପରି ପ୍ରତି କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ପୁରସ୍କାର ବିତରଣ କରାଯାଇଥାଏ। କାଳୀପୂଜାରେ ହୋଇଥିବା ମହାଦେବ ମେଢ଼କୁ ଚଳିତବର୍ଷ ପାଇଁ ଚାମ୍ପିଅନ ଘୋଷଣା କରିବା ସହିତ ବନମାଳୀ ମହାନ୍ତି ରନିଙ୍ଗ ସିଲ, ସୁନ୍ଦର ମୂର୍ତ୍ତି ପାଇଁ ବ୍ରାହ୍ମଣ ସାହିକୁ ରାଜା ବନମାଳୀ ସ୍ମାରକୀ ସିଲ, ଆଲୋକ ସଜ୍ଜା ପାଇଁ ମହାବୀର ବଜାର ପୂଜା କମିଟିକୁ ଗତିକୃଷ୍ଣ ମେମୋରିଆଲ ସିଲ, ଆଭ୍ୟନ୍ତରୀଣ ସାଜସଜ୍ଜା ପାଇଁ ଗାନ୍ଧୀ ସାହିକୁ ପୁରସ୍କୃତ କରାଯାଇଥିଲା। ଶୃଙ୍ଖଳିତ ବିସର୍ଜନ ଉତ୍ସବ ପାଇଁ କାଳୀମେଢ଼କୁ କୁଳମଣି ବ୍ରହ୍ମା ମେମୋରିଆଲ ସିଲ, ପରିମଳ ପାଇଁ ନୂଆସାହି ଉପରଗଡ଼କୁ ସୁଶାନ୍ତ ନାଥ ମେମୋରିଆଲ ସିଲ, ଶୃଙ୍ଖଳା ରକ୍ଷା ପାଇଁ ମଝିସାହି ତଳଗଡ଼କୁ ଚାରୁଲତା ମେମୋରିଆଲ ସିଲ ଓ ଶାନ୍ତି କମିଟି ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର ଭାବେ ପାଖଲୋକ ସାହି, ମଝିଗେଡ଼ ନୂଆ ସାହି ଓ ମୁଣ୍ଡିଆ ସାହିକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାନ୍ତି କମିଟିର ଅନ୍ୟ ସମସ୍ତ ସଦସ୍ୟଙ୍କ ସହିତ ସମସ୍ତ ପୂଜା କମିଟିର ସଦସ୍ୟ, ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

- ବିଗ୍ରହ ପାଇଁ ବ୍ରାହ୍ମଣସାହି, ଶୃଙ୍ଖଳିତ ବିସର୍ଜନ ପାଇଁ କାଳୀମେଢ ପୁରସ୍କୃତ
- ମହାଦେବ ମେଢ଼ ଚାମ୍ପିଅନ

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



✓ ଅନୀତା ଦଣ୍ଡପାଟ
ଆବିର୍ଭାବ: ୧୭.୦୫.୧୯୫୭ ସ୍ୱର୍ଗାରୋହଣ: ୧୫.୧୧.୨୦୨୫
ସ୍ୱାମୀ: ✓ ସୁଧାଂଶୁ ଶେଖର ଦଣ୍ଡପାଟ
କାଶିଆବେଡା, ବଡ଼ଶୋଳ, ମୟୂରଭଞ୍ଜ
ଅଭୁଲା ସେ ଅନୁଭୂତି... ଅପାସୋରା ଗାଥା...
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...
ଶୋକସନ୍ତପ୍ତ: ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରଞ୍ଜନ, ଯାଆ ସୁଲେଖା, ନାତି ଓମ୍‌ପ୍ରକାଶ, ରାଜା, ସାଇ, କ୍ରିଶ୍, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରାଷ୍ଟି ଓ ସମସ୍ତ ବନ୍ଧୁ ଓ ପରିଜନବର୍ଗ

# ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ



**ନେମାଳ, ୨୪।୧୧(ସମିସ):** ଆଜି ମହାପୁରୁଷ ଅଚ୍ୟୁତାନନ୍ଦ ସନ୍ନିକଟ ଶ୍ରୀ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ମହାନ୍ତିଙ୍କ ପୌରୋହିତ୍ୟରେ ମନ୍ଦିରର ୧୩ ତମ ପ୍ରସ୍ତୁତି ବୈଠକ ବିଷୟରେ ଆଲୋଚନା କରଯାଇଥିଲା। ଏହି ବୈଠକରେ ସାନ୍ତପୁର, ନେମାଳ, ବନ୍ଧୁପୁର ପଞ୍ଚାୟତର ବହୁ ଲୋକମାନେ ଯୋଗଦେଇଥିଲେ ୨ ଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ ବୋଲି ଉପସ୍ଥିତ ଥିବା ଭଦ୍ରବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ପ୍ରାକ୍ତନ ଶିକ୍ଷକ ଭୈରବ ଚନ୍ଦ୍ର ଜେନା, ପ୍ରସନ୍ନ ସ୍ୱାଇଁ, ପ୍ରମୋଦ ମୁଦୁଲି, କାର୍ତ୍ତିକ ମୁଦୁଲୀ, କାର୍ତ୍ତିକଚନ୍ଦ୍ର ଦାସ, ସହଦେବ ଦାସ, ଅଟଳ ମହାପାତ୍ର, ଦୈତାରୀ ମହାନ୍ତି, ରମେଶ ମହାପାତ୍ର, ଦିଗମ୍ବର ପଣ୍ଡା, ସୁବାଷ ମହାନ୍ତି, ରାକେଶ ମୁଦୁଲି, ହିମାଂଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ସାମ୍ବାଦିକ ଗୋବିନ୍ଦ ଦାସ, ଦିବାକର ସାହୁ, ତରଣୀସେନ ଜେନା, ସୁଧାକର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନୃସିଂହଚରଣ ମୁଦୁଲୀ ଧନ୍ୟବାଦ ଦେଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# କଟକ ସିଟି



## ଜୁଡିସିଆଲ୍ ଏକାଡେମୀ ଛକରେ ସିରିଜ୍ ଦୁର୍ଘଟଣା; ୪ ଆହତ

### ନିଶାସକ୍ତ ମିନିଟ୍ରକ୍ ଡ୍ରାଇଭର ଗିରଫ



କଟକ,୨୪ ।୧୧(ସମିସ): ଜୁଡିସିଆଲ୍ ଏକାଡେମୀ ଛକରୁ ଡଗରପଡ଼ା ହନୁମାନ ମନ୍ଦିର ଛକ ଭିତରେ ଥିବା ରିଂବନ୍ଧରେ ଆଜି ଏକ ସିରିଜ୍ ଦୁର୍ଘଟଣା ଘଟି ୪ଜଣ ଆହତ ହୋଇଛନ୍ତି । ଏକ ଚିପ୍ସ ବୋଝେଇ ମିନିଟ୍ରକ ଚଳାଉଥିବା ମଦ୍ୟପ ଡ୍ରାଇଭର ଜୁଡିସିଆଲ୍ ଏକାଡେମୀ ଛକରେ ପ୍ରଥମେ ଏକ ପାସେଞ୍ଜର୍ ଅଟୋକୁ ଧକ୍କା ଦେଇଥିଲା । ଏହାପରେ ଡଗରପଡ଼ା ହନୁମାନ ମନ୍ଦିର ଛକରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା । ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତି ଓ ଜଣେ ମହିଳା ଆହତ ହୋଇଥିଲେ । ପାସେଞ୍ଜର୍ ଅଟୋରେ ବସିଥିବା ୨ଜଣ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି । ମଦ୍ୟପ ଡ୍ରାଇଭରର ଉନ୍ମତ୍ତକାଣ୍ଡ ଯୋଗୁଁ ସମୁଦାୟ ୪ଜଣ ଆହତ ହୋଇଥିବା ଜଣାପଡ଼ିଛି । ଡ୍ରାଇଭରକୁ ସ୍ଥାନୀୟ ଟ୍ରାଫିକ୍ ପୁଲିସ କାବୁ କରି ମର୍କତନଗର ଥାନା ପୁଲିସକୁ ହସ୍ତାନ୍ତର କରିଥିଲା । ଦୁର୍ଘଟଣା ଘଟାଇଥିବା ମିନିଟ୍ରକ୍‌କୁ ଜବତ କରାଯାଇଛି ।

## ଖ୍ରୀଷ୍ଟ କଲେଜ୍ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ

କଟକ,୨୪।୧୧(ସମିସ): ଖ୍ରୀଷ୍ଟ କଲେଜ୍ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ଆଜି ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ସିବି ମେଡିକାଲ୍ କଲେଜ ଓ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଫେସର ସାରଦା ପ୍ରସନ୍ନ ସ୍ୱାଇଁ ଯୋଗଦେଇଥିଲେ । ସେ ଅତ୍ୟାଧୁନିକ ଜୀବନଶୈଳୀରେ ବିଭିନ୍ନ କ୍ଷେତ୍ରରେ ଦେଖାଯାଉଥିବା ମାନସିକ ଅବସାଦ ଏବଂ ଏହାର ନିରାକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ବିଜ୍ଞାନ ସମାଜର ସଂଯୋଜିକା ଡଃ. ସ୍ୱାତୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ମିତାଞ୍ଜଳି ଜେଠୀ ଏବଂ ରଚିତା ସାନ୍ତରାଙ୍କ ପରିଚାଳନାରେ ବିଜ୍ଞାନ ସମାଜ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅଧ୍ୟାପିକା ଡଃ. ଆନନ୍ଦିନୀ ରାଉତ ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ଶୁଭାଶିଷ ଦାଶ ଓ ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଓଲିଉଡ୍ କଣ୍ଠଶିଳ୍ପୀଙ୍କ ଯୌନ କେଲେଙ୍କାରୀ ମାମଲା

# ଅଭିଯୁକ୍ତ ସୌରୀନ୍‌ଙ୍କୁ ଗିରଫ କରିପାରୁନି ପୁଲିସ

### ୨ ବର୍ଷ ହେବ ଚାଲିଛି ଛକାପଞ୍ଝା

### ଲୁକ୍ ଆଉଟ୍ ସର୍କୁଲାର୍, ଏନ୍‌ବିଡବ୍ଲ୍ୟୁ ଓ ପଳାତକ ଘୋଷଣା ପରେ ବି ପୁଲିସ ହାତ ଖାଲି



କଟକ,୨୪ ।୧୧(ସମିସ):

ଗାୟକ ସୌରୀନ ଭଟ୍ଟ ଯୌନ କେଲେଙ୍କାରୀ ମାମଲାକୁ ୨ ବର୍ଷ ବିତିଗଲାଣି । ଏ ପର୍ଯ୍ୟନ୍ତ କମିଶନରେଟ୍ ପୁଲିସ ଅଭିଯୁକ୍ତ କଣ୍ଠଶିଳ୍ପୀ ସୌରିନ୍‌କୁ ଗିରଫ କରିପାରୁନାହିଁ । ପୁଲିସ ପ୍ରଥମେ ତାକୁ ଗିରଫ କରିବାକୁ ଲୁକ୍ ଆଉଟ୍ ସର୍କୁଲାର୍ ଏବଂ ପରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲା । କିନ୍ତୁ ଏହା ଫଳପ୍ରଦ ହୋଇ ପାରିନଥିଲା । ପୁଲିସ ସହିତ ସୌରିନ୍ ଦୀର୍ଘ ସମୟ ଧରି ଲୁଚକାଳି ଖେଳୁଛି । ଶେଷରେ ପୁଲିସ ସୌରିନ୍ ନାଁରେ ପଳାତକ ଘୋଷଣା କରିଥିଲା । ଏତେସବୁ କାର୍ଯ୍ୟାନୁଷ୍ଠାନ ପରେ ବି ସୌରିନ୍ ଉପରେ କୌଣସି ପ୍ରଭାବ ପଡ଼ିନଥିଲା । ସେ କେତେବେଳେ କୋଲକାତାରେ ତ କେତେବେଳେ ମୁମ୍ବାଇରେ ଆତ୍ମଗୋପନ କରୁଥିବା ପୁଲିସ ଜାଣିବାକୁ ପାଇଥିଲା । ୪ଥର କଟକ ମହିଳା ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ ଉଭୟ କୋଲକାତା ଓ ମୁମ୍ବାଇ ଘରେ ଚଢ଼ଉ କରିଥିଲେ ମଧ୍ୟ ସୌରିନ୍‌କୁ ଗିରଫ କରି ପାରିନଥିଲେ । ଶେଷରେ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ଏହି ମାମଲା ଉପରେ ଗୁରୁତ୍ୱ ଦେଇ ତଦନ୍ତ କାଜଗପତ୍ର ଯାଞ୍ଚ କରିଥିଲେ । ସେ ମହିଳା ଥାନା ଓ ସମ୍ପୃକ୍ତ ଏସିପିଙ୍କୁ ତୁରନ୍ତ ଅଭିଯୁକ୍ତ ସୌରୀନକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ନିମନ୍ତେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଖୁବଶୀଘ୍ର କୋଲକାତା ଯାଇ ସୌରୀନ ଘର ଉପରେ ଚଢ଼ଉ କରିବା ସହିତ ତାକୁ ଗିରଫ କରିବ ବୋଲି ଜଣାପଡ଼ିଥିଲା । ଅନ୍ୟପଟେ ସେ ମୁମ୍ବାଇରେ ଯେଉଁ ଫ୍ଲାଟ୍‌ରେ ରହୁଛି, ସେଠାକୁ ଏକ ଟିମ୍ ଯାଉ ଚଢ଼ଉ କରିବ ବୋଲି ସୂଚନା ମିଳିଥିଲା । କିନ୍ତୁ ଏପର୍ଯ୍ୟନ୍ତ ପୁଲିସ ଆଖିରେ ଧୂଳି ଦେଇ ଅଭିଯୁକ୍ତ ସୌରୀନ ମୁମ୍ବାଇରେ ବୁଲୁଥିବା ସୂଚନା ମିଳିଛି ।

ପ୍ରକାଶ ଥାଉ କି, ସୌରିନ୍ ଭଟ୍ଟ ଏବେ ଆଉ କଟକ/ଭୁବନେଶ୍ୱର ଅସୁନାହିଁ କି ଓଡ଼ିଆ ଗୀତ ଗାଉ ନାହିଁ । କିନ୍ତୁ କେତେକ ହିନ୍ଦୀ ଓ ବେଙ୍ଗଲୀ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସୌରିନ୍‌ର ଗୀତ ଅପଲୋଡ୍ ହେଉଛି । ଏଥିରୁ ସ୍ପଷ୍ଟ ହେଉଛି, ସୌରନ୍ କୋଲକାତା ଓ ମୁମ୍ବାଇରେ ହିଁ ରହିଛି । ଯଦି ଷ୍ଟୁଡ଼ିଓ ଯାଇ ଗୀତଗାଇ ପାରୁଛି, ତେବେ ପୁଲିସ କାହିଁକି ତାକୁ ଧରି ପାରୁନାହିଁ ବୋଲି ପ୍ରଶ୍ନ ଉଠିଛି । ସେ ତାର ସୋସିଆଲ୍ ମିଡିଆକୁ ନିଷ୍କ୍ରିୟ କରି ଦେଇଛି । ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଏକ୍ସ'ରେ କୌଣସି ଫଟୋ କିମ୍ବା ଭିଡିଓ ଅପଲୋଡ୍ କରୁ ନାହିଁ । ନିଜର ସମସ୍ତ ଫୋନ୍ ନମ୍ବରକୁ ଅକାମୀ କରିବା ସହିତ ଓଡ଼ିଆ ଲୋକଙ୍କ ସମ୍ପର୍କରେ ସେ ଆଦୌ ରହୁନଥିବା ଜଣାପଡ଼ିଛି । ଜଣେ ଅଭିଯୁକ୍ତ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର, ଏନ୍‌ବିଡବ୍ଲ୍ୟୁ ଓ ପଳାତକ ଘୋଷଣା ହେବା ପରେ ସେ କେମିତି ସହଜରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାତାୟତ କରି ପାରୁଛି, ତାହା ସନ୍ଦେହ ସୃଷ୍ଟି ହେଉଛି ।

ଏଠାରେ ସୂଚନାଯୋଗ୍ୟ, କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟ ଓଡିଆ ସିନେମାରେ ଗୀତ ଗାଇବାର ସୁଯୋଗ ଦେବା ପାଇଁ ଜଣେ ଯୁବତୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଥମେ ପ୍ରେମ ଓ ପରେ ବିବାହ କରିବାକୁ ମଧ୍ୟ କହିଥିଲେ । ସେମାନଙ୍କର ସମ୍ପର୍କ ଦିନକୁ ଦିନ ଅଧିକ ନିବିଡତର ହୋଇଥିଲା । ଭଲ ପାଇବା ଆଳରେ ସୌରିନ୍ ସମ୍ପୃକ୍ତ ଯୁବତୀଙ୍କୁ ବାରମ୍ବାର ଯୌନ ନିର୍ଯ୍ୟାତନା ଦେଇଥିଲେ । କେବଳ ସେତିକି ନୁହେଁ, ବିଭିନ୍ନ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ଠକି ନେଇଥିଲେ । ଅବିବାହିତ ବୋଲି ପରିଚୟ ଦେଇଥିବା ସୌରିନ୍ ବିବାହିତ ଓ ତାଙ୍କର ଶିଶୁ କନ୍ୟା ରହିଥିବା ଜଣାପଡ଼ିଥିଲା । ସୌରିନ୍ କେବଳ ଶାରିରୀକ ସୁଖ ପାଇଁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିଲେ । ଏଭଳି ସଂଗୀନ ଅଭିଯୋଗ ଆଣିଥିଲେ ଜଗତପୁର ଅଞ୍ଚଳର ଜଣେ ଯୁବତୀ । ୨୦୨୩ମସିହା ଜୁନ୍ ୧୨ ତାରିଖରେ ପୀଡ଼ିତା ଜଗତପୁର ଥାନାରେ ଏହି ଅଭିଯୋଗ କରିଥିଲେ । ତେବେ କମିଶନରେଟ୍ ପୁଲିସ ଏହି ମାମଲାକୁ ଗୁରୁତର ସହ ଗ୍ରହଣ କରିଥିଲା । ଜଗତପୁର ଥାନାରୁ ଏହି ମାମଲା ବକ୍ସିବଜାର ମହିଳା ଥାନାକୁ ହସ୍ତାନ୍ତର ହୋଇଥିଲା । ତେବେ ମହିଳା ଥାନା ପୁଲିସ ଏଯାବତ୍ ଘଟଣାର ତଦନ୍ତ ଜାରି ରଖିଛି ।

## ଗୁଞ୍ଜନ ନୃତ୍ୟ-ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

### ଦେବଦାସ ଛୋଟରାୟଙ୍କୁ 'ନିବେଦିତା ପଟ୍ଟନାୟକ ସମ୍ମାନ'



କଟକ,୨୪।୧୧(ସମିସ): ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ଗୁଞ୍ଜନ ନୃତ୍ୟ-ସଙ୍ଗୀତ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ମହତାବ ରୋଡସ୍ଥିତ ଗ୍ରାଣ୍ଡ ଅଡିଟୋରିୟମରେ ତିନି ଧରି ଏହି ଉତ୍ସବ ପାଳିତ ହେଉଥିଲା । ଶେଷ ସନ୍ଧ୍ୟାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ଦେବଦାସ ଛୋଟରାୟଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାର ଅନନ୍ୟ ଆକର୍ଷଣ ଥିଲା ଏକାଡେମୀ ପକ୍ଷରୁ ପ୍ରଦର୍ଶିତ 'ମୀରା-ଦି ଡିଭାଇନ ଲଭଷ୍ଟୋରୀ' ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ । ଭଗବାନ ଶ୍ରୀକୃଷ୍ଣ ଏବଂ ମୀରାଙ୍କ ପ୍ରେମକାହାଣୀକୁ ଆଧାର କରି ଏକାଡେମୀର କଳାକାରମାନେ ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ । ଗୁରୁ ମୀରା ଦାସଙ୍କ ସହ ବିଦ୍ୟା ବିଶ୍ୱଜିତା, ପ୍ରିୟଙ୍କା ଜେନା, ସ୍ୱପ୍ନା ଦତ୍ତ, ସ୍ୱୀକୃତି ଦାସ, ଭାଗ୍ୟଶ୍ରୀ ଆଇଚ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ କୁନିକୁନି କଳାକାରଙ୍କ ଦ୍ୱାରା ପତାକା ହସ୍ତ ବିନିଯୋଗ ନୃତ୍ୟ ହୋଇଥିଲା ।

## ଓଷ୍ଟା ମହିଳା କର୍ମକର୍ତ୍ତାଙ୍କ ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ

କଟକ,୨୪ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୨ ଦିନିଆ ମହିଳା କର୍ମକର୍ତ୍ତାମାନଙ୍କର ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଏହି କର୍ମଶାଳା ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଶିକ୍ଷୟିତ୍ରୀମାନଙ୍କ ଦଳଗତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ୧୨ ଟି ପ୍ରସ୍ତାବ ରାଜ୍ୟ କାର୍ଯ୍ୟକାରୀ କମିଟିରେ ଆଲୋଚନା ପାଇଁ ପଠାଯାଇଥିଲା ।

ପ୍ରକାଶଥାଉକି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା କର୍ମକର୍ତ୍ତାଙ୍କ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ସମୃଦ୍ଧିର ବିଭିନ୍ନ ଦିଗ ଓ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଉପରେ ଏକ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଓଷ୍ଟା ତା'ର ଜନ୍ମଲଗ୍ନରୁ ଲଢ଼େଇ ଜାରି ରଖିଛି । ସାଂପ୍ରତିକ ସ୍ଥିତିରେ ସରକାର ବିଦ୍ୟାଳୟ ଗୁଡ଼ିକୁ ବର୍ଗୀକରଣ ନକରି ଏକ ରାଜ୍ୟ, ଏକ ପ୍ରକାର ବିଦ୍ୟାଳୟର ପ୍ରସ୍ତାବ ପ୍ରଦାନ କରିବା ସହିତ ଶିକ୍ଷୟିତ୍ରୀ ମାନଙ୍କର ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ସାଂଗଠନିକ ପ୍ରସ୍ତାବ ଉପରେ ଆଜିର କର୍ମଶାଳାରେ ଆଲୋଚନା ହୋଇଥିଲା । ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ନିଜର ଅଭିଭାଷଣରେ ସଂଗଠନର ଉନ୍ନତିରେ ମହିଳା କର୍ମକର୍ତ୍ତାମାନଙ୍କର ଭୂମିକା ଓ ସେମାନଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତା ସମ୍ପର୍କରେ ଆଲୋଚନା କରି ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । କୋଷାଧକ୍ଷ ଅଶୋକ କୁମାର ମହାପାତ୍ର ସଂଗଠନର ବିତ୍ତ ଓ ବିକାଶରେ ମହିଳାମାନଙ୍କର ଭୂମିକା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । ସଭାପତି ଅକ୍ଷୟ କୁମାର ମିଶ୍ର 'ଆମ ସଂଗଠନ ଇତିହାସ ଓ ବ୍ୟବସ୍ଥାରେ ମହିଳାମାନଙ୍କର ଭୂମିକା' ବିଷୟରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଆମେ ଓ ଆମ ସମ୍ବିଧାନ ଶୀର୍ଷକରେ ଆଲୋକପାତ କରିଥିଲେ । ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଆମ ମୁଖପତ୍ର ଓ ନାରୀ ସଶକ୍ତିକରଣ ଉପରେ ନିଜର ଅଭିଭାଷଣ ରଖିଥିଲେ । ଆନ୍ଦୋଳନ ସମ୍ପାଦକ ରମାକାନ୍ତ ମହାପାତ୍ର 'ଆନ୍ଦୋଳନରେ ଶିକ୍ଷୟିତ୍ରୀଙ୍କର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ମହିଳା ଉପସଭାପତି ରାଜଲକ୍ଷ୍ମୀ ବେହେରା ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶେଷରେ ସଂପାଦିକା ଯୁଗପ୍ରଭା ସାବତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ୨ ଦିନିଆ କର୍ମଶାଳାରେ ଶୈକ୍ଷିକ ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ପାଦିକା ରଞ୍ଜିତା ମିଶ୍ରଙ୍କ ସମେତ ଓଷ୍ଟାର ସମସ୍ତ ପଦାଧିକାରୀ ଏବଂ ଜିଲ୍ଲାସମ୍ପାଦକ ନାରାୟଣଚନ୍ଦ୍ର ବାରିକ, ତ୍ରିଲୋଚନା ଦାସ, ରବିନ୍ଦ୍ରନାଥ ଯୋଶୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

## ଡ୍ରିମ୍‌ସରେ ଏମ୍‌ବିବିଏସ୍ ଭିତ୍ତିଭୂମି ପାଠ୍ୟକ୍ରମ ଉଦ୍‌ଯାପିତ



କଟକ,୨୪ ।୧୧(ସମିସ): ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଓ ହସ୍‌ପିଟାଲ' ଏମ୍‌ବିଏସ୍ ୨୦୨୫-୨୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଚାଲିଥିବା ସପ୍ତାହ ବ୍ୟାପୀ ଭିତ୍ତିଭୂମି ପାଠ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ଅବସରରେ କହିଲେ, ପିତାମାତା ଓ ସମାଜ ଜଣେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଖରୁ ଅନେକ କିଛି ଆଶା କରନ୍ତି । ଏଣୁ ଜଣେ ଭଲ ମଣିଷ ଓ ପ୍ରତିଭାବାନ୍ ଡାକ୍ତର ହୋଇ ସେହି ଆଶା ପୂରଣ କରିବା ସହିତ ଈଶ୍ୱରଙ୍କ ଆଶୀର୍ବାଦ ଲାଭ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର 'ଡିନ୍' ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବାବେଳେ ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରମୁଖ ଡାକ୍ତରୀ ବୃତ୍ତିର ମହନୀୟତା ଉପରେ ଆଲୋକପାତ କରି ସମୟର ସଠିକ୍ ବିନିଯୋଗ ଓ ନିଷ୍ଠାପର ସାଧନା ଦ୍ୱାରା ଭବିଷ୍ୟତରେ ଦକ୍ଷ ଡାକ୍ତର ହୋଇ ଅଶେଷ ଗୌରବର ଅଧିକାରୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ' ମୁଁ କାହିଁକି ଡାକ୍ତର ହେବି' ଉପରେ ନିଜର ଅଭିମତ ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ରାଜ୍ୟ କବାଡ଼ି ଦଳର ହରିୟାଣା ଯାତ୍ରା



କଟକ,୨୪।୧୧(ସମିସ): ଚଳିତ ମାସ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ହରିୟାଣାର ସୋନିପଥ ସ୍ଥିତ ଚିଦାନା ରୟତ ବହରା ଇନଷ୍ଟିଚ୍ୟୁଟରେ ୩୫ତମ ଜାତୀୟ ଉପକନିଷ୍ଠ କବାଡି ଚମ୍ପିଆନସିପ୍ ଖେଳାଯିବ । ଏଥି ନିମନ୍ତେ ଓଡ଼ିଶା କବାଡି ସଂଘ ପକ୍ଷରୁ ଘୋଷିତ ରାଜ୍ୟ ଦଳ ଆଜି ହରିୟାଣା ଯାତ୍ରା କରିଛି । ବାଳକ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସମ୍ବିତ କୁମାର ରାଉତ, ପ୍ରୀୟଂଶୁ ସ୍ୱାଇଁ, ସତ୍ୟଜିତ ପଣ୍ଡା, ଶୁଭମ୍ ମଲ୍ଲିକ, ନୈତିକ ରାୟ, ବିନୋଦ ମାଝୀ, ଆୟୁଷ୍ମାନ ଆଚାର୍ଯ୍ୟ, ଶୁଭମ୍ ମାଝୀ, ଲକ୍ଷ୍ମୀଧର ନାୟକ, ପଦମ୍ ଥାପ୍ପା, ଅଙ୍କୁଶ କୁମାର ଭଞ୍ଜ, ସ୍ୱାଗତ ପରିଡା, ରାଜେଶ ଗୌଡ଼ ଓ ଚନ୍ଦନ ମୁର୍ମୁ । ସେହିପରି ବାଳିକା ଦଳରେ ଶ୍ରାବଣୀ ମାହକୁର, ଏ. କରିଷ୍ମା ପାତ୍ର, କୁବୁଲି ସେଠ୍, ସସ୍ମିତା ଓଝା, ରେଣୁକା ମାଝୀ, ପ୍ରଜ୍ଞା ପାରମିତା ସାହୁ, ସୋନାଲୀ ପରିଡା, ଝରଣା ବେହେରା, ନନ୍ଦିନୀ ପାଲ, ନୁଆଁଦେଇ ବିବି, ରିଙ୍କି କିଶାନ, ସଙ୍ଗିତା ବେହେରା, ସୂର୍ଯ୍ୟାଂଶ ନାଏକ ଓ ମାମୁନି ରାଉତ ସାମିଲ ହୋଇଛନ୍ତି । ବାଳକ ଦଳରେ ଜାତୀୟ ଖେଳାଳି ବସନ୍ତ କୁମାର ସାହୁ କୋଚ୍, ଦେବୀପ୍ରସାଦ ଦାସ ମ୍ୟାନେଜର ରହିଥିବା ବେଳେ ବାଳିକା ଦଳରେ କଳ୍ପନା ପ୍ରଧାନ କୋଚ୍ ଓ ପୂଜା ପ୍ରୀୟଦର୍ଶିନୀ ବିଶ୍ୱାଳ ମ୍ୟାନେଜର ରହିଛନ୍ତି । ଅନ୍ୟପକ୍ଷରେ ଅଖିଳ ଭାରତୀୟ କବାଡି ମହାସଂଘ ତରଫରୁ ପୁଲିସ୍ ଅଧିକାରୀ ପ୍ରକାଶ କୁମାର ସାହୁ ଏକମାତ୍ର ରେଫରୀ/ପରିଚାଳକ ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

### ଏସ୍‌ସିବିରେ ଡାଏଲିସିସ୍ ବନ୍ଦ ଘଟଣା

# ସ୍ୱାସ୍ଥ୍ୟ ମିଶନର ଟଙ୍କା ବିନିଯୋଗ ହେଉନି !





### ପିଡି ଫ୍ଲୁଇଡ୍ ବନ୍ଦୋବସ୍ତ କଲା ଓଏସ୍ଏମସି

### କୋଲକାତାରୁ ମଗାଗଲା, ଆଜି ପହଞ୍ଚିବ

କଟକ,୨୪।୧୧(ସମିସ):

ଗତ ଦୁଇ ମାସ ଧରି ଏସ୍‌ସିବି ମେଡିକାଲରେ ପିଡି ଫ୍ଲୁଇଡ୍ ଅଭାବରୁ ବୃକ୍କ ରୋଗୀଙ୍କ ଡାଏଲିସିସ ବନ୍ଦ ରହିବା ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଉଦ୍‌ବେଗ ପ୍ରକାଶ କରିଛି । ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେସନ(ଓଏସ୍ଏମସି)ର ବରିଷ୍ଠ ଅଧିକାରୀ ଆଜି ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଏ ବାବଦରେ ଆଲୋଚନା କରିଛନ୍ତି । ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ କରିବା ପାଇଁ ଓଏସ୍ଏମସି ପଦକ୍ଷେପ ନେଇଛି । କୋଲକାତାରୁ ପିଡି ଫ୍ଲୁଇଡ୍ ମଗାଯାଇଛି, ଯାହା ମଙ୍ଗଳବାର ପହଞ୍ଚିବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ପିଡି ଫ୍ଲୁଇଡ କିଣିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଅର୍ଥ ମଞ୍ଜୁର କରେ । ଏକବର୍ଷ ପାଇଁ ଅଗ୍ରୀମ ଟଙ୍କା ଯୋଗାଇ ଦିଆଯାଏ । ତେବେ ଏହି ଟଙ୍କା ସଠିକ ଉପାୟରେ ବିନିଯୋଗ ହୋଇ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଏବେ ଆଲୋଚନା ଜୋର୍ ଧରିଛି । ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ୯୦ଜଣ ରୋଗୀ ଡାଏଲିସିସ ଅପେକ୍ଷାରେ ରହିଛନ୍ତି । ପିଡି ଫ୍ଲୁଇଡ୍ ନ ଥିବାରୁ ଏବେ ରୋଗୀମାନେ ଅପେକ୍ଷା କରି ରହିଛନ୍ତି । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଓଏସ୍ଏମସି ପକ୍ଷରୁ ଆଜି ଫୋନ୍ ଯୋଗେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା । କୋଲକାତାରୁ ପିଡି ଫ୍ଲୁଇଡ୍ ମଗାଯାଇଥିବା ବେଳେ ମଙ୍ଗଳବାର ବଡ ମେଡିକାଲରେ ପହଞ୍ଚିବା ପରେ ଡାଏଲିସିସ ପୁର୍ନବାର ଆରମ୍ଭ ହେବ ବୋଲି ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଜଟିଳ ବୃକ୍କ ରୋଗରେ ଆକ୍ରାନ୍ତଙ୍କୁ ବଡ ମେଡିକାଲରେ ଡାଏଲିସିସ ସେବା ମିଳୁନାହିଁ । ପିଡି ଫ୍ଲୁଇଡ୍ ନ ଥିବାରୁ ନେଫ୍ରୋଲୋଜି ବିଭାଗରେ ଏହି ଚିକିତ୍ସା ବ୍ୟବସ୍ଥା ବନ୍ଦ ରହିଥିବା ଅଭିଯୋଗ ହୋଇଛି । ୨୧ ଜଣ ରୋଗୀ ଏଭଳି ଅଭିଯୋଗ ଉଠାଇ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା ।

### ଷ୍ଟୁଆର୍ଟ ସ୍କୁଲରେ ଫାଉଣ୍ଡର୍ସ ଡେ' ପାଳିତ


# ଆଧ୍ୟାତ୍ମିକତା ଓ ଶିକ୍ଷାଗତ ଉତ୍କର୍ଷ ଉପରେ ଗୁରୁତ୍ୱ





କଟକ,୨୪।୧୧(ସମିସ): ଷ୍ଟୁଆର୍ଟ ସ୍କୁଲ୍, କଟକରେ ଆଜି ଏହାର ଗୌରବମୟ ୧୪୩ ତମ ଫାଉଣ୍ଡର୍ସ ଡେ' (ପ୍ରତିଷ୍ଠା ଦିବସ) ସହିତ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆର (ସିଏନ୍‌ଆଇ) ଧନ୍ୟବାଦ ଉପାସନାକୁ ଅତ୍ୟନ୍ତ ଭାବପୂର୍ଣ୍ଣ ଓ ଶ୍ରଦ୍ଧାର ସହ ପାଳନ କରାଯାଇଛି । ସ୍କୁଲର କୋ-ଅର୍ଡିନେଟର ରେଶମା ପ୍ରଧାନଙ୍କ ପରିଚାଳନାରେ ଏହି ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସିଏନ୍‌ଆଇ କଟକ ଡାୟୋସିସର ବିଶପ୍ ତଥା ଷ୍ଟୁଆର୍ଟ ସ୍କୁଲ୍ ଓ କଲେଜର ଚେୟାରମ୍ୟାନ୍ ବିସପ୍ ରାଇଟ୍ ରେଭରେଣ୍ଡ ଏସ୍.କେ. ନନ୍ଦ ଉଦ୍‌ଘାଟନୀ ପ୍ରାର୍ଥନା କରି ସ୍କୁଲ ଓ ସମଗ୍ର ପରିବାର ଉପରେ ଈଶ୍ୱରଙ୍କ ଆଶୀର୍ବାଦ କାମନା କରିଥିଲେ । ସ୍କୁଲର ସେକ୍ରେଟାରୀ ଡା. ଆର୍. ଆର୍. ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରତିଷ୍ଠାତାଙ୍କ ଦୂରଦୃଷ୍ଟିକୁ ସ୍ମରଣ କରିଥିଲେ । ଏହି ଅବସରରେ ଭୁବନେଶ୍ୱରସ୍ଥିତ ସୋଆ ୟୁନିଭର୍ସିଟିର ଭାଇସ୍ ଚାନ୍ସେଲର ପ୍ରଫେସର ଅନୁପ କୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ, ଯାହା ସ୍କୁଲର ପ୍ରତିଷ୍ଠା ଆଦର୍ଶକୁ ସ୍ମରଣ କରାଇଥିଲା । କାର୍ଯ୍ୟକ୍ରମକୁ ସ୍କୁଲ କୋୟରଙ୍କ ପ୍ରଶଂସା ଓ ଉପାସନା ଗୀତରେ ଶୁଭାରମ୍ଭ କରାଯାଇଥିଲା । ସ୍କୁଲର ଚାପ୍‌ଲିନ୍ ରେଭ୍. ପଲାଶ ଦେ ଧର୍ମଶାସ୍ତ୍ର ପାଠ କରିଥିଲେ ଏବଂ ଇଂରାଜୀ ବାପ୍‌ଟିଷ୍ଟ ଚର୍ଚ୍ଚର ପାଷ୍ଟର ରେଭ୍. ପରିତୋଷ ରାଉତ ଧନ୍ୟବାଦ ପ୍ରାର୍ଥନା କରିଥିଲେ । ସିଏନ୍‌ଆଇ ଡାୟୋସିସ୍ ବୋର୍ଡର ସିଇଓ ରେଭ୍. ଏଫ୍. ସି. ନର୍ଥ ମଧ୍ୟ ଧନ୍ୟବାଦ ପ୍ରାର୍ଥନା କରିଥିଲେ । ସ୍କୁଲର ପ୍ରିନ୍ସିପାଲ ଡି. ମାର୍ଟିନା ସିଏନ୍‌ଆଇ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ବିସିଟିଏର ଭାଇସ୍ ପ୍ରେସିଡେଣ୍ଟ୍ ରେଭରେଣ୍ଡ ସାମସନ ଦାସଙ୍କ ଦ୍ୱାରା ଆଶିଷ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଫାଉଣ୍ଡର୍ସ ଡେ' ଓ ଧନ୍ୟବାଦ ଉପାସନାର ଏହି ସମ୍ମିଶ୍ରଣ ସ୍କୁଲର ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରିଛି ।

# ସମ୍ପାଦକୀୟ



ଭୋଟ, ଗୁଳିଗୁଳାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ !
-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ମୋଦୀ– ମେଲୋନି

ଜର୍ଜିଆ ମେଲୋନି ଇଟାଲୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ। ପୁରୁଷପ୍ରାଧାନ୍ୟ ନେତୃତ୍ୱ ମଧ୍ୟରେ ମହିଳା ରାଷ୍ଟ୍ରମୁଖ୍ୟ ଭାବେ ସେ ବାରି ହୋଇପଡ଼ନ୍ତି। ଶୈଶବରୁ ଜୀବନ ସହ ଯୁଝିଥିବା ମେଲୋନି ନିଜର ସବୁ ଇଚ୍ଛାପୂର୍ତ୍ତିରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ମଧ୍ୟ ହାର ସ୍ୱୀକାର କରିନାହାନ୍ତି। ମୁସୋଲିନୀଙ୍କ ଫାସୀବାଦ ଇଟାଲୀର ଜନଜୀବନରେ ଅଗ୍ରାହ୍ୟ ଓ ନିନ୍ଦିତ ହୋଇଥିବା ବେଳେ ସେ ସେହି ଦକ୍ଷିଣପନ୍ଥୀ ଆଦର୍ଶର ଅନୁଗାମୀ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ତାହା ହିଁ ତାଙ୍କୁ ଶେଷରେ ରାଷ୍ଟ୍ରମୁଖ୍ୟ ହେବାର ସୁଯୋଗ ଆଣିଦେଇଛି।

ଆଦର୍ଶ ଓ ଆଚରଣଗତ ସାମ୍ୟତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମେଲୋନିଙ୍କ ସଂପର୍କ ସୁଦୃଢ଼ ହୋଇଛି। ଏମିତିରେ ଭାରତ ୧୪୦ କୋଟି ଜନତାଙ୍କ ସର୍ବବୃହତ ଗଣତନ୍ତ୍ର। ଜି-୨୦ ଓ ଜି-୭ ଶିଖର ସମ୍ମିଳନୀର ପୃଷ୍ଠଭାଗରେ ମୋଦୀ-ମେଲୋନୀଙ୍କ ମଧ୍ୟରେ ଭାବବିନିମୟରୁ ଭାରତ ଉପକୃତ ହୋଇଛି କହିଲେ ଭୁଲ ହେବନି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବର୍ଦ୍ଧିତ ଟାରିଫ ଓ 'ଅପରେସନ ସିନ୍ଦୂର' ପରବର୍ତ୍ତୀ ପରିସ୍ଥିତିରେ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଭାରତର କୂଟନୈତିକ ସଂପର୍କ କ୍ଷୁଣ୍ଣ ହୋଇଥିବା ବେଳେ ମେଲୋନିଙ୍କ ପ୍ରଭାବୀ ଭୂମିକା ମାର୍ଗଦର୍ଶନରେ ସହାୟକ ହୋଇଥିଲା। ୟୁରୋପୀୟ ରାଷ୍ଟ୍ର ସଂଘ ସହ ଭାରତର ବାଣିଜ୍ୟିକ ଚୁକ୍ତିନାମା ସଂପ୍ରତି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିଛି। ଦୁଇ ନେତୃତ୍ୱ ମଧ୍ୟରେ ସଂପର୍କର ଘଟଣାକ୍ରମ ଏକ ସେଲଫିକୁ ନେଇ ବେଶ ରୋଚକ ମୋଡ଼ ନେଇଥିଲା। ଦୁବାଇରେ ଅନୁଷ୍ଠିତ ସିଓପି – ୨୮ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ଦୁଇ ରାଷ୍ଟ୍ରମୁଖ୍ୟ। ସେତେବେଳେ ମେଲୋନି ମୋଦୀଙ୍କ ସହ ଉଠାଇଥିବା ସେଲ୍‌ଫି ପୋଷ୍ଟ କରିଥିଲେ। ଏହାର ଉତ୍ତରରେ ଦୁଇ ରାଷ୍ଟ୍ର ସଂପର୍କ ସୁଦୃଢ଼ ଓ ନିବିଡ଼ ହେଉ ବୋଲି କାମନା କରିଥିଲେ ମୋଦୀ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୫ ତମ ଜନ୍ମଦିବସରେ ମେଲୋନି ପଠାଇଥିବା ଶୁଭେଚ୍ଛା ଭିଡିଓ, ମେଲୋନିଙ୍କ ଆତ୍ମଜୀବନୀ ପୁସ୍ତକର ଭାରତୀୟ ସଂସ୍କରଣରେ ମୋଦୀ ଲେଖିଥିବା ଭୂମିକାରେ ପରସ୍ପର ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ପରିସ୍ଫୁଟ ହୋଇଛି। କୂଟନୈତିକ ସ୍ତରରେ ଏଭଳି ସଂପର୍କ ଓ ସଦ୍‌ଭାବର କେବଳ ଆବଶ୍ୟକତା ନୁହେଁ ସ୍ୱତନ୍ତ୍ର ଗୁରୁତ୍ୱ ମଧ୍ୟ ରହିଛି।

ଦକ୍ଷିଣ ଆଫ୍ରିକାର ଜୋହନ୍‌ସବର୍ଗରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ପୁଣି ଆଳାପଆଲୋଚନା ହୋଇଛି। ଏଥର ଉଦ୍‌ଘାଟନୀ ଦିବସରେ ମିଳିତ ଘୋଷଣାନାମା ଜାରି କରାଯାଇଛି। ଆତଙ୍କବାଦର ସମସ୍ତ ସ୍ୱରୂପକୁ ଉପସ୍ଥିତ ସବୁନେତା ମିଳିତ ସ୍ୱରରେ ନିନ୍ଦା କରିବା ଭାରତ ପାଇଁ ଏକ ବଡ଼ ସଫଳତା କୁହାଯାଇପାରେ। ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥାପନ କରିଥିବା ୪ଟି ପ୍ରସ୍ତାବ ମଧ୍ୟରୁ ଡ୍ରଗ୍ସ ଆତଙ୍କବାଦ ସଂପର୍କ ଓ ସ୍ୱାସ୍ଥ୍ୟଯତ୍ନ ପାଇଁ ବିଶ୍ୱସ୍ତରୀୟ ଟିମ ବା ଗୋଷ୍ଠୀର ଗଠନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମେରିକା, ଚୀନ ଓ ରୁଷିଆର ଅନୁପସ୍ଥିତି ସତ୍ତ୍ୱେ ଏହି ଶିଖର ସମ୍ମିଳନୀରେ ଅନୁମୋଦିତ ପ୍ରସ୍ତାବ ବିଶ୍ୱ ସମୁଦାୟର ଆସ୍ଥା ଓ ବିଶ୍ୱାସଭାଜନ ହେବ ବୋଲି ଆଶା କରୁ।

## ନିଲାମ ନୁହେଁ, ଲଟେରୀ

ଆନ୍ତଃ ରାଜ୍ୟ ବାଲିମାଫିଆ ଓଡ଼ିଶାରେ ସକ୍ରିୟ। ସ୍ଥାନୀୟ ଲୋକଙ୍କ ସହାୟତା ବିନା ଏହା ଅସମ୍ଭବ। ସରକାରଙ୍କ ଜ୍ଞାତସାରରେ ଏସବୁ ଚାଲିଛି। ରାଜ୍ୟବାସୀଙ୍କ ଚାହିଦା ବା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଅଧିକ ମୂଲ୍ୟ ଦେବାକୁ ପଡୁଛି। ରାଜ୍ୟ ବାହାରକୁ ବାଲିଚାଲାଣ ରୋକିବାରେ ସରକାର ଅସମର୍ଥ ହୋଇଛନ୍ତି। ତେଣୁ ନିକଟରେ ସରକାର ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ – ୨୦୧୬ ର ସଂଶୋଧନ ମାଧ୍ୟମରେ ସ୍ଥିତି ସୁଧାରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏଣିକି ସାରା ରାଜ୍ୟରେ ଗୋଟିଏ ବାଲି ଦର ଲାଗୁ ହେବ। ରାଜ୍ୟ ସରକାର ବାଲି ପାଇଁ ଏମଏସପି (ସର୍ବାଧିକ ବିକ୍ରିମୂଲ୍ୟ) ଧାର୍ଯ୍ୟ କରିବେ। ବାଲିଘାଟଧାରୀ ସରକାରଙ୍କ ଧାର୍ଯ୍ୟ ଦରରେ ବିକିବେ। ଏହାର ଉଲ୍ଲଙ୍ଘନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ସରକାରୀ ନିଷ୍ପତ୍ତିର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଇ-ନିଲାମ ପରିବର୍ତ୍ତେ ଇ-ଲଟେରୀ ମାଧ୍ୟମରେ ବାଲିଘାଟଗୁଡ଼ିକୁ ଲିଜ୍ ଦିଆଯିବ। ନିଲାମ ଓ ଲଟେରୀ ବ୍ୟବସ୍ଥାରେ ଥିବା ପାର୍ଥକ୍ୟ ସହଜରେ ଅନୁମେୟ। ସରକାରଙ୍କ ପାଖଲୋକଙ୍କୁ ଖୋଲାହାତରେ ବାଲିଘାଟ ଲିଜ୍ ଦେବାରେ ଲଟେରୀ ବ୍ୟବସ୍ଥା ସହାୟକ ହେବ। ଯେଉଁ କାରଣରୁ ଲଘୁ ଖଣିଜ ସାମଗ୍ରୀ ଲୁଟ ଓ ଚୋରା ଚାଲାଣକୁ ରୋକାଯାଇ ପାରୁନି, ତାହାର କ୍ଷେତ୍ର ଏହାଦ୍ୱାରା ସଂପ୍ରସାରିତ ହେବ। ଅନ୍ୟଏକ ଦିଗ ହେଲା ରାଜ୍ୟ ବାହାରକୁ ବାଲି ଚୋରାଚାଲାଣ ରୋକିବା ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

ବର୍ଷାଋତୁରେ ନଦୀରେ ପାଣି ଆସୁଥିବାରୁ ବାଲି ଦୁର୍ଲଭ ହୋଇପଡ଼େ। ବାଲି ମାଫିଆମାନେ ଯଥେଷ୍ଟ ପୂର୍ବରୁ ନଦୀ ଶଯ୍ୟାରୁ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରଖିଥା'ନ୍ତି। ସେହି ସୂତ୍ରରୁ ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ କରି ଲୋକଙ୍କୁ ଯୋଗାଇଥା'ନ୍ତି। ଷ୍ଟୋରେଜ ଲାଇସେନ୍ସ ବିନା କେହି ବାଲି ଗଚ୍ଛିତ ରଖିପାରିବେ ନାହିଁ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହା ଉଭୟ ବାଲି ଓ ଅନ୍ୟ ଲଘୁଖଣିଜ ସାମଗ୍ରୀ କ୍ଷେତ୍ରରେ ପ୍ରୟୋଗ କରାଯିବ। ଖଣିଜ ପଦାର୍ଥର ମାନ ନିର୍ଣ୍ଣୟରେ ଚାଲିଥିବା କାରସାଦିକୁ ରୋକିବା ସକାଶେ ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ କରାଯିବ। ଏପରିକି ଚୋରା ଖଣିଜ ପଦାର୍ଥ ଜବତ ସମୟରେ ମଧ୍ୟ ପୋର୍ଟେବଲ୍ ବିଶ୍ଳେଷକ ମାଧ୍ୟମରେ ଗ୍ରେଡ୍ ନିର୍ଦ୍ଧାରଣ କରାଯିବ। ସେହିପରି ସବୁ ଖଣିରେ ଆରଏଫଆଇଡି ବୁମ ବ୍ୟାରିୟର ଲଗାଯିବ। ଫଳରେ ଖଣିରୁ ମାଲବାହୀ ଗାଡ଼ି ବାହାରିବା ସମୟରେ ଟ୍ରାକିଂ କରାଯାଇ ପାରିବ। କେଉଁଠି ଓ କାହା ମାଧ୍ୟମରେ ଚୋରା ଖଣିଜ ସାମଗ୍ରୀ ଚାଲାଣ ହେଉଛି ତାହା ଧରିବାରେ ଏହା ସହାୟକ ହେବ। ଓଡ଼ିଶା ଖଣିଜ ପଦାର୍ଥ ୨୦୨୫ ସଂଶୋଧନ ଆଇନରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇଛି।

ବ୍ୟବସ୍ଥାଗତ ପରିବର୍ତ୍ତନ ଓ ତାହାର କାର୍ଯ୍ୟକାରିତାରେ କେଉଁଠି ନା କେଉଁଠି ଅସାମଞ୍ଜସ୍ୟ ରହିଯାଉଥିବାରୁ ରାଜ୍ୟରୁ ଲଘୁଖଣିଜ ସାମଗ୍ରୀ ଲୁଟ୍‌କୁ ରୋକାଯାଇ ପାରୁନାହିଁ। ଲିଜଧାରୀ ପ୍ରତ୍ୟକ୍ଷରେ ରାଜନୈତିକ ବ୍ୟକ୍ତିବିଶେଷ ନହେଲେ ମଧ୍ୟ ତାଙ୍କ ଚେଲାଚାମୁଣ୍ଡାଙ୍କୁ ସୁବିଧା ସୁଯୋଗ ମିଳୁଛି। ଏକ୍ଷେତ୍ରରେ ଇ-ଲଟେରୀ ବ୍ୟବସ୍ଥା ଯେ ସହାୟକ ହେବ ଏଥିରେ ଦ୍ୱିମତ ହେବାର ନାହିଁ। ଏବାବଦରେ ରୋଜଗାର ହେଉଥିବା କଳାଧନକୁ ରୋକିବା ପରିବର୍ତ୍ତେ ସରକାର ବ୍ୟବସ୍ଥିତ ଢଙ୍ଗରେ ମୁକୁଳା କରିଦେବାର ସୁଯୋଗ ସୃଷ୍ଟି କରିଛନ୍ତି। ତେଣୁ ଆଗାମୀ ଦିନରେ ଧରପଗଡ଼ ଆହୁରି ଢିଲା ହୋଇଯିବା ଏକପ୍ରକାର ଥୟ।

## ଗଣତାନ୍ତ୍ରିକ ବ୍ୟବସ୍ଥାରେ ପୁଞ୍ଜି

ଅଂଶୁମାନ ନାୟକ



ନିକଟରେ ବିହାର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ନୂଆ ସରକାର ଶପଥ ନେଇଛି। ଗଣତନ୍ତ୍ରର ଏହି ପର୍ବରେ ବହୁତ କିଛି ଦେଖିବାକୁ ମିଳିଥିଲା, ଯାହାକି ରୋମାଞ୍ଚକର ଥିଲା। ନିର୍ବାଚନ ପ୍ରଚାର ପାଇଁ ହେଲିକପ୍ଟର ଓ ଚାର୍ଟାର୍ଡ ପ୍ଲେନ୍‌ର ବହୁଳତା ଦେଖିବାକୁ ମିଳିଥିଲା। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟାନୁଯାୟୀ ନଭେମ୍ବର ୧୧ ତାରିଖ ସୁଦ୍ଧା ପାଟ୍‌ନା ଆନ୍ତର୍ଜାତିକ ବିମାନ ବନ୍ଦରରେ ଦୈନିକ ୨୫ଟି ହେଲିକପ୍ଟର ଓ ୧୨ଟି ଚାର୍ଟାର୍ଡ ବିମାନ ଚଳାଚଳ କରୁଥିଲେ। ସାଧାରଣ ଭାବରେ ଏକଇଞ୍ଜିନ ବିଶିଷ୍ଟ ଏକ ହେଲିକପ୍ଟର ଘଣ୍ଟା ପିଛା ୧.୫ ଲକ୍ଷ ଟଙ୍କା ଭଡ଼ା ନେଉଥିବା ବେଳେ ଦ୍ୱୈତଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଘଣ୍ଟା ପିଛା ୨.୫ ଲକ୍ଷ ଟଙ୍କା ଭଡ଼ା ନେଇଥାଏ। ସେହିପରି ଏକ ଚାର୍ଟାର୍ଡ ପ୍ଲେନ୍ ଘଣ୍ଟା ପିଛା ୪ ରୁ ୯ ଲକ୍ଷ ଟଙ୍କା ଭଡ଼ା ନିଏ। ଏହା ତ କେବଳ ନିର୍ବାଚନ ପ୍ରଚାର ପାଇଁ ଯିବା ଆସିବାର ଖର୍ଚ୍ଚ। ଏକ ରିପୋର୍ଟ ଅନୁଯାୟୀ ସମସ୍ତ ରାଜନୈତିକ ଦଳ ୨୦୦ କୋଟିରୁ ଅଧିକ ଟଙ୍କା କେବଳ ଅନ୍‌ଲାଇନ୍ ପ୍ରଚାର ମାଧ୍ୟମରେ ଖର୍ଚ୍ଚ କରିଛନ୍ତି।

୨୦୨୨ ମସିହାରେ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ଖର୍ଚ୍ଚର ବିବରଣୀ ଦିଆଯାଇଥିଲା। ସେ ବିଜ୍ଞପ୍ତି ଅନୁସାରେ ସଂସଦୀୟ ନିର୍ବାଚନ ପାଇଁ ଜଣେ ପ୍ରାର୍ଥୀ ସର୍ବାଧିକ ୯୫ ଲକ୍ଷ ଟଙ୍କା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଜଣେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ସେହି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟର ଜନସଂଖ୍ୟା ଆଧାରରେ ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଏହାକୁ ମାନୁଛି କିଏ? ଏଡିଆର(ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମ)ର ରିପୋର୍ଟ ଅନୁସାରେ ୨୦୨୪ ମସିହାର ସଂସଦୀୟ ନିର୍ବାଚନ ଏବଂ କିଛି ରାଜ୍ୟ ପାଇଁ ହୋଇଥିବା ବିଧାନସଭା ନିର୍ବାଚନରେ ପାଞ୍ଚୋଟି ଜାତୀୟ ଦଳ ଏବଂ ୨୭ଟି ଆଞ୍ଚଳିକ ଦଳ ମିଶି ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯେଉଁଥିରେ କି ଭାରତର ଦୁଇ ପ୍ରମୁଖ ଦଳ ବିଜେପି ୧୪୯୩.୯୧ କୋଟି ଏବଂ କଂଗ୍ରେସ ୬୨୦.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଏହାତ କେବଳ ଏକ ରାଜନୈତିକ ଦଳର ନିର୍ବାଚନ ପ୍ରଚାର ପାଇଁ ହୋଇଥିବା ଖର୍ଚ୍ଚର ଆଧିକାରିକ ବିବରଣୀ। କିନ୍ତୁ ନିର୍ବାଚନ ପାଇଁ ଲଢୁଥିବା ଆଶୟୀ ପ୍ରାର୍ଥୀମାନେ ମଧ୍ୟ ନିଜ ପାଖରୁ ବହୁପରିମାଣ ଖର୍ଚ୍ଚ କରନ୍ତି। ଏଥିରୁ ଏହା ପ୍ରମାଣିତ ହେଉଛି ଯେ ନିର୍ବାଚନ ଲଢ଼ିବା ଏକପ୍ରକାର ବ୍ୟୟବହୁଳ ହୋଇପଡ଼ିଛି। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶର ୪୪% ଜିତିଥିବା ପ୍ରାର୍ଥୀଙ୍କର ନିଜସ୍ୱ ବ୍ୟକ୍ତିଗତ ସମ୍ପତ୍ତି ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ଏଡିଆରର ୧୮୩ ପୃଷ୍ଠା ବିଶିଷ୍ଟ ରିପୋର୍ଟ ଅନୁଯାୟୀ ସଦ୍ୟସମାପ୍ତ ବିହାର ନିର୍ବାଚନରେ ଯେଉଁ ପ୍ରାର୍ଥୀମାନେ ନିର୍ବାଚନ ଜିତିଛନ୍ତି, ସେମାନଙ୍କ ମଧ୍ୟରୁ ୯୦% (୨୪୩ ରୁ ୨୧୮ ଜଣ ପ୍ରାର୍ଥୀ) କୋଟିପତି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ କୋଟିପତି ପ୍ରାର୍ଥୀମାନଙ୍କର ସଂଖ୍ୟା ପ୍ରତି ନିର୍ବାଚନ ବର୍ଷରେ ବଢ଼ିଚାଲିଛି। ୨୦୧୦ ମସିହାରେ ଜିତିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୪୫ ଜଣ କୋଟିପତି ଥିଲେ, ୨୦୧୫ ମସିହାରେ ୧୬୨ ଜଣ, ୨୦୨୦ ମସିହାରେ ୧୯୪ ଜଣ ଏବଂ ବର୍ତ୍ତମାନ ୨୦୨୫ ମସିହା ନିର୍ବାଚନରେ ୨୧୮ ଜଣ ଜିତିଥିବା କୋଟିପତି ପ୍ରାର୍ଥୀ।

ଏଡିଆର ରିପୋର୍ଟ ଅନୁସାରେ ବିଜେପିର ୮୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୭ ଜଣ, ଜେଡିୟୁର ୮୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ ଜଣ, ଆରଜେଡିର ୨୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୪ ଜଣ, ଏଲଜେପିର ୧୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୬ ଜଣ, ଏଚଏଏମ୍‌ର ୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ, ଏପରିକି କଂଗ୍ରେସର ସମସ୍ତ ୬ ଜଣ ବିଜେତା ପ୍ରାର୍ଥୀ ହେଉଛନ୍ତି କୋଟିପତି। ଏଆଇଏମ୍‌ଆଇଏମ୍‌ର ସମସ୍ତ ୫ ଜଣ ବିଜେତା ପ୍ରାର୍ଥୀ, ଆରଏଲ୍‌ଏମ୍‌ର ସମସ୍ତ ୪ ଜଣ ଜିତିଥିବା ପ୍ରାର୍ଥୀ, ସିପିଆଇଏମ୍, ଆଇଆଇପି, ବିଏସ୍‌ପି ପ୍ରାର୍ଥୀ ମଧ୍ୟ କୋଟିପତି। ଯଦି ସମସ୍ତ ଜିତିଥିବା ବିଧାୟକମାନଙ୍କର ସମସ୍ତ ସମ୍ପତ୍ତିକୁ ଏକାଠି କରାଯିବ ତାହା ୨୧୯୨ କୋଟି ଟଙ୍କା ହେବ।

ଏହାଫଳରେ ସାଧାରଣ ବର୍ଗରୁ ଆସୁଥିବା ଲୋକମାନେ ନିର୍ବାଚନରେ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ ମଧ୍ୟ କରି ପାରୁନାହାନ୍ତି। ଏ ପ୍ରକାର ପରିସ୍ଥିତି କେବଳ ଭାରତରେ ନୁହେଁ, ସମ୍ପୂର୍ଣ୍ଣ ବିଶ୍ୱରେ ସୃଷ୍ଟି ହୋଇସାରିଛି। ଏପରିକି ବିଶ୍ୱର ସବୁଠାରୁ ପୁରୁଣା ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥିତି ମଧ୍ୟ ଭିନ୍ନ ନୁହଁ। ଆମେରିକାନ୍ ଫର ଟ୍ୟାକ୍ସ ଫେୟାରନେସ୍ ବା ଏଟିଏଫ୍‌ର ଏକ ରିପୋର୍ଟ ଅନୁସାରେ ୨୦୨୪ ମସିହାରେ ହୋଇଥିବା ଆମେରିକୀୟ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇଥିବା ଡୋନାଲ୍ଡ ଟ୍ରମ୍ପଙ୍କର ସମର୍ଥନରେ ୧୦୦ ଜଣ ଧନୀ ପରିବାର ୨.୬ ବିଲିୟନ୍ ଡଲାର ଖର୍ଚ୍ଚ କରିଥିଲେ। ଏପରି ଭାବରେ ବିଭିନ୍ନ ଦେଶମାନଙ୍କର ସ୍ଥିତି କିଛିମାତ୍ରାରେ ସମାନ।

ଅପରପକ୍ଷରେ ଏହାମଧ୍ୟରେ ବହୁତ ଉଦାହରଣ ମଧ୍ୟ ଅଛି, ଯେଉଁଥିରେ କି ସାଧାରଣ ବର୍ଗରୁ ଆସିଥିବା ଲୋକ ମଧ୍ୟ ଏହି ବ୍ୟୟବହୁଳ ଗଣତାନ୍ତ୍ରିକ ନିର୍ବାଚନରେ ଭାଗ ନେଇ ନିଜର ଦକ୍ଷତା ବଳରେ ନିର୍ବାଚନ ଜିତିଛନ୍ତି। ୨୦୧୯ ମସିହା ଓଡ଼ିଶା ବିଧାନସଭା ନିର୍ବାଚନରେ ରାୟଗଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆଦିବାସୀ ନେତା ମକରନ୍ଦ ମୁଦୁଲି ମାତ୍ର ୧୫୦୦୦ ଟଙ୍କା ଖର୍ଚ୍ଚରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଜିତିଥିଲେ, ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଆମେରିକାରେ ମଧ୍ୟ ସେଭଳି ଏକ ଆଶ୍ଚର୍ଯ୍ୟ ଘଟଣା ହୋଇଛି। ଆମେରିକାର ନ୍ୟୁୟର୍କ ସହର ପାଇଁ ହୋଇଥିବା ମେୟର ନିର୍ବାଚନରେ ମମଦାନୀ ପୁଞ୍ଜିପତିମାନଙ୍କର ବିନା ସମର୍ଥନରେ ଏବଂ ଏକ ଅଲଗା ବିଚାରଧାରା ନେଇ ମେୟର ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ଏପରିକି ତାଙ୍କୁ ହରାଇବା ପାଇଁ ନ୍ୟୁୟର୍କର ଅଧିକାଂଶ ପୁଞ୍ଜିପତି ମମଦାନୀଙ୍କର ବିରୋଧୀଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରିଥିଲେ। ଆମେରିକା ଭଳି ରାଷ୍ଟ୍ର, ଯାହା ପୁଞ୍ଜିବାଦ ଭଳି ବିଚାରଧାରାରେ ତିଆରି ହୋଇଛି, ମମଦାନୀଙ୍କର ବିଜୟ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିଛି ବୋଲି କହିଲେ ଭୁଲ ହବ ନାହିଁ। ମକରନ୍ଦ ମୁଦୁଲି ଓ ମମଦାନୀଙ୍କ ଭଳି ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ପ୍ରମାଣିତ କରିଦେଇଛନ୍ତି ଯେ ଉପଯୁକ୍ତ ରଣକୌଶଳ ଏବଂ ଲୋକସମ୍ପର୍କ ବଳରେ ସବୁକିଛି ସମ୍ଭବ କରାଯାଇପାରିବ। ତାହା ରାୟଗଡ଼ାର ଆଦିବାସୀବହୁଳ ଅଞ୍ଚଳ ହେଉ କି ନ୍ୟୁୟର୍କ ଭଳି ମହାନଗର ହେଉ।

ଗଣତନ୍ତ୍ରରେ ପୁଞ୍ଜିର ବ୍ୟବହାର ପୂର୍ବରୁ ଥିଲା, ଏବେ ବି ଅଛି ଏବଂ ଆଗକୁ ମଧ୍ୟ ରହିବ। ଏଭଳି ଏକ କଟୁ ସତ୍ୟକୁ ଆପଣମାନଙ୍କୁ ସ୍ୱୀକାର କରିବା ପାଇଁ ପଡ଼ିବ। ମୋ ମତରେ ପୁଞ୍ଜି କହିଲେ ତିନୋଟି କଥାକୁ ବୁଝାଏ। ତାହା ହଉଛି ଉପଯୁକ୍ତ ରଣକୌଶଳ, ଲୋକସମ୍ପର୍କ ଏବଂ ନେତୃତ୍ୱ ନେବାର ଦକ୍ଷତା। ଏହି ତିନୋଟି ପୁଞ୍ଜି ସାମ୍ନାରେ ଗଣତନ୍ତ୍ରର ନିର୍ବାଚନ ମହାପର୍ବରେ ପୁଞ୍ଜିପତିମାନଙ୍କର ଅର୍ଥସମ୍ବଳ ମଧ୍ୟ ହାର ମାନିଯାଏ।

ମୋ: ୯୮୬୧୫୫୬୭୪୭

## ଗଣିତ ଭୟ ଓ ସଙ୍ଗୀତ ଲୟ

ଡ.ଅନ୍ତର୍ଜିତା ନାୟକ

ଗଣିତକୁ ସର୍ବଦା 'ବିଜ୍ଞାନର ରାଣୀ' କୁହାଯାଏ। ତଥାପି ଅନେକ ପିଲାଙ୍କ ପାଇଁ ଏହା ରାଣୀ ଅପେକ୍ଷା ଏକ ରାକ୍ଷାସୁଣୀ ଭାବେ ଗଣାଯାଏ। ଗଣିତ ପଢ଼ା ହେଉଥିବା ସମୟରେ ଶ୍ରେଣୀଗୃହରେ ଆପଣ ଦେଖିପାରିବେ ପିଲାଙ୍କ ଚିନ୍ତିତ ଓ ଡରୁଆ ଚେହେରା। ଗଣିତ ପରୀକ୍ଷା ସମୟରେ ପିଲାମାନେ ଭଗବାନଙ୍କୁ ପ୍ରାର୍ଥନା କରୁଥିବାର ଦେଖିବାକୁ ମଧ୍ୟ ମିଳେ। ଏହି ଚିନ୍ତା ଏକ ଛୋଟ ପ୍ରସଙ୍ଗ ନୁହେଁ, ବରଂ ଏକ ଜାତୀୟ ଚିନ୍ତାର ବିଷୟ। ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆରଟି) ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଗଣିତ ହିଁ ସ୍କୁଲ ଶିକ୍ଷାରେ ନିମ୍ନ ପ୍ରଦର୍ଶନ ଓ ଉଦାସୀନତାର ପ୍ରମୁଖ କାରଣ।

ଗଣିତର ଏହି ଭୟକୁ ଅଧିକ ଟ୍ୟୁସନ୍ ବା ଅତିରିକ୍ତ କ୍ଲାସ୍ ବଦଳରେ ସଂଗୀତ ମାଧ୍ୟମରେ ଦୂରେଇ ହେବ ବୋଲି ଯଦି କୁହାଯାଏ, ତେବେ ଅନେକ ଲୋକ ଭାବିବେ ଯେ ସଂଗୀତ କେମିତି ଗଣିତ ଭୟକୁ ଦୂରେଇବ? ଯେଉଁଠି ଗଣିତ ତର୍କ, ସୂତ୍ର ଓ ନିର୍ଭୁଲତା ଦ୍ୱାରା ପରିଚାଳିତ; ସଙ୍ଗୀତ ତାଳ, ଛନ୍ଦ, ଲୟ, ଆବେଗ ଓ ସୃଜନଶୀଳତା ଦ୍ୱାରା ପରିଚାଳିତ। ତଥାପି, ଗଣିତ ଓ ସଂଗୀତ ଦୁହେଁ ଗଭୀର ଭାବରେ ଜଡ଼ିତ। ଏକ ମ୍ୟୁଜିକାଲ୍ ସ୍କେଲ୍‌ର ଗଠନଠାରୁ ଆରମ୍ଭ କରି ବାଦ୍ୟର ତାଳ ପର୍ଯ୍ୟନ୍ତ, ବୀଣା ତାରର କମ୍ପନଠାରୁ ଆରମ୍ଭ କରି ବିଥୋଭେନର ଜଟିଳ ସିମ୍ଫୋନି ପର୍ଯ୍ୟନ୍ତ, ଗଣିତ ଓ ସଂଗୀତ ଜଡ଼ିତ। ଏହି ଆକର୍ଷଣୀୟ ସମ୍ପର୍କ ଆମର ମନୋବିଜ୍ଞାନ, ଶିକ୍ଷଣ ଅଭିବୃଦ୍ଧି ଓ ମାନସିକ ସୁସ୍ଥତାକୁ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

'ଗଣିତ ଭୟ'କୁ ଭାଙ୍ଗିବାର ସଂଗୀତର ରହିଛି ଅନନ୍ୟ କ୍ଷମତା। ଯେତେବେଳେ ଗଣିତକୁ ସଙ୍ଗୀତ ସହିତ ଯୋଡ଼ି ଦିଆଯାଏ, ପିଲାମାନେ ଏହାକୁ ଆଉ ଚାପ ଭାବରେ ନୁହେଁ, ବରଂ ଆନନ୍ଦଦାୟକ ଅନ୍ୱେଷଣ ଦୃଷ୍ଟିରେ ଦେଖନ୍ତି। ଗଣିତ ପ୍ରତି ଭୟ କେବଳ ଏକ ଶିକ୍ଷାଗତ ସମସ୍ୟା ନୁହେଁ, ବରଂ ଏହା ମନସ୍ତାତ୍ତ୍ୱିକ ସମସ୍ୟା ମଧ୍ୟ। ଯେତେବେଳେ ଗଣିତ ପରୀକ୍ଷା ଥାଏ, ସେତେବେଳେ ପିଲାମାନଙ୍କର କର୍ଟିସୋଲ୍ ପରି ଚାପ ହରମୋନ୍ ବୃଦ୍ଧି ପାଇଥାଏ, ଯାହା ସେମାନଙ୍କର ଯୁକ୍ତିଯୁକ୍ତ ଚିନ୍ତନ ବା ଚିନ୍ତାଶୈଳୀର କ୍ଷମତାକୁ ଅସ୍ୱଷ୍ଟ ଓ ବ୍ୟାଘାତ କରିଥାଏ। ଅପରପକ୍ଷରେ ସଙ୍ଗୀତ ଡୋପାମାଇନ୍ ନାମକ ରାସାୟନିକକୁ ସକ୍ରିୟ କରି ମସ୍ତିଷ୍କ ତରଙ୍ଗକୁ ସମନ୍ୱିତ କରି ଏହି ପ୍ରଭାବକୁ ସନ୍ତୁଳିତ କରିପାରେ। ସଙ୍ଗୀତ ଉତ୍ତେଜନା ହ୍ରାସ କରି ଏକ ଶାନ୍ତ ମାନସିକ ଅବସ୍ଥା ସୃଷ୍ଟି କରେ, ଯେଉଁଥିରେ ପିଲାମାନେ ଭୟ ପରିବର୍ତ୍ତେ ଆତ୍ମବିଶ୍ୱାସର ସହ ଗଣିତର ସମାଧାନ କରିପାରନ୍ତି।

ଯଦି ଗଣିତ କ୍ଲାସ୍ ପୂର୍ବରୁ କିଛି ମିନିଟ୍ ପାଇଁ ବଂଶୀ କିମ୍ବା ବୀଣା ପରି ଆରାମଦାୟକ ବାଦ୍ୟଯନ୍ତ୍ର ପିଲାଙ୍କୁ ଶୁଣିବାକୁ ଦିଆଯାଏ, ତେବେ ତାହା ଚାପ ହ୍ରାସ କରିଥାଏ ଏବଂ ମସ୍ତିଷ୍କକୁ ଉନ୍ନତ ଧ୍ୟାନ ଓ ଶିକ୍ଷଣ ପାଇଁ ପ୍ରସ୍ତୁତ କରିଥାଏ। ଗଣିତ ଶିକ୍ଷାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ପିଲାମାନେ କାହାଣୀ କିମ୍ବା ଚିତ୍ରକୁ ଯେପରି ଦେଖନ୍ତି ସେପରି ସଂଖ୍ୟାକୁ ଦେଖିପାରନ୍ତି ନାହିଁ। ସେହି ପରିପ୍ରେକ୍ଷୀରେ ସଂଗୀତ ଏକ ସେତୁ ଭାବରେ କାର୍ଯ୍ୟ କରିପାରେ, ଯାହା ରସହୀନ ସଂଖ୍ୟାଙ୍କୁ ଅଧିକ ବାସ୍ତବ ଓ ଆନନ୍ଦଦାୟକ କରିଦିଏ। ସଙ୍ଗୀତ ସଂଖ୍ୟାକୁ ଭୌତିକ ଓ ଶ୍ରବଣକ୍ଷମ କରି ଏହି ବ୍ୟବଧାନକୁ ପୂରଣ କରିଥାଏ। ତାଳଧ୍ୱନି, ଜପ, ବାଜା, ଗୁଣନ ଓ ସ୍ମରଣକୁ ଛନ୍ଦୋବଦ୍ଧ ଭାବରେ ତ୍ୱରାନ୍ୱିତ କରେ।

ଶିକ୍ଷା ସହିତ ସଙ୍ଗୀତର ମିଶ୍ରଣ ଭାରତର ଏକ ସମୃଦ୍ଧ ପରମ୍ପରା ଭାବେ ବିଦ୍ୟମାନ। ଗ୍ରାମୀଣ ସ୍କୁଲଗୁଡ଼ିକରେ ପ୍ରାୟତଃ ଗୁଣନ ଓ ଗଣିତ ଶିକ୍ଷା, ଜ୍ଞାନାତ୍ମକ ଉପକରଣ ଭାବରେ ଲୋକଗୀତ ମାଧ୍ୟମରେ ପ୍ରଦାନ କରାଯାଏ। ଓଡ଼ିଶାର ଅନେକ ସ୍କୁଲରେ ସ୍ଥାନୀୟ ଭାଷାରେ ଏକ ସୁରରେ ବା ତାଳରେ ଗୁଣନ ଗାନ କରାଯାଏ। ଏହା ଗଣିତ ଭୟକୁ ହ୍ରାସ କରିବା ସହିତ ସ୍ୱଦେଶୀ ପରମ୍ପରାକୁ ସମ୍ମାନ ଦେଇ ସମାବେଶୀତା ମଧ୍ୟ ବୃଦ୍ଧି କରେ। ତାମିଲନାଡୁ ଓ କେରଳରେ, 'ତାଳାତ୍ମକ କୋଲଟ୍ଟମ୍'(ଲାଠି ନୃତ୍ୟ)ମାଧ୍ୟମରେ ବିଭାଜନ ଓ ଅନୁପାତ ଶିକ୍ଷା ଦିଆଯାଏ, ଯାହା ଗଣିତକୁ ଉଭୟ ସ୍ଥାନୀୟ ଓ ଜୀବନ୍ତ କରିଥାଏ। କର୍ଣ୍ଣାଟକୀ ସଙ୍ଗୀତ ପ୍ରଶିକ୍ଷଣକୁ ସମନ୍ୱିତ କରୁଥିବା ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଣିତରେ ଉନ୍ନତ ଧୈର୍ଯ୍ୟ ଓ ଧ୍ୟାନ ପ୍ରଦର୍ଶନ କରନ୍ତି।

ଦକ୍ଷିଣ ଭାରତର ଅନେକ ବିଦ୍ୟାଳୟ ଶ୍ରେଣୀଗୃହରେ ମୃଦଙ୍ଗମ(ତାଳବାଦ୍ୟ) ପ୍ରଶିକ୍ଷଣକୁ ଗଣିତ ଶିକ୍ଷା ସହ ସମନ୍ୱିତ କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ଯେଉଁ ପିଲାମାନେ ତାଳଚକ୍ର (ଜଟିଳ ସ୍ପନ୍ଦନ ସଂରଚନା) ଅଭ୍ୟାସ କରନ୍ତି ସେମାନେ ବୀଜଗଣିତର କ୍ରମ ଓ ଗାଣିତିକ ସମସ୍ୟାର ସମାଧାନ କରିବାରେ ଅଧିକ ସକ୍ଷମ ହୋଇଥା'ନ୍ତି। ଭାରତରେ କିଛି ସ୍କୁଲ, ଗଣିତ ପରୀକ୍ଷାର ଉଦ୍‌ବେଗକୁ ହ୍ରାସ କରିବାକୁ ଏକ ଅଭିନବ ପ୍ରୟାସ ଭାବରେ ପ୍ରାକ୍-ଗଣିତ ସଙ୍ଗୀତ ଚିକିତ୍ସା ଅଧିବେଶନ ଆରମ୍ଭ କରିଛନ୍ତି, ଯେଉଁଠାରେ ଛାତ୍ରଛାତ୍ରୀମାନେ ୫ମିନିଟର ତାଳ ବାଦ୍ୟ ଯନ୍ତ୍ର ସଂଗୀତ କିମ୍ବା ଧୀର/ନରମ ରାଗ ଶୁଣନ୍ତି। ଏହା ସେମାନଙ୍କର ସ୍ନାୟୁତନ୍ତ୍ରକୁ ପୁନଃସ୍ଥାପିତ କରିଥାଏ, ଗଣିତ ସମାଧାନ କରିବାରେ ସେମାନଙ୍କୁ ଅଧିକ ଏକାଗ୍ରତା ପ୍ରଦାନ କରିଥାଏ।

ଗବେଷଣା ଅନୁଯାୟୀ, ସଙ୍ଗୀତ ଓ ଗଣିତ ସମାନ ମସ୍ତିଷ୍କ ପଥ ଅଂଶୀଦାର କରନ୍ତି। ସଂଗୀତରେ ତାଲିମପ୍ରାପ୍ତ ପିଲାମାନେ ସମସ୍ୟା ସମାଧାନ ଓ ଯୁକ୍ତି ସହିତ ଅଧିକ ସକ୍ରିୟତା ଦେଖାନ୍ତି। ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କୁ କେବଳ ସାଂସ୍କୃତିକ ପ୍ରଦର୍ଶନ ପାଇଁ ନୁହେଁ, ବରଂ ତୀକ୍ଷ୍ଣ ମାନସିକ ସତର୍କତା ଓ ଉନ୍ନତ ଗଣିତ ପ୍ରଦର୍ଶନ ଲାଗି ହାରମୋନିୟମ୍ କିମ୍ବା ଭାଇଓଲିନ୍ ଶିଖିବାକୁ ଉତ୍ସାହିତ କରନ୍ତି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରେ ଦର୍ଶାଯାଇଛି ଯେ ସଙ୍ଗୀତ ତାଲିମ ନେଉଥିବା ପିଲାମାନେ ସ୍ଥାନିକ-ସାମୟିକ ଯୁକ୍ତିରେ(ସ୍ପାସିଆଲ୍-ଟେମ୍ପୋରାଲ୍ ରିଜୋନିଂ) ଭଲ ପ୍ରଦର୍ଶନ କରନ୍ତି, ଯାହା ଗାଣିତିକ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟତୀତ, ଚିନ୍ତା, ଧ୍ୟାନାଭାବ, ଅନ୍ୟମନସ୍କତା ଓ ପରୀକ୍ଷା ଭୟର ସମାଧାନ ପାଇଁ ଏକ ଉପକରଣ ଭାବରେ 'ମ୍ୟୁଜିକ୍ ଥେରାପି' ବା 'ସଂଗୀତ ଚିକିତ୍ସା'କୁ ଅଧିକରୁ ଅଧିକ ସ୍ୱୀକୃତି ଦିଆଯାଉଛି। ଜାତୀୟ ମାନସିକ ଓ ସ୍ନାୟୁ ବିଜ୍ଞାନ ପ୍ରତିଷ୍ଠାନ(ନିମ୍‌ହାନ୍‌ସ) ଭଳି ଅନୁଷ୍ଠାନରେ ବ୍ୟବହୃତ ଭାରତୀୟ ରାଗଗୁଡ଼ିକ ସହିତ ସଂରଚିତ ଛନ୍ଦୋବଦ୍ଧ ଶ୍ୱାସକ୍ରିୟା ବ୍ୟାୟାମ, ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ଶାନ୍ତ କରିବାରେ ସକାରାତ୍ମକ ଫଳାଫଳ ଦର୍ଶାଇଛି।

ସଙ୍ଗୀତ ଗଣିତକୁ ମାନବୀକରଣ କରିଥାଏ। ଭୟକୁ ନିୟନ୍ତ୍ରଣ ଓ ବିଫଳତାକୁ ସଫଳତାରେ ପରିଣତ କରିଥାଏ। ଭାରତର ନୂତନ ଶିକ୍ଷାନୀତି ଆନନ୍ଦଦାୟକ ଓ ସାମଗ୍ରିକ ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗଣିତ ଶିକ୍ଷାରେ ସଙ୍ଗୀତର ଏକୀକରଣ ଏକ ପ୍ରଭାବଶାଳୀ ପଦକ୍ଷେପ ହୋଇପାରିବ, ଯାହା ଏକ ନିର୍ଭୀକ, ଆତ୍ମବିଶ୍ୱାସୀ ଓ ସୃଜନଶୀଳ ଶିକ୍ଷାର୍ଥୀ ସାମ୍ରାଜ୍ୟ ଗଠନ କରିପାରିବ। ପିଥାଗୋରସ୍‌ଙ୍କ ଉପପାଦ୍ୟ ମଧ୍ୟ ସମାନ କଥା କୁହେ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ପାନପିକ: କିଛିକଥା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ଦେଶରେ, ବିଶେଷକରି ଓଡ଼ିଶା ସମେତ ପୂର୍ବ ଓ ଉତ୍ତର ଭାରତରେ ଲୋକେ ପ୍ରଚୁର ପାନ ଖାଇଥା'ନ୍ତି। ଏହା ଆମର ସାମାଜିକ ପରମ୍ପରା, ଶ୍ରଦ୍ଧା ଓ ଭାବର ଆଦାନପ୍ରଦାନ ଓ ଧର୍ମକର୍ମ ସହିତ ଓତପ୍ରୋତ ଭାବେ ଜଡ଼ିତ। ଏକଦା ଆମ କଳା ଓ ସାହିତ୍ୟ ଉପରେ ଏହି ଜନପ୍ରିୟ ଅଭ୍ୟାସଟି ଅନନ୍ୟ ପ୍ରଭାବ ବିସ୍ତାର କରିଥିଲା ଏବଂ ପରିଣତ ହୋଇଥିଲା ପ୍ରତ୍ୟେକ ପରିବାରର ଏକ ଅବଚ୍ଛିନ୍ନ ଅଙ୍ଗ ରୂପେ। ଏଣୁ ଘରେ ଘରେ ରହିଥିଲା ଏଥିପାଇଁ ବ୍ୟବହୃତ ସମସ୍ତ ଉପାଦାନ ସମ୍ବଳିତ ପାନ ଡାଲା ଓ ବଟୁଆ। ଏପରି କି ଦେବାଦେବୀମାନଙ୍କୁ ଏହା ନୈବେଦ୍ୟ ରୂପେ ଅର୍ପଣ କରାଯାଉଥିଲା।

ତେବେ ସ୍ୱାସ୍ଥ୍ୟ ବିଜ୍ଞାନୀମାନଙ୍କ ଦୃଷ୍ଟିରେ ପାନ ଏକ ହାନିକାରକ ତଥା ଅନ୍ୟାନ୍ୟ ନିଶାକରୀ ଦ୍ରବ୍ୟଭଳି ଅଭ୍ୟାସ ସୃଷ୍ଟିକାରୀ ପଦାର୍ଥ। ଏହାର ଅନ୍ୟତମ ମୁଖ୍ୟ ଉପାଦନ ଧୂଆଁପତ୍ରରୁ ତିଆରି ଗୁଣ୍ଡିରେ ଥାଏ ନିକୋଟିନ୍ ଏବଂ ଗୁଆରେ 'ଏରିକୋଲିନ' ତଥା ଅନ୍ୟାନ୍ୟ ବହୁ ବିଷାକ୍ତ ତତ୍ତ୍ୱ। ସେହିପରି ଖଇର ଓ ଚୂନର ମଧ୍ୟ ପାଟି ଓ ଖାଦ୍ୟ ନଳୀର ସୂକ୍ଷ୍ମଝିଲ୍ଲି ଉପରେ କୁପ୍ରଭାବ ରହିଛି। ତେଣୁ ସେଗୁଡ଼ିକ ମୁଖଗହ୍ୱର କର୍କଟ ରୋଗଠାରୁ ଆରମ୍ଭ ନାନାଦି ଅସାଧ୍ୟ ରୋଗର କାରଣ ହୋଇପାରନ୍ତି। ଏଥିସହିତ ପାନମସଲା ଯୋଗ ହେଲେ ତାହାର ଭୟାବହତା ଆହୁରି ବୃଦ୍ଧି ପାଏ। ପାନର ସମସ୍ତ ରାସାୟନିକ ଉପାଦାନ ପିକରେ ଥାଏ। ଏଣୁ ଏହାର ସଂସ୍ପର୍ଶରେ ଆସିବା 'ପରୋକ୍ଷ ଧୂମପାନ' ଭଳି କ୍ଷତିକାରକ। ପୁନଶ୍ଚ ସେଥିସହିତ ମଧ୍ୟ ଥାଏ ଖାଉଥିବା ଲୋକଙ୍କ ନାନାଦି ରୋଗର ଜୀବାଣୁ ଓ ଭୂତାଣୁ। ମୁମ୍ବାଇଠାରେ କିଛି ବର୍ଷ ତଳେ ଅନୁଷ୍ଠିତ ଏକ ଅଧ୍ୟୟନରୁ ୧୦ ମିଲିଲିଟର ପାନ ପିକରେ ୭୦୦୦ରୁ ୫୩୦୦୦ ପର୍ଯ୍ୟନ୍ତ ତାହା ଥିବାର ଜଣାପଡ଼ିଥିଲା।

ପାନ ଖାଉଥିବା ଲୋକମାନେ ସ୍ଥାନ-କାଳ-ପାତ୍ର ପ୍ରତି ଧ୍ୟାନ ନ ଦେଇ ପାନ ପିକ ପକାଇଥିବାର ଦେଖାଯାଏ। ଆମ ଦେଶରେ ପାନ ଖାଇବାକୁ ଧୂମପାନ ବା ମଦ୍ୟପାନ ଭଳି ଅଶୋଭନୀୟ ବିଚାର କରାଯାଏ ନାହିଁ। ତେଣୁ ଏଭଳି କାର୍ଯ୍ୟକରିବାକୁ ସେମାନଙ୍କ ମଧ୍ୟରୁ ଖୁବ୍ କମ ଦ୍ୱିଧା ପ୍ରକାଶ କରନ୍ତି। ଅତଏବ ତହିଁରୁ ରୋଗ ଜୀବାଣୁ ଓ ଭୂତାଣୁ ତଥା ଅନ୍ୟାନ୍ୟ ବିଷାକ୍ତ ତତ୍ତ୍ୱ ବାହାରି ବାୟୁକୁ ଦୂଷିତ କରନ୍ତି। ସେଥିପାଇଁ ଏବେ ଏଣେତେଣେ ପାନପିକ ପକାଇବାରୁ ନିବୃତ୍ତ କରିବା ଲାଗି ଆମ ଦେଶର କେତେକ ସ୍ଥାନରେ ଆଇନ ପ୍ରଣୟନ କରାଯାଇଛି। ଦିଲ୍ଲୀରେ ୨୫ଟଙ୍କା ଜୋରିମାନାର ବ୍ୟବସ୍ଥା ଥିଲା ବେଳେ ମୁମ୍ବାଇରେ ୧୦୦୦ଟଙ୍କା। ବିହାରର କେତେକ ସହରରେ ଏହାକୁ ଅପରାଧ ବୋଲି ଗଣନା କରାଯାଏ। ତେବେ ଆଇନ କାର୍ଯ୍ୟକାରୀ କରିବା ଲାଗି ଉଦ୍ଦିଷ୍ଟ କର୍ତ୍ତୃପକ୍ଷ ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଓଡ଼ିଶାରେ ସଚିବାଳୟଠାରୁ ଆରମ୍ଭ କରି ବଡ଼ ବଡ଼ କାର୍ଯ୍ୟାଳୟରେ ସ୍ଥାନକୁ ସ୍ଥାନ ଦେବାଦେବୀମାନଙ୍କ ମୂର୍ତ୍ତି ସ୍ଥାପନ କରିବାର ଦେଖାଯାଉଛି। କର୍ତ୍ତୃପକ୍ଷ ଆଶା କରୁଛନ୍ତି ଯେ ଭକ୍ତି ଭାବ ହେତୁ ଲୋକେ ସେଠାରେ ପାନପିକ ପକାଇବାରୁ ବିରତ ହେବେ। କିନ୍ତୁ ଆନେକସ୍ଥଳେ ଏହି ସାଧୁଉଦ୍ୟମ ଫଳପ୍ରଦ ହୋଇ ନଥିବା ଦେଖାଯାଉଛି।

୨୦୨୦ ମସିହାରେ ରାଜ୍ୟସଭାରେ ସର୍ବସାଧାରଣ ସ୍ଥାନରେ ପାନପିକ ପକାଇବା ସମ୍ପର୍କିତ ପ୍ରଶ୍ନଟିଏ ଉତ୍ଥାପନ କରାଯାଇଥିଲା। ନିବାରଣ ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏଥିରେ ଅନୁରୋଧ କରାଯାଇଥିଲା। ଦଳମତ ନିର୍ବିଶେଷରେ ବହୁ ସଦସ୍ୟ ଏହାକୁ ସମର୍ଥନ କରିଥିଲେ। ସେଥିରେ ସୂଚୀତ ବିବିଧ ଯୁକ୍ତି ମଧ୍ୟରୁ ଅନ୍ୟତମ ଥିଲା ଯକ୍ଷ୍ମା ଭଳି ରୋଗର ପ୍ରସାର। ସଂଖ୍ୟା ଦୃଷ୍ଟିରୁ ଏ କ୍ଷେତ୍ରରେ ଆମ ଦେଶ ପୃଥିବୀରେ ପ୍ରଥମ। ସେମାନଙ୍କ ମଧ୍ୟରୁ ଅନେକଙ୍କର ରହିଛି ପାନ ଖାଇବା ଅଭ୍ୟାସ ଏବଂ ସେମାନେ ଏଣେତେଣେ ପାନ ପିକ ପକାଇଥା'ନ୍ତି। ଅତଏବ ଏରୋଗର ବିସ୍ତାରରେ ପାନର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ମହୋଦୟ ଏ ଯୁକ୍ତିକୁ ଗ୍ରହଣ କରି ଯଥାଶୀଘ୍ର ପଦକ୍ଷେପ ନେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ରହିଛି।

ଏକଥା ସତ ଯେ କୌଣସି ଆଇନ ଅଥବା ଦଣ୍ଡବିଧାନ ବ୍ୟବସ୍ଥା ଦ୍ୱାରା ଏ ବଦଭ୍ୟାସ ରୋକିବା ସହଜ ନୁହେଁ। କାରଣ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ କେହି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ରାଜି ନୁହନ୍ତି। ଏପରି ସ୍ଥଳେ ଜନସଚେତନତାର ପ୍ରସାର ହିଁ କେବଳ ତହିଁରୁ ମୁକ୍ତି ଦେଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୯ ● ପାଉଣ୍ଡ ୧୧୬.୭୮
- ୟୁରୋ ୧୦୨.୧୩ ● ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୪,୮୫୦ (ନୂଆଦିଲ୍ଲୀ)
- ରୁପା : ୧,୫୨,୯୭୫ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୯୦୦.୦୦
- ନିଫ୍ଟି ୨୫,୯୫୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୪।୧୧(ସମିସ) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଆଇସିର ମହାପ୍ରବନ୍ଧକ ଦାଶରଥୀ ସରାବୁ, ବ୍ରହ୍ମପୁର ଚାମ୍ବର ଅଫ୍ କମର୍ସର ସେକ୍ରେଟାରୀ ଭି ସନ୍ତୋଷ କୁମାର, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ବି ଏସ୍ ହରିଲାଲ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର,ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର, ମୁଖ୍ୟ ପ୍ରବନ୍ଧକ ପ୍ରିୟମ୍ବଦା ନାୟକ ଏବଂ ସହ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବ୍ୟାଙ୍କ ଅଧିକାରୀଗଣ, ଗଞ୍ଜାମ ରାଇସ୍ ମିଲ୍ ଓ କାଜୁ ପ୍ରୋସେସିଂ ଆସୋସିଏସନ୍‌ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଋଣ ହିତାଧିକାରୀଙ୍କୁ ୪୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା।

# ଭାରତ ବିଶ୍ୱର ତୃତୀୟ ବୃହତ୍ କ୍ୱିକ୍ କମର୍ସ ବଜାର

ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି): ଚୀନ୍ ଏବଂ ଆମେରିକା ପରେ ବିଶ୍ୱର ତୃତୀୟ ସବୁଠୁ ବଡ଼ କ୍ୱିକ୍ କମର୍ସ ବଜାର ପାଲଟିଛି ଭାରତ। ୨୦୨୪ରେ ଦେଶର କ୍ୱିକ୍ କମର୍ସ ଶିଳ୍ପ ୫.୬ ବିଲିୟନ ଡଲାର ବା ପ୍ରାୟ ୫୦ ହଜାର କୋଟି ଟଙ୍କାର କାରବାର କରିଛି। ହେଲେ ୨୦୩୦ ସୁଦ୍ଧା ଏହି ସଂଖ୍ୟା ଦୁଇଗୁଣ ହୋଇ ୧୧ ବିଲିୟନ ଡଲାର ବା ପ୍ରାୟ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ନେଇ ଅନୁମାନ କରାଯାଉଛି। ଏଥିରେ ,କ ବଡ଼ କଥା ହେଉଛି, ଏହି କ୍ଷେତ୍ରରେ ଭାରତ କେବଳ ଶ୍ରେଷ୍ଠ ତିନି ଦେଶ ମଧ୍ୟରେ ପହଞ୍ଚିଛି ତାହା ନୁହେଁ, ବରଂ ଦ୍ରୁତ ଗତିରେ ଅଭିବୃଦ୍ଧି ମଧ୍ୟ କରୁଛି। ତେଣୁ ଅନୁମାନ କରାଯାଉଛି, ୨୦୨୫ରୁ ୨୦୩୦ ମଧ୍ୟରେ ଭାରତର କ୍ୱିକ୍ କମର୍ସ କ୍ଷେତ୍ରର ଅଭିବୃଦ୍ଧି ହାର ୧୫.୫% ରହିବ। ସେହିଭଳି ଏହି ୫ ବର୍ଷରେ ଆମେରିକାର କ୍ୱିକ୍ କମର୍ସ କ୍ଷେତ୍ର ୬.୭୨% ଏବଂ ଚୀନ୍‌ର ୭.୯% ହାରରେ ଅଭିବୃଦ୍ଧି କରିବ ବୋଲି ଆକଳନ କରାଯାଇଛି।

କ୍ୱିକ୍ କମର୍ସ କ୍ଷେତ୍ରକୁ ଆସୁଥିବା ବିଶ୍ୱସ୍ତରୀୟ ପାଣ୍ଠିର ୩୭% କେବଳ ଭାରତର ଭାଗରେ ପଡିଛି। ରିପୋର୍ଟ ଅନୁସାରେ, ଗତ ବର୍ଷ ଅର୍ଥାତ୍ ୨୦୨୪ରେ ସାରା ବିଶ୍ୱର କ୍ୱିକ୍ କମର୍ସଙ୍କ କମ୍ପାନିଙ୍କୁ ସମୁଦାୟ ୨.୮ ବିଲିୟନ ଡଲାର ବା ପ୍ରାୟ ୨୫ ୦ଜାର କୋଟି ଟଙ୍କାର ପାଣ୍ଠି ମିଳିଥିଲା। ଯେଉଁଥିରୁ ୩୭% ଅର୍ଥାତ ଏକ-ତୃତୀୟାଂଶ ଭାରତୀୟ କମ୍ପାନୀଙ୍କୁ ହିଁ ମିଳିଛି। ଜେପ୍ଟୋ, ବ୍ଲିଙ୍କିଟ୍, ସ୍ୱିଗି ଇନଷ୍ଟାମାର୍ଟ ଭଳି କମ୍ପାନୀ ନିବେଶକଙ୍କ

**ଅଭିବୃଦ୍ଧି ଚୀନ୍- ଆମେରିକାଠାରୁ ଦୁଇଗୁଣ ଗତିରେ ବଢୁଛି**

ପ୍ରଥମ ପସନ୍ଦ ହୋଇଛନ୍ତି। ୨୦୨୧ରୁ ଏ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ୫ ବିଲିୟନ ଡଲାର ବା ପ୍ରାୟ ୪୫ ହଜାର କୋଟି ଟଙ୍କାର ଅଧିକ ନିବେଶ ଆସିସାରିଛି। ରେଡଶିୟର ରିପୋର୍ଟ ଅନୁଯାୟୀ, ୨୦୨୪ରେ ୧୪ କୋଟି ଲୋକ କ୍ୱିକ୍ କମର୍ସର ବ୍ୟବହାର କରୁଥିଲେ, ଯାହା ୨୦୩୦ ସୁଦ୍ଧା ୨୩.୩ କୋଟି ଟଙ୍କା ହୋଇପାରେ। ସେହିଭଳି କ୍ୱିକ୍ କମର୍ସରେ ବିକ୍ରି ହେଉଥିବା ସାମଗ୍ରୀର ୭୦% ହେଉଛି ତେଜରାତି ସାମଗ୍ରୀ ରହିଥିବାବେଳେ, ବର୍ତ୍ତମାନ ଫ୍ୟାସନ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରସାଧନ ସାମଗ୍ରୀ ମଧ୍ୟ ଏହି ପ୍ଲାଟଫର୍ମରେ ଅଧିକ ମାତ୍ରାରେ ବିକ୍ରି ହେଉଛି।

**୧୮୧ତମ ଏସ୍‌ଏଲ୍‌ବିସି ବୈଠକ**

# ବାର୍ଷିକ ଋଣ ଯୋଜନା ଲକ୍ଷ୍ୟର ଅଧା ବି ହାସଲ ହୋଇନି

ଭୁବନେଶ୍ୱର,୨୪।୧୧(ସମିସ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବାର୍ଷିକ ଋଣ ଯୋଜନା (ଏସିପି) ଅଧୀନରେ ରଖାଯାଇଥିବା ଲକ୍ଷ୍ୟ ହାସଲରେ ବିଫଳ ହୋଇଛନ୍ତି ରାଜ୍ୟର ବ୍ୟାଙ୍କ। ଚଳିତ ଆର୍ଥିକବର୍ଷ ନିମନ୍ତେ ଏସିପି ରେ ୨.୫୨ ଲକ୍ଷ କୋଟି ଟଙ୍କାର ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ସମସ୍ତ ବ୍ୟାଙ୍କ ଚଳିତବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ମାତ୍ର ୧.୨୦ ଲକ୍ଷ କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲ କରିଛନ୍ତି, ଯାହା ଧାର୍ଯ୍ୟ ଲକ୍ଷ୍ୟର ଲକ୍ଷ୍ୟର ୪୭.୬୫% ବା ଅଧାରୁ ବି କମ୍। ୧୮୧ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି )ବୈଠକରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ୟୁକୋ ବ୍ୟାଙ୍କ ଓ ଅଧ୍ୟକ୍ଷ ଏସଏଲବିସି ରାଜେନ୍ଦ୍ର କୁମାର ସାହୁ ଏହି ସୂଚନା ଦେଇଛନ୍ତି।



ବୈଠକରେ ଓଡ଼ିଶାର ଦୃଷ୍ଟିକୋଣ ୨୦୩୬ ଏବଂ ୨୦୪୭ ରୂପରେଖ ଉପସ୍ଥାପନ କରି, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲ ଏବଂ ରାଜ୍ୟର ଋଣ ଓ ଜମାରାଶି (ସିଡି) ଅନୁପାତ ସହ ସମସ୍ତ ବ୍ୟାଙ୍କ ଦ୍ୱାରା ସିକେୱାଇସି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଆଞ୍ଚଳିକ ନିର୍ଦ୍ଦେଶକ ଭୁବନେଶ୍ୱର ଡକ୍ଟର ସାରଦା ପ୍ରସନ ମହାନ୍ତି ରାଜ୍ୟର ବିକାଶ ପାଇଁ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ରାଜ୍ୟର ଋଣ ଓ ଜମାରାଶି ଅନୁପାତ, ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ଠକେଇ ନିବାରଣ ଉପରେ ଆଲୋକପାତ କରିଥିଲେ, ଦାବି ହୋଇ ନ ଥିବା ଜମାରାଶି ଏବଂ କେୱାଇସି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ବିଭାଗର କମିଶନର ତଥା ସଚିବ ପ୍ରଶାନ୍ତ କୁମାର ରେଡ୍ଡୀ ଏମ୍‌ଏସ୍‌ଏମ୍‌ଇ, ପିଏମ୍‌ଇଜିପି,ପିଏମ୍‌ଏଫ୍‌ଏମ୍‌ଇ, ପିଏମ୍‌ଏମ୍‌ୱାଇ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଏବଂ ପିଏମ୍-ବିଶ୍ୱକର୍ମା ଯୋଜନା ପାଇଁ ସଂଶୋଧିତ ମାନଦଣ୍ଡ ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆର୍ଥିକ ସହାୟତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଶିଳ୍ପ ନିର୍ଦ୍ଦେଶକ, ଆବୋଲି ସୁନୀଲ ନରାଭଣେ ପିଏମ୍‌ଇଜିପି ଏବଂ ପିଏମ୍‌ଏଫ୍‌ଏମ୍‌ଇ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବୈଠକରେ ପିଏମ୍‌ସ୍ୱନିଧି ଯୋଜନାର କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରାଯାଇଥିଲା ଏବଂ ବ୍ୟାଙ୍କଗୁଡ଼ିକର ପ୍ରତ୍ୟେକ ଶାଖା ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରୟାସ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଏସ୍‌ଏଲ୍‌ବିସିର ସଂଯୋଜକ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ବୃନ୍ଦ, ନାବାର୍ଡ, ଆର୍‌ବିଆଇ ଏବଂ ସମସ୍ତ ବ୍ୟାଙ୍କର ଆଞ୍ଚଳିକ ନିୟନ୍ତ୍ରଣ ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

■ ତେଜସ୍ କ୍ରାସ୍ ହେବାର ପ୍ରଭାବ

# ଦୁଇ ଦିନରେ ହାଲ୍ ସେୟାର ୭% ଖସିଲା

ମୁମ୍ବଇ,୨୪।୧୧(ଏଜେନ୍ସି): ଦୁବାଇ ଏୟାର ଶୋ' ରେ ତେଜସ୍ ଯୁଦ୍ଧ ବିମାନ ଦୁର୍ଘଟଣା ହେବା ପରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର ସେୟାର ଦୁଇଟି କାରବାର ଦିବସରେ ପ୍ରାୟ ୭% ହ୍ରାସ ଘଟିଛି। କମ୍ପାନୀର ଷ୍ଟକ୍ ୩.୩୫% କିମ୍ବା ୧୫୪ ଟଙ୍କା ହ୍ରାସ ପାଇ ଆଜି ୪୪୪୦ ଟଙ୍କାରେ ବନ୍ଦ ହୋଇଥିଲା। କାରବାର ସମୟରେ ଷ୍ଟକ୍ ୪୨୦୫.୨୫ ଟଙ୍କା ର ସର୍ବନିମ୍ନ ମୂଲ୍ୟ ଛୁଇଁଥିଲା। ଆଜି ଷ୍ଟକ୍ ଏକ୍ସଚେଞ୍ଜକୁ ଏକ ସରକାରୀ ଫାଇଲିଂରେ ହାଲ୍ କହିଛି ଯେ, ଦୁବାଇ ଏୟାର ଶୋ'ରେ ସମ୍ପ୍ରତି ତେଜସ୍ ଲଢୁଆ ବିମାନ ଦୁର୍ଘଟଣା ଏକ ସମ୍ପୂର୍ଣ୍ଣ ପୃଥକ ଘଟଣା, ଯାହା ଅସାଧାରଣ ପରିସ୍ଥିତି ଯୋଗୁଁ ଘଟିଛି। ଆମେ ସମସ୍ତ ଅଂଶୀଦାରଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛୁ ଯେ ଏହି ଘଟଣା କମ୍ପାନୀର ବ୍ୟବସାୟ, ଆର୍ଥିକ ପ୍ରଦର୍ଶନ କିମ୍ବା ଭବିଷ୍ୟତର ବିମାନ ବିତରଣ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

# ବ୍ରିଟେନ୍ ଛାଡ଼ିବେ ଲକ୍ଷ୍ମୀ ମିତ୍ତଲ

**ଉଚ୍ଚ ଟିକସ ଚାପ**



ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି): ବିଶ୍ୱର ଦ୍ୱିତୀୟ ବୃହତ ଇସ୍ପାତ କମ୍ପାନୀ ଆର୍ସେଲର ମିତ୍ତଲର ମାଲିକ ଏବଂ ବ୍ରିଟେନର ଅନ୍ୟତମ ବିଲିୟନେୟାର ଲକ୍ଷ୍ମୀ ମିତ୍ତଲ ବ୍ରିଟେନ ଛାଡିବାକୁ ଯାଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ବ୍ରିଟେନ୍‌ର ନୂତନ ଲେବର ପାର୍ଟି ସରକାର ଧନୀମାନଙ୍କ ଉପରେ ଟିକସ ବୃଦ୍ଧି ଯୋଜନା ଯୋଗୁଁ ମିତ୍ତଲ ଏହି ନିଷ୍ପତ୍ତି ନେଇଛନ୍ତି। ମିତ୍ତଲଙ୍କ ମୋଟ ସମ୍ପତ୍ତି ପ୍ରାୟ ୧.୮ ଲକ୍ଷ କୋଟି ଟଙ୍କା ହେବ। ରିପୋର୍ଟ ଅନୁଯାୟୀ, ମିତ୍ତଲ ଦୁବାଇ କିମ୍ବା ସ୍ୱିଜରଲ୍ୟାଣ୍ଡ ଚାଲିଯାଇପାରନ୍ତି।

# ଓଡ଼ିଶା ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚପିସି ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ




ଭୁବନେଶ୍ୱର,୨୪।୧୧ (ସମିସ): ଓଡ଼ିଶା ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ତିନିଜଣ ପ୍ରମୁଖ ଆଥଲେଟଙ୍କ ଅସାଧାରଣ ଦକ୍ଷତା ଏବଂ ନିଷ୍ଠା ପ୍ରଦର୍ଶନ ବଳରେ ପୁରୀର ରାଧାବଲ୍ଲଭ ମହାବିଦ୍ୟାଳୟ ଏବଂ ଯାଜପୁରର ବରୁଣେଶ୍ୱର ମହାବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତଃ ଉଚ୍ଚ ମାଧ୍ୟମିକ ଖୋ ଖୋ (ବାଳକ) ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ରେ ରନର୍ସଅପ୍ ଟାଇଟଲ୍ ହାସଲ କରିଛି। ଏଚପିସିର କୁନା ବେହେରା, ସିବା ଗୁଣ୍ଠା ଏବଂ ସମୀର ଖାଲକୋ ଅନୁଶାସନ, କ୍ରୀଡ଼ା ନିପୁଣତା ଏବଂ ନିରନ୍ତର ଶକ୍ତି ପ୍ରଦର୍ଶନ ଦ୍ୱାରା ଚମତ୍କାର ପ୍ରଦର୍ଶନ କରିଥିଲେ। ପଡ଼ିଆରେ ସେମାନଙ୍କର ଗତି ଏବଂ ପରିପକ୍ୱତା ସ୍ଥାନୀୟ ଅଧିକାରୀ,ପ୍ରଶିକ୍ଷକ ଏବଂ ଦର୍ଶକଙ୍କଠାରୁ ପ୍ରଶଂସା ଲାଭ କରିଥିଲା, ଯାହା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଏଚପିସିର ବଢୁଥିବା ପ୍ରଭାବକୁ ସୂଚିତ କରୁଛି। ଏଚପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି, ଆମେ ଆମର ଆଥଲେଟମାନଙ୍କ ପାଇଁ ଗର୍ବିତ ଯେ, ସେମାନେ ସେମାନଙ୍କ ବିଦ୍ୟାଳୟ ଏବଂ ଏଚପିସିର ପ୍ରତିନିଧିତ୍ୱ କରି ଚମତ୍କାର ପ୍ରଦର୍ଶନ କରିଛନ୍ତି।


**AFFIDAVIT**

By virtue of an affidavit sworn before Notary Public, Bhubaneswar on dated, 24.11.2025, I Arjun Anup, resident at Plot No- 1195, Panas Tota, Punama Gate Sahi, Bhubaneswar, Dist- Khordha, Odisha, PIN- 751002, declare that I have changed my name from Arjun Panda to Arjun Anup. Henceforth, I shall be known as **ARJUN ANUP** for all purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 17.11.2025, I Mini Parida W/o- Sudarsan Parida, resident At/Po Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my daughter's name from Bijuli Nayak to Bijuli Parida. Henceforth, she shall be known as **BIJULI PARIDA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, cuttack sadar, vide No - 9653, dtd 24/11/2025. I, Manoja Kumar Nayak, At- Haripur, PO- Gandadhara, PS- Jagannath prasad, Pin-761121,Dist- Ganjam, Odisha declare that I have changed my name from Manoj Kumar Nayak to Manoja Kumar Nayak. Henceforth I shall be known as Manoja Kumar Nayak for all Purpose.

**AFFIDAVIT**

By virtue of an affidavit sworn before the Executive Magistrate BALIAPAL on Dated 04th October 2025, I, Mrs. RASHMIREKHA SINGHA, Address AT- JAMKUNDA, PO-JAMKUNDA, PS-BALIAPAL, DIST- BALESWAR, 756026, Odisha, have changed my name from "RASHMIREKHA PATTNAYAK" to "RASHMIREKHA SINGHA". Henceforth, I shall be known as "RASHMIREKHA SINGHA" for all purposes.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit No- 2947 sworn before the Executive Magistrate, Sukinda, Jajpur on dtd- 18/11/2025, I **Sk Badal**, S/o Late Sk Halli, resident of At/Po/Ps- Sukinda, Dist- Jajpur, Odisha. My D.L Card bearing Regd No- OR0420010031407, My Aadhar Card No- 420710768126. I have changed my name and address from Badal Saha, At- Merda,PO- Merda Katichhak, Mangalpur, Jajpur, Odisha (old name & address) to Sk Badal, At/Po/Ps- Sukinda, Dist- Jajpur, Odisha (new name & address). Henceforth, both the name **Badal Saha** and **Sk Badal** is one & same person & I will be known as **Sk Badal**, permanent resident of At/Po/Ps- Sukinda, Dist- Jajpur, Odisha for all future purposes.

**AFFIDAVIT**

I Binod Parida aged 55 years s/o late Bailochan Parida of Vill- Uttarbahini, P.O.Garadapur P.S.-Purunabazar Dist- Bhadrak (Odisha) Pin 756181 declare that my name In my school leaving certificatte has been mentioned as Binod Kumar Parida instead of Binod Parida and other documents my name has been mentioned as Binod Parida. So I myself Bindod Parida and Binod Kumar Parida is one and same person in the above address.

**AFFIDAVIT**

By virtue of an affidavit (CF No. 01, dtd- 20/11/2025) sworn before the Executive Magistrate, Padampur. I, **Keshari Bag**, D/o- Alekha Bag, permanent & current resident of AT- Kukurimunda, PO/PS- Buden, Dist- Bargarh, PIN- 768036, Odisha declare that I have changed my name from **Kishori Bag** to **Keshari Bag.** Henceforth, I shall be known as **Keshari Bag** (new name) for all purposes.

**Keshari Bag**

**AFFIDAVIT**

By virtue of an affidavit no5614, sworn before Executive Margistrate, Tirtol dated-19.09.2025 I, **Narendra Malik,** S/o Shatrughna Malik, resident of Vill- Sirasta, Po- Pailo, Ps- Tirtol, Dist- Jagatsinghpur, Pin- 754162, Odisha declare that I have changed my name **Narotam Mallick to Narendra Malik.** Henceforth I shall be known as **Narendra Malik** for all purposes.

**Narendra Malik**

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated- 17.11.2025 I, **Binoda Kumar Pradhan,** S/o. Banabasi Pradhan, resident of Village/Po.- Gadaguda, PS.- G. Udayagiri, Dist.- Kandhamal, Odisha, PIN- 762100 declare that I have changed my name from **Binod Kumar Pradhan** to **Binoda Kumar Pradhan.** Henceforth I shall be known as **BINODA KUMAR PRADHAN** for all purposes.

**Binoda Kumar Pradhan**

**NOTICE**

By virtue of an affidavit sworn before the Notary Public, Cuttack, dated 18.11.2025 I, Subhasish Satapathy, S/o - Santosh Kumar Satapathy, resident of QR. No. D/156, Sector-7, P.O.- Rourkela, P.S.-Sector-7, Dist- Sundargarh, Odisha, Pin- 769003 have changed my name from Subashish Satpathy to Subhasish Satapathy. Henceforth, I shall be known as Subhasish Satapathy for all purposes.

**Sd/- Subhasish Satapathy**

**AFFIDAVIT**

By virtue of an affidavit sworn before (Executive Magistrate), Nuagaon, dated 26.09.2025.I, Amruta Manjari Swain, Vill- Barapurikia, Po/Ps-Daspalla, Dist-Nayagarh, Odisha, Pin- 752084 declare that I have changed the name of my daughter from Jagruti Priyadarshini to Jagruti Nayak. Henceforth, she shall be known as Jagruti Nayak for all purposes.

**Sd/- Amruta Manjari Swain**

**ଆଫିଡେଭିଟ**

ମୁଁ ଶ୍ରୀ ରାମେଶ୍ୱର ମହାନ୍ତି, ପିତା- ନାଲୁ ମହାନ୍ତି, ସା - ଓଲାଡି, ପୋ- କୁଷଡ଼ିହା ଥାନା ବସ୍ତା ଜିଲ୍ଲା ବାଲେଶ୍ୱର ପିନ୍- 756029ର ବାସିନ୍ଦା ଅଟେ। ମୁଁ ଗୋଟିଏ LIC କରିଥିଲି। ଯାହାର ପଲିସି ନମ୍ବର 588035598। ଏହି ପଲିସିଟି ସନ୍ୟାସୀ ମହାନ୍ତି ପି- ନାଲୁ ମହାନ୍ତି ନାମରେ କରାଯାଇଥିଲା। ବର୍ତ୍ତମାନ ସନ୍ୟାସୀ ମହାନ୍ତି ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ ଓ ବ୍ୟାଙ୍କ ପାସ ବୁକ୍ ଇତ୍ୟାଦି ସବୁଥିରେ ରାମେଶ୍ୱର ମହାନ୍ତି ନାମରେ ପରିବର୍ତ୍ତନ ହୋଇସାରିଛି। ସନ୍ୟାସୀ ମହାନ୍ତି ଓ ରାମେଶ୍ୱର ମହାନ୍ତି ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟତା ପାଇଁ କୋର୍ଟରେ ଏକ ଏଫିଡେବିଟ କରିସାରିଛି। ଏଣୁ ବିନୀତ ଅନୁରୋଧ ମୋର ଏହି LIC ପଲିସିଟିରେ ସନ୍ୟାସୀ ମହାନ୍ତି ପରିବର୍ତ୍ତେ ରାମେଶ୍ୱର ମହାନ୍ତି ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛି।

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-54-25
କାର୍ଯ୍ୟର ବିବରଣୀ : ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର ଇଲେକ୍ଟ୍ରିକାଲ (ବ୍ରହ୍ମପୁର ଏବଂ ପଲାସା) ପରିସୀମା ଅଧୀନସ୍ଥ ଆନୁଷଙ୍ଗିକ ସଂସ୍ଥାପନଗୁଡ଼ିକ ସହିତ ଷ୍ଟେସନଗୁଡ଼ିକ ଠାରେ ସବ୍-ଷ୍ଟେସନ, କେବୁଲିଂ ସଂସ୍ଥାପନ, ଫିଡ଼ର ବାକ୍ସ, ଜଂକ୍ସନ ବାକ୍ସ, ପମ୍ପିଙ୍ଗ୍ ସଂସ୍ଥାପନ, CLS ପ୍ୟାନେଲ ଏବଂ ଲେଭେଲ କ୍ରସିଙ୍ଗ୍ ଫାଟକ, IBs,ହାଇ ମାଷ୍ଟ, ଲିଫ୍ଟ, ଏସ୍କାଲେଟର, ବିଭିନ୍ନ ପ୍ରକାର ଆଲୋକ, ଫ୍ୟାନ୍, ଆର୍ଥିଙ୍ଗ୍ ସଂସ୍ଥାପନ, ଏଚ୍‌ଟି ଏବଂ ଏଲଟି ଫିଡର ପ୍ୟାନେଲ ଭଳି ସମସ୍ତ ପ୍ରକାର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 7,03,99,986.60, EMD (ଟଙ୍କାରେ): 5,02,000/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-55-25
କାର୍ଯ୍ୟର ବିବରଣୀ : ଦୁଇ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସ୍ୱତନ୍ତ୍ର ଅବସର (Special Occasion) ସମୟରେ ଗୁରୁତ୍ୱପୂର୍ଣ୍ଣ ସେବା ଭବନ ଏବଂ ଷ୍ଟେସନଗୁଡ଼ିକ ଠାରେ ଅସ୍ଥାୟୀ ଆଲୋକ, ଫ୍ୟାନ୍, ମୋବାଇଲ୍ ଚାର୍ଜିଙ୍ଗ୍ ପଏଣ୍ଟ, ଏୟାର କଣ୍ଡିସନର, ପମ୍ପିଙ୍ଗ, ବୈକଳ୍ପିକ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସାଜସଜ୍ଜା ତଥା ନନ୍ ଇଣ୍ଟରଲକିଙ୍ଗ୍ (NI) କାର୍ଯ୍ୟ ନିମନ୍ତେ ଅତିରିକ୍ତ(Standby)ବିଦ୍ୟୁତ୍ ଯୋଗାଣ ସହିତ ଷ୍ଟେସନ ୟାର୍ଡଗୁଡ଼ିକରେ ଆଲୋକ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 88,64,778.66, EMD (ଟଙ୍କାରେ): 1,77,300/-।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-56-25
କାର୍ଯ୍ୟର ବିବରଣୀ : ପୁରୀ ଏବଂ ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB କୋଚଗୁଡ଼ିକରେ ବିଭିନ୍ନ କମ୍ପାନୀ ଦ୍ୱାରା ଲଗାଯାଇଥିବା ୱାରେଣ୍ଟି ବିହୀନ ତ୍ରୁଟିପୂର୍ଣ୍ଣ 4.5 KW ରେଗୁଲେଟେଡ୍ ବ୍ୟାଟେରୀ ଚାର୍ଜରଗୁଡ଼ିକର ମରାମତି/ରିକଣ୍ଡିସନିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 45,13,796/-, EMD (ଟଙ୍କାରେ): 90,300/-।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-57-25
କାର୍ଯ୍ୟର ବିବରଣୀ : ପଲାସା ଷ୍ଟେସନର ଡାଉନ୍ ପାର୍ଶ୍ୱରେ ହାଇ ଲେଭେଲ ପାସେଞ୍ଜର ପ୍ଲାଟଫର୍ମ ସହିତ ଗୋଟିଏ ଅତିରିକ୍ତ ଲାଇନ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 52,72,324.94, EMD (ଟଙ୍କାରେ): 1,05,500/-।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-58-25
କାର୍ଯ୍ୟର ବିବରଣୀ : ତିନି ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ ମେଲ୍/ଏକ୍ସପ୍ରେସ୍/ ସୁପରଫାଷ୍ଟ/ରାଜଧାନୀ ଟାଇପ୍ ଟ୍ରେନ୍‌ଗୁଡ଼ିକରେ ଏସି କୋଚ୍‌ଗୁଡ଼ିକର ମାର୍ଗଦର୍ଶନ ନିମନ୍ତେ କାର୍ଯ୍ୟବଳ (କୁଶଳୀ- 08 ଗୋଟି, ଅର୍ଦ୍ଧ କୁଶଳୀ-116 ଗୋଟି) ର ବହିଃସ୍ରୋତ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 12,23,94,164.31, EMD (ଟଙ୍କାରେ): 7,62,500/-।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-59-25
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଅମୃତ ଭାରତ ଷ୍ଟେସନଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବିଶ୍ୱସନୀୟତା ଏବଂ ଜରୁରୀକାଳୀନ ବ୍ୟାକ୍ ଅପ୍ ନିମନ୍ତେ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (BESS)ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 3,96,12,600/-, EMD (ଟଙ୍କାରେ): 3,48,100/-।

ଶେଷ ହେବା ଅବଧି : 36 ମାସ (କ୍ରମ ସଂ.1 ଏବଂ 5 ପାଇଁ), 24 ମାସ (କ୍ରମ ସଂ.2 ପାଇଁ), 06 ମାସ (କ୍ରମ ସଂ.3 ଏବଂ 6 ପାଇଁ) ଏବଂ 04 ମାସ (କ୍ରମ ସଂ.4 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G), ଖୋର୍ଦ୍ଧା ରୋଡ୍
PR-821/Q/25-26

O-1554

**OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA**
E-mail: rw_balliguda@yahoo.com

**NATIONAL COMPETITIVE BIDDING THROUGH e-Procurement** — E-Mail / E-despatch
**Bid Identification No. Online Tender/13-2025-26/BLG**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 13-2025-26/BLG | Road Works | 03 Nos | Rs. 59.96 Lakhs to Rs. 80.67 Lakhs | "B" Class | 04(Four) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works, Division, Balliguda | Online Tender/13-2025-26/BLG | 25.11.2025 at 10.00 A.M. | 02.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

OIPR-
Executive Engineer
R.W. Division, Balliguda

**SAISWARUPA INSTITUTE OF MENTALLY HANDICAPPED**
(Special School for M.R. Children)
At/Po- Gelpur, Dist- Bhadrak. Odisha

**ସୂଚନା**

ଏତଦ୍‌ଦ୍ୱାରା ବ୍ୟକ୍ତିବିଶେଷ ଶ୍ରୀ ଶଶଧର ପଣ୍ଡା, ପିତା- ଶ୍ରୀ ଚିତ୍ତରଞ୍ଜନ ପଣ୍ଡା, ସା: ସାମରାଇପୁର, ପୋ: ଗେଲପୁର, ଜିଲ୍ଲା- ଭଦ୍ରକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତୁମେ ତୁମ ଆଟେଡାଣ୍ଟ ପଦବୀରେ ୭ ଦିନ ଭିତରେ ଯୋଗ ନ ଦେଲେ ବାଧହୋଇ ତୁମ ବିରୁଦ୍ଧରେ ବିଦ୍ୟାଳୟ ପରିଚାଳନା କମିଟି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ॥ଇତି॥

**ସମ୍ପାଦକ, ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ସଂସ୍ଥା, ଗେଲପୁର, ଭଦ୍ରକ**

**WATCO**
**OFFICE OF THE GENERAL MANAGER, WATCO DIVISION-I, VANIVIHAR SQUARE, BHUBANESWAR, ODISHA, PIN-751022**
C-1554
Phone / FAX: - 0674-2542821 / e-Mail: gmdivonewatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
Invitation For Bids (IFB)
GMWATCO-I/73/ 2025-26 Dt.20.11.2025

| | | | |
|---|---|---|---|
| 01 | Name of the work | : | Supplying, Fitting & Fixing of Retrofit Emission Control Device (RECD) for 365KVA DG set installed at WTP, Mundali. |
| 02 | Estimate cost | : | Rs. 9.55 lakh |
| 03 | Period of completion | : | 02 (Two Month) |
| 04 | Date & Time of availability of bid document in the portal | : | From 11.00 AM of Dt.25.11.2025 to 5.00 PM of 05.12.2025 |
| 05 | Last date / time of receipt of bids in the portal | : | 5.00 PM of 05.12.2025 |
| 06 | Date & Time of opening of bids | : | At 12.30 PM of 06.12.2025 |
| 07 | Name and Address of the Officer Inviting Bid | : | General Manager WATCO Division-I, BBSR |

Name & Address of Officer Inviting Bid: The General Manager, WATCO Division-I, Vanivihar Square, BBSR, Odisha,

Further details can be seen from the e-Procurement portal "https://www.tendersodisha.gov.in"

OIPR-
Sd/- GENERAL MANAGER, WATCO DIVISION-I, BBSR

**यूनियन बैंक ऑफ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍ ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ଆମ୍ଭର ଭୁବନେଶ୍ୱର ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ମୁଖ୍ୟ ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) **ମେସର୍ସ ନିଗମ ହେଲ୍‌ଥ କେୟାର, ସ୍ୱତ୍ୱାଧିକାରୀ: ଶ୍ରୀ ଅନୁପମ ବେହେରା,** ଠିକଣା- ପ୍ଲଟ୍ ନଂ.: ୧୬୦, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୧, ୨) **ଶ୍ରୀ ଅନୁପମ ବେହେରା,** ଠିକଣା- ପ୍ଲଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭, **କୋ-ଓବ୍ଲିଗାଣ୍ଟ/ ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ଭଗବାନ ବେହେରା,** ଠିକଣା- ପ୍ଲଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭ | ମିଆଦୀ ଋଣ / ୦୩.୧୧.୨୦୨୫ | ୧୩.୧୧.୨୦୨୫ / ୧୩.୧୧.୨୦୨୫ ସୁଦ୍ଧା ଟ.୨୩,୩୦,୮୫୩.୦୦ ଯୁକ୍ତ ସେବାବଦ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ଖାତା ନଂ.: ୩୮୦, ପରିବର୍ତ୍ତିତ ଖାତା ନଂ.: ୫୪୦/୨୮୬୯, ପ୍ଲଟ୍ ନଂ.: ୧୫୬୨/୫୫୪୧, ଅନୁରୂପ ଖାତା ନଂ.: ୩୮୦, ପ୍ଲଟ୍ ନଂ.: ୧୫୬୨, ମୌଜା: ମଞ୍ଚେଶ୍ୱର, କ୍ଷେତ୍ର: ଏକର୦.୦୨୯୮୪ ଡିସିମିଲି (୧୩୦୦ ବର୍ଗଫୁଟ), ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡ଼ିଏସ୍‌ଆରଓ: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧୪ ଏବଂ ୧୩, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୭ସି, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୭ଏ |

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ** କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୪.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସକାଳ THE SAKALA



www.sakalaepaper.com

# ଗ୍ୟାରେଜରେ ଅଗ୍ନିକାଣ୍ଡ



ବଡ଼ମ୍ବା,୨୪।୧୧(ସମିସ): ବଡ଼ମ୍ବା ବ୍ଲକ ଅଧୀନ ଅଭିମାନପୁର ମୁଖ୍ୟରାସ୍ତାର ପଥପ୍ରାନ୍ତ ସୁବିଧା କେନ୍ଦ୍ରର ସାମ୍ନାରେ ଥିବା ପପୁ ଗ୍ୟାରେଜରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୬ଟି ମୋଟର ସାଇକଲ ପୋଡି ନଷ୍ଟ ହୋଇଯାଇଛି। ପପୁ ଗ୍ୟାରେଜ ନାମରେ ପରିଚିତ ଏହି ଗ୍ୟାରେଜ ଦୋକାନଟି ବନ୍ଦ ଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ତାର ସଟସର୍କିଟ ହୋଇ ନିଆଁ ଲାଗିଥିବାର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ବଡ଼ମ୍ବା ଦମକଳ ବାହିନୀ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିବାର ସୂଚନା ମିଳିଛି।

# ଗଛରେ ପିଟିହେଲା ବସ୍; ୩ ଆହତ

ବଡ଼ମ୍ବା,୨୪।୧୧(ସମିସ): ବଡ଼ମ୍ବା ଥାନା ଅଧୀନ ବଡବାରସିଂହ ଛକ ଠାରେ ଶ୍ରଦ୍ଧା ନାମକ ଘରୋଇ ଯାତ୍ରୀବାହି ବସ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯିବା ଫଳରେ ୩ଜଣ ଯାତ୍ରୀ ଆହତ ହୋଇ ବଡମ୍ବା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କଟକରୁ ନରସିଂହପୁର ଅଭିମୁଖେ ଯାତ୍ରୀ ନେଇ ଆସୁଥିବା ବେଳେ ବଡବାରସିଂହ ଛକ ନିକଟରେ ଦୁର୍ଘଟଣା ଘଟିଛି। ତେବେ ଆହତଙ୍କ ଅବସ୍ଥା ଭଲଥିବାର ଜଣାପଡିଛି ଓ ଆହତମାନଙ୍କ ପରିଚୟ ମିଳିପାରି ନାହିଁ।

# ଜାତୀୟ ଫାର୍ମାସୀ ସପ୍ତାହ ଉଦ୍‌ଯାପିତ




ଚୌଦ୍ୱାର,୨୪।୧୧(ସମିସ): ଚୌଦ୍ୱାର ଥାନା ଅନ୍ତର୍ଗତ ଦେଉଳତୁଆ ଠାରେ ପ୍ରତିଷ୍ଠା ଲାଭ କରିଥିବା ସାଇପର ଫାର୍ମାସୀ କଲେଜରେ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି। ୭ଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚେତନତା ରାଲି, ରକ୍ତଦାନ ଶିବିର, କ୍ରୀଡା ପ୍ରତିଯୋଗିତା, ବୃକ୍ଷରୋପଣ ଆଦି ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ବଳଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଔଷଧ ନିୟନ୍ତ୍ରକ ମାମିନା ପଟ୍ଟନାୟକ ଯୋଗଦେଇ ଫାର୍ମାସୀ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଫାର୍ମାସୀ ବିଭାଗର ପୂର୍ବତନ ପାଠକ ଓ ବିଭାଗ ମୁଖ୍ୟ ପ୍ରଫୁଲ ମହାପାତ୍ର, ଡା. କଳାକାର ବଳ, ରଶ୍ମିତା ପ୍ରିୟଦର୍ଶିନୀ, ଡା.ଲୀନା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଫାର୍ମାସିଷ୍ଟ ମାନଙ୍କର ସମାଜ ପ୍ରତି ଥିବା ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। କଲେଜର ଅଳକା ପ୍ରିୟଦର୍ଶିନୀ କର, ଅଧ୍ୟାପକ ସୌମ୍ୟରଞ୍ଜନ ସାହୁ, ପ୍ରାଚୀପ୍ରଭା ନାୟକ, ସ୍ନିଗ୍ଧା ମହାନ୍ତି, ଆଶିଷ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# କଟକ ସଦର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣି

● ୧ ଘଣ୍ଟା ରହି ପଳାଇଲେ ଜିଲ୍ଲାପାଳ



କନ୍ଦରପୁର,୨୪।୧୧(ସମିସ): ଆଜି କଟକ ସଦର ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଦିନ ୧୦ଟା ଠାରୁ ୧ଟା ପର୍ଯ୍ୟନ୍ତ ୨୩ଟି ପଞ୍ଚାୟତରୁ ଅଭିଯୋଗ ଗୁଡିକ ଜନଶୁଣାଣି ହୋଇ ସମାଧାନ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ସମୁଦାୟ ୪୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାପାଳ ୧୫ଟି ଅଭିଯୋଗ ଶୁଣାଣି କରି ଚାଲିଯାଇଥିଲେ। ବାକି ଅଭିଯୋଗ ଗୁଡିକ ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପ୍ପୋ ଆସି ଶୁଣାଣି କରିଥିଲେ। ୧୮ଟି ଅଭିଯୋଗ ଶୁଣାଣି ହୋଇ ସମାଧାନ ହୋଇଥିଲା। ବାକି ଅଭିଯୋଗ ଗୁଡିକ ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ପଠାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପ୍ପୋ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଗ୍ରାମାଞ୍ଚଳ ଅତିରିକ୍ତ ଏସପି ପ୍ରଦୀପ ସାହୁ, ଅତିରିକ୍ତ ଚିକିତ୍ସା ଅଧିକାରୀ ଚିନ୍ତାମଣି ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ସଦର ବିଡ଼ିଓ ପ୍ରତୀକ ସାହୁ, ଉନ୍ନୟନ ଅଧିକାରୀ ବିକାଶ ଦାସ, ବ୍ଲକ କର୍ମଚାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କିଛି ଅଭିଯୋଗକାରୀ କହିଛନ୍ତି ଜିଲ୍ଲାପାଳଙ୍କ ଜନଶୁଣାଣି ପ୍ରହସନ। ବାରମ୍ବାର ଜନଶୁଣାଣିରେ ଅଭିଯୋଗ ପରେ ବି ସମାଧାନ ହେଉନି। ନାଆଭଙ୍ଗାର ସମର ବେହେରା ଏହି ଅଭିଯୋଗ କରିଛନ୍ତି। ବ୍ଲକର ସମସ୍ତ କର୍ମଚାରୀ ସହାୟତା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସିପି କୃଷ୍ଣଚନ୍ଦ୍ର ସେଠୀ, ସିଆରଆରଆଇ ଥାନା ଅଧିକାରୀ ବିଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନର ବିଚିତ୍ର ନୀତି | ଜଳାଶୟ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ଅଭିଯୋଗ

■ ମାହାଙ୍ଗା ବିଧାୟକଙ୍କ ଅନୁଗତଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ■ ଉଚ୍ଚସ୍ତରୀୟ ତଦନ୍ତ ଦାବି

ଭଦ୍ରେଶ୍ୱର,୨୪।୧୧(ସମିସ)



ମାହାଙ୍ଗା ବ୍ଲକ୍ ପ୍ରଶାସନର ଏକ ବିଚିତ୍ର ନୀତି ପୁଣି ଥରେ ପଦାରେ ପଡ଼ିଛି। ସମସ୍ତ ସରକାରୀ ନୀତିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରାଯାଇ ଏକ କଲ୍ୟାଣ ମଣ୍ଡପ ଜଳାଶୟ କିସମର ଜମିରେ ନିର୍ମାଣ କରାଯାଉଥିବାର ସଙ୍ଗୀନ୍ ଅଭିଯୋଗ ହୋଇଛି। ଏହାକୁ ନେଇ ସାଧାରଣରେ ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ସୂଚନା ମୁତାବକ, ମାହାଙ୍ଗା ବ୍ଲକର ପୋଡ଼ାମରାଇ ପଞ୍ଚାୟତ (ଯାହାକି ବିଧାୟକଙ୍କ ପୈତୃକ ପଞ୍ଚାୟତ) କାର୍ଯ୍ୟାଳୟ ପରିସରରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ନିର୍ମାଣାଧୀନ କଲ୍ୟାଣ ମଣ୍ଡପର ସ୍ଥାନ ଜମିର କିସମ ଜଳାଶୟ ରହିଥିବା ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ଅନୁସାରେ, ଏହି ଜମିର ଖାତା ନଂ ୩୮୨ ଏବଂ ପ୍ଲଟ୍ ନଂ ୫୪୭ ରହିଛି। ଏହି କାର୍ଯ୍ୟର କାର୍ଯ୍ୟାଦେଶ ନାମକୁ ମାତ୍ର ବିଭାଗୀୟ ଅଧିକାରୀଙ୍କ ନାମରେ ରହିଥିବା ବେଳେ ପ୍ରକୃତରେ କାର୍ଯ୍ୟ କରୁଛନ୍ତି ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଏକାନ୍ତ ଅନୁଗତ। ଅଭିଯୋଗ ଅନୁସାରେ, କାର୍ଯ୍ୟାଦେଶ ହାତେଇଥିବା ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟ ସ୍ଥଳକୁ ପାଖ ମାଡୁ ନ ଥିବାରୁ ବିଧାୟକଙ୍କ ଲୋକ ନିମ୍ନମାନର କାର୍ଯ୍ୟ କରୁଛନ୍ତି। କର୍ମୀ ଓ ସମର୍ଥକଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାରୀ ବାବୁମାନେ ନିଜ ପଦପଦବୀର ଅପବ୍ୟବହାର କରୁଥିବା ନେଇ ଷଡଯନ୍ତ୍ର କରାଯାଇଥିବା ଘଟଣା ଏବେ ସାମ୍ନାକୁ ଆସିଛି। ପୂର୍ବରୁ ଏହି କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ପୋଡ଼ାମରାଇ ପଞ୍ଚାୟତରେ ହାଇଡ୍ରାମା ସୃଷ୍ଟି ହୋଇଥିଲା। ପଞ୍ଚାୟତ ପରିସରରେ କାର୍ଯ୍ୟ ହେବାକୁ ଥିବା ବେଳେ ସ୍ଥାନୀୟ ସରପଞ୍ଚଙ୍କୁ ଅଣଦେଖା କରାଯାଇ ପ୍ରଶାସନ ପକ୍ଷରୁ ବଳପ୍ରୟୋଗ କରାଯାଇ ପଞ୍ଚାୟତ ଫାଟକର ତାଲା ଭାଙ୍ଗି ଦିଆଯାଇଥିଲା। ତାଲା ଭାଙ୍ଗିବା ଘଟଣାରେ ସରପଞ୍ଚ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏପରିକି ପୂର୍ବରୁ ବିଗତ ସରକାର ସମୟରେ ବେନିୟମ ଭାବେ ନିର୍ମିତ ପ୍ରକଳ୍ପର ପ୍ରାପ୍ୟ ବନ୍ଦ କରିଥିବା ବିଧାୟକ ଶ୍ରୀ ପ୍ରଧାନ ଏବେ ନିଜେ ସେହି ପୁରୁଣା ପରମ୍ପରାରେ ପଡ଼ିଯାଇଥିବାର ଅଭିଯୋଗ ହୋଇଛି। ଜମିର କିସମ ଜଳାଶୟ ହୋଇଥିବା ସତ୍ତ୍ୱେ ବ୍ଲକ୍ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ପାଇଁ କିପରି ଅନୁମତି ମିଳିଲା, ସେ ନେଇ ପ୍ରଶ୍ନ ଉଠିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି।

● ବଡ଼ମ୍ବା ଗୋପୀନାଥପୁରରେ ଅଲ୍ ଓଡ଼ିଶା କବାଡ଼ି ଟୁର୍ଣ୍ଣାମେଣ୍ଟ

# ଅନୁଗୁଳର ମହୀଧରପୁର ଦଳ ଚାମ୍ପିଅନ



ବଡମ୍ବା,୨୪।୧୧(ସମିସ): ରବିବାର ବଡ଼ମ୍ବା ବ୍ଲକ ଅଧୀନ ଗୋପୀନାଥପୁର ଠାରେ ୟୁଥ୍ ଆଇକନ୍ କ୍ଲବ୍ ଆନୁକୂଲ୍ୟରେ କଟକ ଜିଲ୍ଲା ସମେତ ସଂଲଗ୍ନ ନୟାଗଡ଼, ଖୋର୍ଦ୍ଧା, ଅନୁଗୁଳ ଆଦି ବିଭିନ୍ନ ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ଆଠଟି ଦଳ ମଧ୍ୟରେ ଅଲ୍ ଓଡ଼ିଶା କବାଡ଼ି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳରେ ବଡମ୍ବାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଦେବୀ ମିଶ୍ର ଯୋଗଦେଇ ଉଦ୍ୟୋକ୍ତା ଯୁବ ଅନୁଷ୍ଠାନ ଓ ଅଂଶଗ୍ରହଣକାରୀ ଦଳମାନଙ୍କୁ ତଥା ସ୍ଥାନୀୟ ପୃଷ୍ଠପୋଷକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ପୂର୍ବତନ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ମିଶ୍ର ମହିଧରପୁର ଦଳକୁ ଚାମ୍ପିୟନ ଓ ବାଙ୍କିର ଭେଡ଼ା ଦଳକୁ ରନର୍ସଅପ୍ ପୁରସ୍କାର ପ୍ରଦାନ କରିଥିଲେ। ଏହି କବାଡ଼ି ଟୁର୍ଣ୍ଣାମେଣ୍ଟ ଦେଖିବା ପାଇଁ ବହୁସଂଖ୍ୟାରେ ଖେଳପ୍ରେମୀ ଜନସାଧାରଣ ଓ କ୍ଲବର ସଦସ୍ୟ ଯୁବକମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ଯଯାତି କେଶରୀ ନାୟକ ୟୁଥ୍ ଆଇକନ୍ କ୍ଲବର ସଭାପତି ଯୁବନେତା ପ୍ରଦୀପ୍ତ ବେହେରାଙ୍କ ସଂଯୋଜନାରେ ପୂର୍ବ ସରପଞ୍ଚ ଗୋବିନ୍ଦ ସାହୁ, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକଙ୍କ ସମେତ ବବଲୁ, ଭାରତ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

● ରେଭେନ୍ସା ବିଶ୍ୱବିଦ୍ୟାଳୟରେ ତୃତୀୟ ଡକ୍ଟର ବାସୁଦେବ କର ସ୍ମାରକୀ ବକ୍ତୃତାମାଳା

# ବେଦ ହେଉଛି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଗଙ୍ଗୋତ୍ରୀ



କଟକ,୨୪।୧୧(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକର ଡିଜିଟାଲ୍ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଆଜି ତୃତୀୟ ଡ. ବାସୁଦେବ କର ସ୍ମାରକୀ ବକ୍ତୃତାମାଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସେଭେନ୍ ପିଲର୍ ଅଫ୍ ୱିସଡମ୍ ପରିସରରେ ସୋମବାର ପୂର୍ବାହ୍ନ ୧୧.୩୦ ମିନିଟରେ ଆୟୋଜିତ ଏହି ଉତ୍ସବରେ ଭଣ୍ଡାରକର ଓରିଏଣ୍ଟାଲ୍ ଗବେଷଣା କେନ୍ଦ୍ର, ପୁନେର ମହାଭାରତ ପ୍ରକଳ୍ପ ସହିତ ଜଡିତ ପ୍ରଫେସର ସୁଚେତା ପରାଞ୍ଜପେ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ବେଦ, ସାହିତ୍ୟ, ଇତିହାସ: ସମୟ ସହିତ ବାର୍ତ୍ତାଳାପ' ଶୀର୍ଷକରେ ନିଜର ଅଭିଭାଷଣ ରଖିଥିଲେ। ପ୍ରଫେସର ପରାଞ୍ଜପେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, "ବେଦ ହେଉଛି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଗଙ୍ଗୋତ୍ରୀ ଯାହା ପ୍ରତିଟି ସ୍ତରକୁ ଜ୍ଞାନର ସାଗର ପରି ପରିବ୍ୟାପ୍ତ ହୋଇଥାଏ।" କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରେଭେନ୍ସା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ପ୍ରାକ୍ତନ ଅଧ୍ୟକ୍ଷା ତଥା ଗବେଷଣା ବିକାଶ ପରିଷଦର ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ କହିଥିଲେ ଯେ, ବେଦ ଯୁବମାନସଙ୍କୁ ପ୍ରେରଣା ଯୋଗାଇଦେବ। ସେ ୟୁନେସ୍କୋ ଅନୁସାରେ ବେଦ ସମସ୍ତ ପ୍ରାଚୀନ ଗ୍ରନ୍ଥ ମଧ୍ୟରେ ସର୍ବୋଚ୍ଚ ମାନ୍ୟତା ପ୍ରାପ୍ତ ବୋଲି ପ୍ରକାଶ କରିଥିଲେ। ଡିଜିଟାଲ୍ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ପ୍ରଫେସର ଉର୍ମିଶ୍ରୀ ବେଦମତ୍ତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ ଯେ, ୨୦୧୯ ମସିହାରୁ ଏହି କେନ୍ଦ୍ର ପ୍ରାଚୀନ ତାଳପତ୍ର ପୋଥି ଉପରେ ଗବେଷଣା ଏବଂ ସାରଳା ମହାଭାରତର ଡିଜିଟାଲ୍ ସଂସ୍କରଣ ପ୍ରସ୍ତୁତି କରିବା ସହିତ ଡକ୍ଟର ବାସୁଦେବ କର ସ୍ମାରକୀ ବକ୍ତୃତା ଆୟୋଜନ କରିଆସୁଛି। ଓଡିଶାନ୍ ଷ୍ଟଡିଜର ରିସର୍ଚ୍ଚ ଆସୋସିଏଟ୍ ଡକ୍ଟର ଅରବିନ୍ଦ ଦାସ, ଡକ୍ଟର ଶିଖା ମହର୍ଷୀ, ନିଖିଳେଶ ଦାଶ, ଅର୍ପିତା ରାଥୋଡ଼, ମହମ୍ମଦ ମୁମ୍ତାଜୀମ୍, ସୌରଭ ରାଉତ, ଶୁଭ ସୁଦର୍ଶନ ନାୟକ, ମମତା ବହେଡି ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ

**ଜଳ ସଞ୍ଚୟ ଜନଭାଗିଦାରୀ ପୁରସ୍କାରରେ କଟକ ଜିଲ୍ଲା ସମ୍ମାନିତ**

କଟକ,୨୪।୧୧(ସମିସ): ଜଳ ସଞ୍ଚୟ ଜନ ଭାଗିଦାରୀ ଅଧୀନରେ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କଟକ ଜିଲ୍ଲା ବର୍ଗ ୩ରେ ଜଳ ସଞ୍ଚୟ ଜନ ଭାଗିଦାରୀ ୧.୦ ପୁରସ୍କାର ବିଜେତା ଭାବେ ସମ୍ମାନିତ ହୋଇଛି। ଏହି ପୁରସ୍କାର ସହିତ ଜିଲ୍ଲାକୁ ୦.୨୫ କୋଟି ଟଙ୍କାର ନଗଦ ଆର୍ଥିକ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଇଛି। ଏହି ସଫଳତା ପଛରେ ଜିଲ୍ଲାର ନେତୃତ୍ୱ ଏବଂ ଦୃଷ୍ଟିକୋଣ କେବଳ ଜଳ ସଂରକ୍ଷଣ କ୍ଷେତ୍ରରେ ନୁହେଁ, ବରଂ ଲୋକଙ୍କ ଆଚରଣରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି। ଜଳ ସଞ୍ଚୟ ଜନ ଭାଗିଦାରୀ ଅଧୀନରେ ଗୋଷ୍ଠୀ ନେତୃତ୍ୱାଧୀନ ଜଳ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରି ଜିଲ୍ଲାରେ ସକରାତ୍ମକ କାର୍ଯ୍ୟ କରାଯିବା ସହ ଜଳ ପ୍ରତି ଥିବା ସମ୍ମାନକୁ ପୁନର୍ଜୀବିତ କରାଇବାର ପ୍ରଚେଷ୍ଟା କରାଯାଇଛି। ଏହି ଅବସରରେ ଜାତୀୟ ଜଳ ମିଶନର ଅତିରିକ୍ତ ସଚିବ ତଥା ମିଶନ୍ ନିର୍ଦ୍ଦେଶିକା ଅର୍ଚ୍ଚନା ବର୍ମା କଟକ ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇଛନ୍ତି। ଏହା ସହିତ ସେ ଜଳ ସଞ୍ଚୟ ଜନ ଭାଗିଦାରୀ ୨.୦ ଅଧୀନରେ ଥିବା ୧୦ ନିୟୁତ କୃତ୍ରିମ ଜଳ ସଂରକ୍ଷଣ ଢାଞ୍ଚା ସୃଷ୍ଟିର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ପୂରଣ ଦିଗରେ ଜିଲ୍ଲାର ସହଯୋଗ କାମନା କରିଛନ୍ତି।

● ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

# ୭ଟି ବିଷୟକୁ ନେଇ ୨୪୦ ପ୍ରକଳ୍ପ ପ୍ରଦର୍ଶିତ



ନରସିଂହପୁର,୨୪।୧୧(ସମିସ): ନରସିଂହପୁର ବ୍ଲକ ଅର୍ନ୍ତଗତ କମଳାଡିହ ସରକାରୀ ପିଏମ ଶ୍ରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ, କୃଷି, ପରିବେଶ ଓ ବିଜ୍ଞାନ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟରୁ ୭ଟି ବିଷୟରୁ ୨୪୦ଟି ବିଭିନ୍ନ ବିଷୟର ପ୍ରକଳ୍ପ ଏହି ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ସେଥି ମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରୁ ୧୩ ଜଣ ବିଦ୍ୟାର୍ଥୀଙ୍କୁ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଏଥି ସହିତ ସାଧାରଣଜ୍ଞାନ ପ୍ରତିଯୋଗିତା ବରିଷ୍ଠ ଓ କନିଷ୍ଠ ବିଭାଗର ଅନୁଷ୍ଠିତ ହୋଇଛି। ସେଥି ମଧ୍ୟରୁ ୨ଜଣ ଜିଲାସ୍ତରକୁ ଉତ୍ତୀର୍ଣ୍ଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଉଦଘାଟନକରିଥିଲେ। ମୁଖ୍ୟବକ୍ତାଭାବେବ୍ଲକଅଧକ୍ଷାସସ୍ମିତାଜେନା, ସମ୍ମାନୀତଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଅଜୟ ପଣ୍ଡା, ସମିତିସଭ୍ୟା ସସ୍ମିତା ପିଣ୍ଡ, ଏବିଇଓ ନିରଞ୍ଜନ ପ୍ରଧାନ, ବିଜୟ ଭୂୟାଁ, ଲକ୍ଷ୍ମୀଧର ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ କୁମାର ଦଳେଇ, ବିଦ୍ୟାଳୟ କମିଟି ସଭାପତି ଭାଗୀରଥି ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ସୁଶ୍ରୀ ଲୋପାମୁଦ୍ରା ରାଉତରାୟ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିନାୟକ ମିଶ୍ର ସଂଯୋଜନା କରିଥିଲେ। ଅପରାହ୍ନରେ ଆୟୋଜିତ ଉଦଯାପନୀ ଅବସରରେ ମୁଖ୍ୟଅତିଥିଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ମନୋଜ ପଣ୍ଡା, ସମ୍ମାନୀତ ଅତିଥିଭାବେ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀ, ସରପଞ୍ଚ ଶରତ ଚନ୍ଦ୍ର ଖଟୁଆ ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାଭିମାନ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଆଠଗଡ,୨୪।୧୧(ସମିସ): ସବୁ ବର୍ଷ ପରି ଚଳିତ ବର୍ଷ ସ୍ୱାଭିମାନ ଏକତା ମଞ୍ଚ ଆନୁକୂଲ୍ୟରେ ଡ଼ିସେମ୍ବର ୯ ତାରିଖରେ ସ୍ୱାଭିମାନ ଦିବସ ପାଳନ କରାଯିବା ପାଇଁ ପ୍ରସ୍ତୁତି ବୈଠକ ମଞ୍ଚର କାର୍ଯ୍ୟକାରୀ ସଭାପତି ଆଇନଜୀବି ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆଠଗଡ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ "ଭାରତବର୍ଷରେ ଧର୍ମ ନିରପେକ୍ଷତା ଆବଶ୍ୟକତା' ଶୀର୍ଷକ ଏକ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଗଲା। ଉକ୍ତ ବକ୍ତୃତାରେ ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର ସନ୍ତୋଷ କୁମାର ଦାସ, ସୁବାର୍ତ୍ତାର ସମ୍ପାଦକ ତଥା ବିଶିଷ୍ଟ ସମାଲୋଚକ ବାଗ୍ମୀ ପ୍ରଦ୍ୟୁମ୍ନ କୁମାର ଶତପଥୀ ଓ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହାର ତର୍କ ଉପସ୍ଥାପନା କରିବେ। ଏଥିରେ ଆଠଗଡ ଅଞ୍ଚଳର ଯୁବ, ଛାତ୍ର, ବୁଦ୍ଧିଜୀବୀ, ସାମ୍ବାଦିକ, ଆଇନଜୀବୀଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସମ୍ପାଦକ ଆଇନଜୀବୀ ସତ୍ୟେନ ପଣ୍ଡା, ସହସମ୍ପାଦକ ଆଇନଜୀବୀ ବିନୟ ଶୁକ୍ଲା, ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସଞ୍ଜୟ ମଲ୍ଲିକ, ସସ୍ମିତା ରାଉତ, ବିଜେଡି ବ୍ଲକ ସଭାପତି ରବିନ୍ଦ୍ରନାଥ ରାଉତ, ଏନ୍‌ଏସି ସଭାପତି ଶିଶିର ପ୍ରସାଦ ମାନସିଂହ, ଛାତ୍ର ନେତା ସତ୍ୟପ୍ରିୟ ମହାନ୍ତି, ଯୁବନେତା ପ୍ରକାଶ ରାଉତ, ଏନ୍‌ଏସି ଉପାଧ୍ୟକ୍ଷ ବି ଶୁଭ୍ରଶଙ୍କର ଜ୍ୟୋତି, ରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ୨୦୦୯ ସାଧାରଣ ନିର୍ବାଚନରେ ରିଟର୍ଣ୍ଣି ଅଫିସର ତତ୍କାଳୀନ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରାର୍ଥୀପତ୍ରକୁ ନାକଚ କରିଥିଲେ। ଏହାର ବିରୁଦ୍ଧରେ ରଣେନ୍ଦ୍ର ଆଇନଗତ ଲଢେଇ କରି ୨୦୧୧ ମସିହା ଡିସେମ୍ବର ୯ ତାରିଖ ଦିନ ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ବିଜୟୀ ହୋଇଥିଲେ। ସେହିଦିନଠାରୁ ରଣେନ୍ଦ୍ରଙ୍କ ସମର୍ଥକମାନେ ସ୍ୱାଭିମାନ ଏକତା ମଞ୍ଚ କରି ଏହି ଦିନରେ ସାମ୍ପ୍ରତିକ ଦେଶର ରାଜନୈତିକ, ଅର୍ଥନୈତିକ, ଆଇନଗତ ଦିଗରେ ଆଲୋଚନା ଚକ୍ର ପ୍ରସ୍ତୁତ କରିଥାନ୍ତି।

# ଶେଷ ହେଲା କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

ଚୌଦ୍ୱାର,୨୪।୧୧(ସମିସ)



ଚୌଦ୍ୱାର ଥାନା ଅନ୍ତର୍ଗତ ଡିହସାହି ଗ୍ରାମରେ ୧୭ ତମ କାର୍ତ୍ତିକେଶ୍ୱର୍ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ଦୁଇ ଦିନ ଧରି ଆୟୋଜିତ ଏହି ଉତ୍ସବରେ ଅଞ୍ଚଳର ବିଭିନ୍ନ ସାହିରୁ ୧୩ଟି ମେଢ଼ ଏକାଠି ହୋଇଥିଲେ। ଯାତ୍ରାର ପ୍ରଥମ ଦିନ ବିଭିନ୍ନ ସାହିରୁ ମେଢ଼ଗୁଡ଼ିକ ରୋଷଣି କରି ଯାତ୍ରା ପଡିଆକୁ ଆସିଥିବା ବେଳେ ପରଦିନ ଭସାଣ ଯାତ୍ରା ହୋଇଥିଲା। ତେବେ ଉଦଯାପନୀ ଦିନ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଟିପିଏମ୍ ଫାଣ୍ଡି ଅଧିକାରୀ ନିରଞ୍ଜନ ଭୋଇ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ ଶାନ୍ତିଶୃଙ୍ଖଳାର ସହ ଏହା ପାଳନ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିଙ୍କ ଉପସ୍ଥିତିରେ ଆୟୋଜିତ ସାଧାରଣ ସଭାରେ ବାଲୁଙ୍କେଶ୍ୱର ବିଦ୍ୟାପୀଠର ଚଳିତ ବର୍ଷ ଦଶମ ଶ୍ରେଣୀରେ ଭଲମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ମେଳଣ ପଡ଼ିଆରେ ସାମିଲ ହୋଇଥିବା ମେଢ଼ମାନଙ୍କ ମଧ୍ୟରୁ ଥାନପତି ଭାବେ ପୂଝାରୀ ସାହି ମେଢ଼କୁ ଏକ ନମ୍ବର୍ ଭାବେ କମିଟି ତରଫରୁ ଛନ୍ଦା ଦିଆଯିବା ପରେ ମଲ୍ଲିକ ସାହି, ମଳୀକ ସାହି, ଉପରସାହି, ମା ଭୁଆସୁଣୀ, ଦଧୀବାମନ ସାହି, ମଠସାହି, ବଗିଚାସାହି, ମଙ୍ଗଳାସାହି, ଚୌଧୁରୀସାହି, ପାଟଣାସାହି, ଛକସାହି, ପ୍ରଧାନସାହି ପ୍ରମୁଖ ମେଢ଼ଗୁଡ଼ିକୁ ପୂଜା କମିଟି ତରଫରୁ ଛନ୍ଦା ଦିଆଯାଇଥିଲା। ଏହାପରେ ମେଢ଼ଗୁଡ଼ିକ କ୍ରମାନ୍ୱୟରେ ଯାତ୍ରା ପଡ଼ିଆରୁ ବାହାରି ସମସ୍ତ ସାହି ପରିକ୍ରମା କରିଥିଲେ। ସାହି ପରିକ୍ରମା ବେଳେ ପାରମ୍ପରିକ ବାଦ୍ୟ, ଆଦିବାସୀ ନାଚ, ବାଘନାଚ ସାଙ୍ଗକୁ ଢୁଲ୍ ଢୁଲି ବାଜାରେ ଗଗନ ପବନ ମୁଖରିତ ହୋଇ ଉଠିଥିଲା। ଶେଷରେ ଶନିମନ୍ଦିର ନିକଟରେ ବିସର୍ଜନ କରାଯାଇଥିଲା। ଏହି ଅବସରରେ ମେଳଣ ପଡିଆରେ ମୀନାବଜାର ପଡ଼ିଥିଲା। ଶୃଙ୍ଖଳା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଯାତ୍ରା ପଡିଆରେ ଏକ ଅସ୍ଥାୟୀ ପୁଲିସ କ୍ୟାମ୍ପ ସହ ବିଦ୍ୟୁତ୍ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ସଜାଗ ରହିଥିଲେ। ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ତତ୍ତ୍ୱାବଧାନରେ ଟିପିଏମ୍ ଫାଣ୍ଡି ଅଧିକାରୀ ନିରଞ୍ଜନ ଭୋଇଙ୍କ ସମେତ ୨୦ଜଣ ଅଫିସର, ୪ ପ୍ଲାଟୁନ ରିଜର୍ଭ ପୁଲିସ ଓ ଅନ୍ୟାନ୍ୟ ପୁଲିସ ଅଧିକାରୀ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ଜିଲ୍ଲା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ



କଟକ,୨୪।୧୧(ସମିସ): କଟକ ଜିଲ୍ଲା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ରବିବାର ଦିନ ଶହୀଦ ଭବନରେ ସଂଗଠନର 'ପଞ୍ଚମ ବାର୍ଷିକ ଉତ୍ସବ' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଶୁଭ ସୁନ୍ଦର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ଗୁରୁତ୍ୱ, ଶିକ୍ଷାଦାନରେ ଶିକ୍ଷକଙ୍କ ଭୂମିକା ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ)ର ଯୋଗଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରୀ ହାଇସ୍କୁଲ ଶିକ୍ଷକ ସଂଘ, ଭୁବନେଶ୍ୱରର ଉପଦେଷ୍ଟା ପ୍ରଭାତ ମହାନ୍ତି ଯୋଗଦେଇ ସଂଗଠନର ଆବଶ୍ୟକତା, କାର୍ଯ୍ୟକାରିତା ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। କଟକ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଶିଷ୍ଟ ସମାଜସେବୀ ଲଲାଟେନ୍ଦୁ ବଡୁ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ସଂଗଠନର ସାଧାରଣ କାର୍ଯ୍ୟକାରୀ ସମ୍ପାଦକ ସହିସ୍ତା ସୁଲତାନା ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗଠନର କୋଷାଧ୍ୟକ୍ଷ ତପନ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଭାଗରେ ନିଜର ଶ୍ରେଷ୍ଠତ୍ୱ ଓ ବଳିଷ୍ଠ ବ୍ୟକ୍ତିତ୍ୱର ପ୍ରଦର୍ଶନ କରିଥିବା ଜିଲ୍ଲାର କିଛି ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଲିଉଡ୍‌ର 'ହି-ମ୍ୟାନ୍'...

ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ସମୟରେ ଗଣମାଧ୍ୟମରେ ତାଙ୍କର ମୃତ୍ୟୁ ଖବର ପ୍ରସାର ହୋଇଥିଲା । କିନ୍ତୁ ପରିବାର ଲୋକେ ଖବରକୁ ଖଣ୍ଡନ କରି ଦେଇଥିଲେ । ଏହାର ଦୁଇ ଦିନ ପରେ ଗତ ୧୨ ତାରିଖରେ ଧର୍ମେନ୍ଦ୍ରଙ୍କୁ ହସ୍ପିଟାଲରୁ ଆଣି ଘରେ ଚିକିତ୍ସା କରାଯାଉଥିଲା । ପଞ୍ଜାବର ନସ୍ରାଲରେ ୧୯୩୫ ଡିସେମ୍ବର ୮ ରେ ଜନ୍ମିତ ଧର୍ମେନ୍ଦ୍ର ସିଂ ଦେଓଲଙ୍କୁ ଲୋକେ 'ଧରମ ପାଜି' ବୋଲି ସମ୍ବୋଧନ କରନ୍ତି । ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ବଲିଉଡ୍‌ରେ ଓ ସାରା ଦେଶରେ ଶୋକ ଖେଳିଯାଇଛି । ଦେଶବାସୀ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି । ବିଦେଶରେ ଥିବା ତାଙ୍କ ପ୍ରଶଂସକମାନେ ଏହି ଖବର ଶୁଣି ମର୍ମାହତ ହୋଇଛନ୍ତି । ମୃତ୍ୟୁ ବେଳକୁ ଧର୍ମେନ୍ଦ୍ରଙ୍କ ପାଖରେ ତାଙ୍କର ପ୍ରଥମ ପତ୍ନୀ ପ୍ରକାଶ କୌର, ଦ୍ୱିତୀୟ ପତ୍ନୀ ତଥା ଅଭିନେତ୍ରୀ ହେମା ମାଳିନୀ, ପୁଅ ସନି ଦେଓଲ, ବବି ଦେଓଲ, ଝିଅ ଈଶା ଦେଓଲ ଓ ଆହନା ଦେଓଲ ଉପସ୍ଥିତ ଥିଲେ । ତାଙ୍କ ଦେହାନ୍ତରେ ବଲିଉଡ୍‌ରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଚଳଚ୍ଚିତ୍ର ଜଗତରେ ସେ ହାସଲ କରିଥିବା ସଫଳତା ଆଗାମୀ ପିଢ଼ୀକୁ ଉତ୍ସାହିତ କରିବ । ୨୦୨୪ରେ ଶେଷଥର ପାଇଁ 'ତେରି ବାତୋ ମେ ଐସା ଉଲଝା ଜିଆ' ଚଳଚ୍ଚିତ୍ରରେ ଧର୍ମେନ୍ଦ୍ରଙ୍କୁ ଦେଖିବାକୁ ମିଳିଥିଲା । ଏଥିରେ ସାହିଦ କପୁର ଓ କ୍ରିତି ସାନନ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଏହି ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର ସାହିଦ କପୁରଙ୍କ ଜେଜେ ଭୂମିକାରେ ଅଭିନୟ କରିଥିଲେ । ୧୯୬୦ରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିବା ଧର୍ମେନ୍ଦ୍ର ପ୍ରସିଦ୍ଧ ସିନେମା 'ଶୋଲେ'ରେ ତାଙ୍କର ବୀରୁ ଭୂମିକା ବେଶ୍ ଲୋକପ୍ରିୟତା ହାସଲ କରିଥିଲା । ଫୁଲ ଔର ପଥର, ଶୀତା ଔର ଗୀତା, ଚୁପ୍‌କେ ଚୁପ୍‌କେ, ଧରମ ବୀର ଓ ପ୍ରତିଜ୍ଞା ଭଳି ସିନେମାରେ ଜୀବନ୍ତ ଅଭିନୟ କରି ସେ ଦର୍ଶକଙ୍କ ପ୍ରଶଂସାଭାଜନ ହେବା ସହ ସୁପରଷ୍ଟାରର ଆଖ୍ୟା ପାଇଥିଲେ । ୧୯୯୭ରେ ତାଙ୍କୁ ଫିଲ୍ମ ଫେୟାର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ମିଳିଥିଲା । ୨୦୧୨ରେ ଭାରତ ସରକାର ତାଙ୍କୁ ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ କରିଥିଲେ ।

### ଚାଷୀ-ମିଲର୍ସ...

ନେତା ରାମଚନ୍ଦ୍ର କାଡାମ ମଧ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଧାନ କିଣାରେ କଟନୀଛଟନୀ ହେବ ନାହିଁ ବୋଲି ବିଜେପି ନେତାମାନେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସରକାରକୁ ଆସିବା ପରେ ସେମାନେ ନିଜ ପ୍ରତିଶ୍ରୁତି ଭୁଲିଗଲେ । ଗତବର୍ଷ ଉଭୟ ରବି ଓ ଖରିଫ ଋତୁରେ ସବୁଠି କଟନୀଛଟନୀ ହେଲା । ସରକାର ଯାହା କହୁଛନ୍ତି, ତାହା କାର୍ଯ୍ୟକାରୀ କରୁନାହାନ୍ତି । ମିଛ କହି ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ଶ୍ରୀ କାଡ଼ାମ୍ ଅଭିଯୋଗ କରିଛନ୍ତି ।

### ମିଲ୍ ଖୁନ୍ଦାଖୁନ୍ଦି...

ଦେଇ ନାହାନ୍ତି । ଫଳରେ ଧାନକୁ ଗଚ୍ଛିତ ରଖିବା ମିଲର୍ସଙ୍କ ପାଇଁ ବେଡ଼ି ଉପରେ କରୋଡ଼ା ମାଡ଼ ସଦୃଶ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି ।

ଅନୁରୂପ ଭାବେ ରବି ଋତୁ ଧାନକିଣା ପୂର୍ବରୁ କଷ୍ଟମ୍ ମିଲିଂ ଦର ବଢ଼ାଇବାକୁ ସରକାର ଘୋଷଣା କରିଥିଲେ । ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ସମେତ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଯୋଗାଣ ବିଭାଗ ସଚିବ ମିଲର୍ସଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ରବି ଯାଇ ପୁଣିଥରେ ଖରିଫ ଧାନକିଣା ଆରମ୍ଭ ହେବାକୁ ଥିବାବେଳେ ସରକାର କଷ୍ଟମ୍ ମିଲିଂ ଦର ବଢ଼ାଇ ନାହାନ୍ତି । ବାରମ୍ବାର ପ୍ରତିଶ୍ରୁତି ଦେଇ ସରକାର ପ୍ରତାରଣା କରୁଥିବା ଅଭିଯୋଗ କରିବା ସହ ଧାନକିଣା ପୂର୍ବରୁ କଷ୍ଟମ୍ ମିଲିଂ ଦର ନ ବଢ଼ାଇଲେ ମିଲର୍ସମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନ୍ ଚେତାବନୀ ଦେଇଛି । ଅପରପକ୍ଷରେ ଚାଷୀନେତାମାନେ ମିଲରମାନଙ୍କ ଏହି ଧମକକୁ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଅଭିହିତ କରିଛନ୍ତି । ମିଲରମାନେ ଏପରି ଧମକ ଦେବା ପରେ କଟ୍‌ନୀଛଟ୍‌ନୀ ସମୟରେ ସରକାର ବେଶି ଚାପ ପ୍ରୟୋଗ କରିପାରିବେ ନାହିଁ । ସେଥିପାଇଁ ମିଲରମାନେ ନାନାଦି ପେଞ୍ଚ ବାହାର କରୁଛନ୍ତି ଓ ସରକାର ମଧ୍ୟ କମ୍ ଧାନ କିଣିବାକୁ ଚାହୁଁଥିବାରୁ ମିଲରମାନଙ୍କ ଏପରି ନାଟକକୁ ପରୋକ୍ଷରେ ସମର୍ଥନ କରୁଛନ୍ତି ବୋଲି ଚାଷୀନେତାମାନେ ଅଭିଯୋଗ କରିଛନ୍ତି ।

### ସିଜେଆଇ ଜଷ୍ଟିସ୍...

ନେପାଳ, ଶ୍ରୀଲଙ୍କା, ମରିସସର ପ୍ରଧାନ ବିଚାରପତି ଏବଂ ତାଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ । ପ୍ରଥମ ଥର ପାଇଁ ସିଜେଆଇଙ୍କ ଶପଥ ଗ୍ରହଣକୁ ଏତେ ବଡ଼ ଅନ୍ତର୍ଜାତୀୟ ପ୍ରତିନିଧିମଣ୍ଡଳ ଉପସ୍ଥିତ ରହିଥିଲେ । ଏହି ଅବସରରେ ଆଜି କାର୍ଯ୍ୟକାଳ ଶେଷ ହୋଇଥିବା ପୂର୍ବତନ ସିଜେଆଇ ନୂଆ ଉଦାହରଣ ସୃଷ୍ଟି କରିଥିଲେ । ଶପଥ ଗ୍ରହଣ ସମାରୋହ ପରେ ସେ ନିଜ ସରକାରୀ ଗାଡ଼ିକୁ ଉତ୍ତରାଧିକାରୀ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପାଇଁ ରାଷ୍ଟ୍ରପତି ଭବନରେ ଛାଡ଼ି ଚାଲି ଯାଇଥିଲେ । ନୂଆ ସିଜେଆଇ ୧୪ ମାସ ପାଇଁ ଦାୟିତ୍ୱରେ ରହିବେ । ୨୦୨୭ ଫେବୃଆରୀ ୯ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ । ସେ ଏବେ ବିଚାରପତି ନିଯୁକ୍ତି ନେଇ ନିଷ୍ପତ୍ତି ନେବେ ଏବଂ ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ମଧ୍ୟ ହେବେ । ୫ ସଦସ୍ୟ ବିଶିଷ୍ଟ କଲେଜିୟମ ସୁପ୍ରିମକୋର୍ଟ ବିଚାରପତିଙ୍କୁ ନିଯୁକ୍ତି କରିଥାନ୍ତି । ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି ଏବଂ ବଦଳି ଦାୟିତ୍ୱ ମଧ୍ୟ ନେଇଥାନ୍ତି । ଏବେ ଏହି କଲେଜିୟମରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ବିଭି ନାଗରତ୍ନା, ଜଷ୍ଟିସ ଜେକେ ମାହେଶ୍ୱରୀ, ଜଷ୍ଟିସ ଏମଏମ ସୁନ୍ଦରେଶ ସାମିଲ ହେବେ ।

### ଆଗକୁ ବଢ଼ିପାରୁନି...

ବର୍ତ୍ତମାନ ଦୁଇଟି ପାଣିପାଗ ମଡେଲ୍ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । ବଡ଼ କଥା ହେଉଛି, ମଲାକା ନିକଟରେ ଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ମୁହାଁ ହେବ ବୋଲି ଆକଳନ କରାଯାଉଥିଲା । ତାହା ହୁଏତ ବଙ୍ଗୋପସାଗର ନ ଆସି ମାଲେସିଆ ଆଡ଼କୁ ଅଗ୍ରସର ହେବା ନେଇ ବିଭିନ୍ନ ମଡେଲ୍ ଆକଳନ କରୁଛନ୍ତି । ସେହିପରି ଶ୍ରୀଲଙ୍କା ଉପରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଯଦି ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତ ବା ବାତ୍ୟାରେ ପରିଣତ ହୁଏ, ତେବେ ଏହାକୁ ନେଇ ଦୁଇଟି ଦୃଶ୍ୟପଟ୍ଟ ରହିଛି । ଗୋଟିଏରେ ପୂର୍ବ ବାତ୍ୟା ଭଳି ଏହା ସମୁଦ୍ର ମଧ୍ୟରେ ମାଲେସିଆ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଅନ୍ୟ ଦୃଶ୍ୟପଟ୍ଟରେ ଏହା ତାମିଲ୍‌ନାଡୁ, ଆନ୍ଧ୍ର ହୋଇ ଦକ୍ଷିଣ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ଆସିପାରେ । ପରେ ଏହା ପୁଣି ଆନ୍ଧ୍ର ଆଡ଼କୁ ମୁହାଁଇପାରେ । ହେଲେ ଏମିତି ଘଟିବାର ସମ୍ଭାବନା ବହୁ କମ୍ ରହିଛି । ବାତ୍ୟାଟି ଉପକୂଳ ନିକଟବର୍ତ୍ତୀ ହୋଇ ରହିବା ଦ୍ୱାରା ଏହା ଦ୍ରୁତ ଗତିରେ ଦୁର୍ବଳ ହେବା ସହ ବିଶେଷ ଆଗକୁ ବଢ଼ି ନ ପାରେ । ଏ ଦୃଷ୍ଟିରୁ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବର୍ଷା ଓ ବାତ୍ୟା ସ୍ଥିତିକୁ ନେଇ ଏବେ ବି ଚିତ୍ର ଅସ୍ପଷ୍ଟ ରହିଛି ।

ଅନ୍ୟପଟେ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ଏହାପରେ ତାପମାତ୍ରାରେ ପୁଣି ହ୍ରାସ ଘଟିବ । ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ କମିବା ସହ ପୁଣି ଶୀତ ବଢ଼ିବାର ସମ୍ଭାବନା ରହିଛି ।

### ରାଜ୍ୟ କ୍ୟାବିନେଟରେ...

କରାଯାଇଛି । ବର୍ତ୍ତମାନ ଉପରୋକ୍ତ ନିୟମାବଳୀ, ୨୦୨୨ର ନିୟମ-୩ରେ ଧାର୍ଯ୍ୟ ବ୍ୟବସ୍ଥା ଅନୁଯାୟୀ, ଅନୁଚ୍ଛେଦ-୧ରେ ଗୋଟିଏ ନୂଆ ପଦବୀ ସୃଷ୍ଟି ସହ ସ୍ୱରାଷ୍ଟ୍ର ବିଭାଗର ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର ଅଧିନରେ ଥିବା କନିଷ୍ଠ ଅପରାଧ ବିଧି ସହାୟକ ପଦବୀକୁ ଅନ୍ତର୍ଭୁକ୍ତ କରାଯିବ । ଯାହାଫଳରେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୧୨ଟି ଭିନ୍ନ ପଦବୀକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ । ସେହିପରି ରାଜ୍ୟ ସରକାରଙ୍କ ଅଧିନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ପାଇଁ ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ସଂଶୋଧନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି । ପୂର୍ବ ନିୟମାବଳୀରେ ମୋଟ ୨୯ଟି ପଦବୀ ଥିବାବେଳେ ସଂଶୋଧନ ପରେ ନିଯୁକ୍ତି ପାଇଁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ଅନୁଚ୍ଛେଦ-୧ରେ ୧୪ଟି ପଦବୀ ଅନ୍ତର୍ଭୁକ୍ତ କରାଯିବ । ସେହିପରି ପୂର୍ବରୁ ଅନ୍ତର୍ଭୁକ୍ତ ହୋଇଥିବା ୪ଟି ପଦବୀକୁ ବାଦ୍ ଦିଆଯିବ । ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସମସ୍ତ ୩୯ଟି ସ୍ୱତନ୍ତ୍ର ପଦବୀ ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ । ତୃତୀୟ ପ୍ରସ୍ତାବ ସ୍ୱରୂପ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ପାଇଁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୦ର ସଂଶୋଧନକୁ ମଞ୍ଜୁରୀ ଦେଇଛି କ୍ୟାବିନେଟ । ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୨୪ଟି ପଦବୀକୁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ ।

ଫାର୍ମା ନିବେଶ ଉପରେ ସରକାରଙ୍କ ଗୁରୁତ୍ୱ

# ନିବେଶକଙ୍କୁ ମିଳିବ ୪୦% ପର୍ଯ୍ୟନ୍ତ ରିଆତି

■ ଅନ୍ୟାନ୍ୟ ସୁବିଧା ଯୋଗାଇବେ ସରକାର
■ ଫାର୍ମା ସମ୍ମିଳନୀରେ ପ୍ରଦର୍ଶନ ହେବ ସ୍ୱତନ୍ତ୍ର ନୀତି

ଭୁବନେଶ୍ୱର,୨୪।୧୧(ସମିସ): ରାଜ୍ୟରେ ପୁଞ୍ଜିନିବେଶକୁ ବଳ ଦେବା ପାଇଁ ଏକ ଦଶନ୍ଧି ଧରି ରାଜ୍ୟ ସରକାର ଉଦ୍ୟମ କରି ଆସୁଛନ୍ତି । ପୂର୍ବରୁ ବିଜେଡି ସରକାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଆୟୋଜନ କରୁଥିବାବେଳେ ବର୍ତ୍ତମାନ ରାଜ୍ୟ ସରକାର ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରୁଛନ୍ତି । ଫାର୍ମା କ୍ଷେତ୍ରରେ ନିବେଶ ସାମାନ୍ୟ ପଛରେ ପଡ଼ିଥିବା ବେଳେ ଏ ଦିଗକୁ ସରକାର ଅଧିକ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ଏକ ନୂଆ ଫାର୍ମା ନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ ଏହି ନୀତିରେ ନିବେଶକମାନଙ୍କୁ ଆକର୍ଷିତ କରିବା ପାଇଁ ପ୍ରତ୍ୟେକ ପୁଞ୍ଜି ନିବେଶରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ରିଆତି ବ୍ୟବସ୍ଥା ରଖାଯିବାକୁ ନିଷ୍ପତ୍ତି ହୋଇଛି । ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଏନେଇ ସମ୍ୟକ ସୂଚନା ପ୍ରଦାନ କରିଛନ୍ତି । ଓଡ଼ିଶା ସରକାର ରାଜ୍ୟରେ ଫାର୍ମା କ୍ଷେତ୍ରରେ ନିବେଶ ବଢ଼ାଇବାକୁ ଉଦ୍ୟମ କରୁଛନ୍ତି । ଏଥିପାଇଁ ସରକାର ଏକ ନୂଆ ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ ଯନ୍ତ୍ରାଂଶ ନୀତି ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ୩୦ରୁ ୪୦ ପ୍ରତିଶତ ରିଆତି ସହ ନିବେଶ ଆକାର ଉପରେ କୌଣସି ସୀମା ରଖାଯାଇ ନାହିଁ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଫାର୍ମା ସମ୍ମିଳନୀ ୨୦୨୫ରେ ଏହି ନୂଆ ନୀତି ଆଗତ ହେବା ସହ କାର୍ଯ୍ୟକାରୀ କରାଯିବ । ଏହି ସମ୍ମିଳନୀରେ ଦେଶର ପ୍ରତିଷ୍ଠିତ ଫାର୍ମା କମ୍ପାନୀର ପ୍ରତିନିଧି, ନିବେଶକ ଯୋଗଦେବେ ବୋଲି ଜଣାପଡ଼ିଛି ।

ନୂଆ ନୀତିରେ ପ୍ରକଳ୍ପ ସ୍ଥାପନ ସ୍ଥାନରେ ଜମିର କିସମ ପରିବର୍ତ୍ତନ ପାଇଁ ଦେବାକୁ ପଡୁଥିବା ଅର୍ଥ ନିବେଶକଙ୍କୁ ଦେବାକୁ ପଡ଼ିବ ନାହିଁ । ସେହିପରି ଶିଳ୍ପ ପ୍ରକଳ୍ପକୁ ବିଜୁଳି ଦରରେ ରିଆତି ପ୍ରଦାନ ସହ ରାଜ୍ୟ ଜିଏସଟିରେ ମଧ୍ୟ ରିଆତି ପ୍ରଦାନ କରାଯିବ । ସେହିପରି ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଜଳଠାରୁ ଆରମ୍ଭ କରି ଟ୍ରିଟମେଣ୍ଟ ପ୍ଲାଣ୍ଟ, ପରୀକ୍ଷାଗାର, ଶ୍ରମିକଙ୍କ ପାଇଁ ହଷ୍ଟେଲ ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ । ବଡ଼ ଫାର୍ମା କମ୍ପାନୀ ତୁଳନାରେ ଧରଣର ଫାର୍ମା କମ୍ପାନୀ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ନିବେଶ କରିବେ, ସେନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ଭୁବନେଶ୍ୱରରୁ କଟକ ଜାତୀୟରାଜପଥ ୧୬ ପାର୍ଶ୍ୱର ୧୦୦୦ କୋଟି ଟଙ୍କା ମୂଲ୍ୟରେ ଏକ ଫାର୍ମା କ୍ଲଷ୍ଟର ବିକଶିତ କରାଯାଇଛି । ସେହିପରି ଫାର୍ମା ଶିଳ୍ପକୁ ବଳ ଦେବା ପାଇଁ ଆହୁରି ୨୫୦ ଏକର ଜାଗା ମଧ୍ୟ ଚିହ୍ନଟ କରାଯାଇଛି । ଯଦି ରାଜ୍ୟ ସରକାରଙ୍କ ଉଦ୍ୟମ ସଫଳ ହୁଏ, ତାହେଲେ ରାଜ୍ୟରେ ଏହା ଫାର୍ମା ନିବେଶ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

## କାର୍ଯ୍ୟରେ ଯୋଗଦେଲେ ପିସିସି ସହପ୍ରଭାରୀ କୁସୁମ କୁମାର

ଭୁବନେଶ୍ୱର, ୨୪।୧୧ (ସମିସ): ଦିନେ ଓଡ଼ିଶା କଂଗ୍ରେସର ଗଡ଼ ଥିଲା । ଏବେ ୨୫ ବର୍ଷ ହେବ ରାଜ୍ୟରେ କଂଗ୍ରେସ ସରକାର ନାହିଁ । କିନ୍ତୁ ୨୦୨୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ କେଉଁଭଳି ଭଲ ପ୍ରଦର୍ଶନ କରି ସରକାରକୁ ଆସିବ, ସେ ଦିଗରେ

'ଦଳକୁ ଦୁର୍ବଳ ନୁହେଁ; ମଜଭୁତ କରିବାକୁ ନେତା ଗୋଷ୍ଠୀ କରନ୍ତୁ'

ଆମେ କାର୍ଯ୍ୟ ଆରମ୍ଭ କରିବୁ ବୋଲି କଂଗ୍ରେସର ନବନିଯୁକ୍ତ ସହପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର କହିଛନ୍ତି । ସେ କହିଛନ୍ତି, ସବୁ ନେତାଙ୍କୁ ଏକାଠି କରି ଓଡ଼ିଶା କଂଗ୍ରେସକୁ ଆଗକୁ ନେବାକୁ ଆମେ ଯୋଜନା କରିଛୁ । ମୁଁ ସଂପୂର୍ଣ୍ଣ ଓଡ଼ିଶା ବୁଲି କେଉଁଭଳି କଂଗ୍ରେସ ଦଳକୁ ମଜବୁତ୍ କରାଯିବ, କାର୍ଯ୍ୟ କରିବି । ଦୁର୍ବଳ କରିବାକୁ ନୁହେଁ; ଦଳକୁ ମଜଭୁତ୍ କରିବାକୁ କଂଗ୍ରେସ ନେତା ଓ କର୍ମୀ ଗୋଷ୍ଠୀ କରନ୍ତୁ ବୋଲି ସେ କହିଛନ୍ତି ।

## କଂଗ୍ରେସ ଖୋଜୁଛି ଦକ୍ଷ ଓ ନିପୁଣ ଯୁବ ମୁଖପାତ୍ର

ଭୁବନେଶ୍ୱର, ୨୪।୧୧ (ସମିସ): ଦେଶରେ ଯୁବବର୍ଗଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ପିସିସି ଗଣମାଧ୍ୟମ, ଯୋଗାଯୋଗ ଓ ପ୍ରଚାର ବିଭାଗ ପକ୍ଷରୁ କଂଗ୍ରେସ ଭବନରେ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି । ଏହାକୁ ଉଦ୍‌ଘାଟନ କରି ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସହପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର ଓଡ଼ିଶାରେ କାର୍ଯ୍ୟ ଆରମ୍ଭ କରିବା ସହ କହିଛନ୍ତି, କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପ୍ରଖର ମୁଖପାତ୍ର, ଦକ୍ଷ ଉପସ୍ଥାପକ, ନିପୁଣ ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସମୀକ୍ଷକ ପାଇଁ ଇଚ୍ଛୁକ ଥିବା ଯୁବବର୍ଗମାନେ ଆବେଦନ କରିପାରିବେ । ରାଜ୍ୟର ଯେଉଁ ଯୁବକ-ଯୁବତୀମାନେ କଂଗ୍ରେସ ଦଳର ପ୍ୟାନେଲିଷ୍ଟ କିମ୍ବା ମୁଖପାତ୍ର ହେବାକୁ ଚାହୁଁଛନ୍ତି, ସେମାନେ ବହୁ ସଂଖ୍ୟାରେ ଆବେଦନ କରି ଏଥିରେ ଭାଗ ନେବା ପାଇଁ ସେ ଆହ୍ୱାନ କରିଥିଲେ ।

## ଆଇସିୟୁରେ ଆଖିବୁଜିଲେ ବିଷ ପିଇଥିବା ଯୁବତୀ

ଏସ୍‌ସିବିରେ ଚିକିତ୍ସା ବେଳେ ୱାର୍ଡ ଆଟେଣ୍ଡାଣ୍ଟ କରିଥିଲେ ଅସଦାଚରଣ

କଟକ, ୨୪।୧୧(ସମିସ): ଏସ୍‌ସିବି ମେଡିକାଲ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଜଣଙ୍କ ରବିବାର ବିଳମ୍ବିତ ରାତିରେ ପ୍ରାଣ ହରାଇଛନ୍ତି । ଶରୀରରେ ଅତ୍ୟଧିକ ବିଷକ୍ରିୟା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ ସ୍ପଷ୍ଟ କରିଛି । ବିଷ ପିଇ ଯୁବତୀଜଣଙ୍କ ଆଇସିୟୁରେ ଚିକିତ୍ସିତ ହେଉଥିଲେ । କିଛି ଦିନ ପୂର୍ବେ ତାଙ୍କ ସହ ମେଡିକାଲର ଜଣେ ଠିକା କର୍ମଚାରୀ ଅସଦାଚରଣ କରିଥିଲେ । ଯୁବତୀଙ୍କ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମେଡିକାଲ ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ କହିଛନ୍ତି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଯୁବତୀ ବିଷ ପିଇ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିଲା । ଯାଜପୁରର ମାନସ ରଞ୍ଜନ ପତି ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରେ । ସେ ଗତ ରବିବାର ମଦ୍ୟପାନ କରି ଡ୍ୟୁଟି କରୁଥିଲା । ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ଅଭିଯୁକ୍ତ ମାନସ ଆଇସିୟୁ ଭିତରେ କୌଣସି କାର୍ଯ୍ୟ ନଥାଇ ବୁଲାବୁଲି କରୁଥିଲା । ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସାଲାଇନ୍ ସରିଯାଇଥିବାରୁ ସାଲାଇନ୍ ବୋତଲ କାଢ଼ି ଅଭିଯୁକ୍ତ ଜଣକ ତଳେ ରଖିଥିଲା । ଏହାପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା । ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ । ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା । ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା । ଏଭଳି ଲଜ୍ଜାଜନକ ତଥା ବର୍ବରୋଚିତ ଘଟଣା ପରେ ମଙ୍ଗଳାବାଗ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## 'ବିକାଶ ମଡେଲ ଜଳବାୟୁ ପରିବର୍ତ୍ତନ ସଙ୍କଟକୁ ଜଟିଳ କରୁଛି'

ଭୁବନେଶ୍ୱର, ୨୪।୧୧(ସମିସ): ସାମ୍ପ୍ରତିକ ସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଏକ ବିରାଟ ସମସ୍ୟା । ବିକଶିତ ଦେଶ ଗଢ଼ିବା ପାଇଁ ପ୍ରସ୍ତୁତ ହେଉଥିବା ମଡେଲ, ଏହି ସଙ୍କଟକୁ ଅଧିକ ଜଟିଳ କରୁଛି । ଏହାସହ ପରିବେଶଗତ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଓ ପରିବେଶ କେନ୍ଦ୍ର(ସିଏସ୍‌ଇ)ର ମହାନିର୍ଦ୍ଦେଶକ ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦକ ପଦ୍ମଶ୍ରୀ ସୁନୀତା ନାରାୟଣ କହିଛନ୍ତି । ଦୈନିକ 'ଧରିତ୍ରୀ'ର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନୁଷ୍ଠିତ ୟୁଥ୍ କନ୍‌କ୍ଲେଭ୍‌ର "କ୍ଲାଇମେଟ୍ ଚେଞ୍ଜ: ଫାଇଣ୍ଡିଂ ସଲ୍ୟୁସନ'ରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି ।

ମୁଖ୍ୟ ଅତିଥି ଭାବେ ବନ୍ୟପ୍ରାଣୀ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଯୋଗଦେଇ ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସ୍ୱତନ୍ତ୍ର ଅତିଥି କୋଲକାତାରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିସନର୍ ଡ. ଆଣ୍ଡ୍ରୁ ଫ୍ଲେମିଂ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ । ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥାଗତ ସତପଥୀ ଆନ୍ତରିକତା ରହିଲେ ପରିବେଶ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବା ବୋଲି କହିଛନ୍ତି । ଝାଡ଼ଖଣ୍ଡର ପରିବେଶବିତ୍ ପଦ୍ମଶ୍ରୀ ଚାମୀ ମୁର୍ମୁଙ୍କୁ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା ।

ତ୍ରାହି ଅଚ୍ୟୁତ ଆଶ୍ରମ ମାମଲା

## ତ୍ରିଲୋଚନ ଓ ବିରଞ୍ଚିଙ୍କ ବିରୋଧରେ ଚାଲିବ ଇଡି ମାମଲା

ହସ୍ତକ୍ଷେପ ପାଇଁ ମନାକଲେ ହାଇକୋର୍ଟ

କଟକ,୨୪।୧୧(ସମିସ): ଝିଣ୍ଟି ଶାସନସ୍ଥିତ ତ୍ରାହି ଅଚ୍ୟୁତ ଆଶ୍ରମର ତ୍ରିଲୋଚନ ମିଶ୍ର ଓ ବିରଞ୍ଚି ନାରାୟଣ ମିଶ୍ରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ଆଗକୁ ବଢ଼ିବ । ଇଡି ମାମଲାରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଅଦାଲତ (ପିଏମ୍‌ଏଲ୍‌ଏ) ଦେଇଥିବା କଗନିଜାନ୍ସ ନିର୍ଦ୍ଦେଶ ଏବଂ ଡିସ୍‌ଚାର୍ଜ ଆବେଦନ ଖାରଜ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ଓଡ଼ିଶା ହାଇକୋର୍ଟ ମନା କରିଛନ୍ତି । ଫଳରେ ଏହି ମାମଲାରେ ଆବେଦନକାରୀମାନେ ଏବେ ଟ୍ରାଏଲ୍‌ର ସମ୍ମୁଖୀନ ହେବେ ବୋଲି ସ୍ପଷ୍ଟ ହୋଇଛି । ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସଂକ୍ରାନ୍ତୀୟ ତିନୋଟି ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ତ୍ରିଲୋଚନ ମିଶ୍ର, ବିରଞ୍ଚିନାରାୟଣ ମିଶ୍ର ଏବଂ ଶ୍ରୀଶ୍ରୀଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦ ଟ୍ରଷ୍ଟ ପକ୍ଷରୁ ଦାୟର କରାଯାଇଥିବା ଆବେଦନକୁ ଖାରଜ କରି ହାଇକୋର୍ଟ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଅଦାଲତ (ପିଏମ୍‌ଏଲ୍‌ଏ) ଦ୍ୱାରା ୨୦୧୮, ସେପ୍ଟେମ୍ବର ୨୫ରେ ପିଏମ୍‌ଏଲ୍‌ଏ ଆଇନର ଧାରା ୪ରେ ଗ୍ରହଣ କରାଯାଇଥିବା କଗନିଜାନ୍ସ ନିର୍ଦ୍ଦେଶକୁ କାଏମ୍ ରଖିଛନ୍ତି । ସେହିପରି, ଇଡି ମାମଲାରୁ ମୁକ୍ତି ପାଇଁ ତ୍ରିଲୋଚନ, ବିରଞ୍ଚି ନାରାୟଣ ଓ ଟ୍ରଷ୍ଟ ପକ୍ଷରୁ ଦାୟର ହୋଇଥିବା ଡିସ୍‌ଚାର୍ଜ ଆବେଦନକୁ ଖାରଜ କରି ସ୍ୱତନ୍ତ୍ର ଅଦାଲତ ୨୦୨୩, ଜାନୁଆରି ୨୦ରେ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେଥିରେ ମଧ୍ୟ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ।

ସୂଚନାନୁଯାୟୀ, ତ୍ରାହିଅଚ୍ୟୁତ ଆଶ୍ରମର ଏକ ଶାଖା ଜାତୀୟ ରାଜପଥ କଡ଼ ଛତ୍ରପୁର ଜୟଦୁର୍ଗା ନଗରଠାରେ ରହିଥିଲା । ଏହି ଜମି କିଣାବିକା ବେଳେ ଠକେଇର ଶିକାର ହୋଇଥିବା ଦର୍ଶାଇ ମୂଳ ଜମି ମାଲିକ ଛତ୍ରପୁର ଥାନାରେ ୨୦୧୫ ସେପ୍ଟେମ୍ବର ୩ରେ ସୁରେନ୍ଦ୍ରନାଥ ମିଶ୍ର ଓରଫ୍ ସୁର ବାବା, ପୁଅ ତ୍ରିଲୋଚନ ମିଶ୍ର ଏବଂ ଅନ୍ୟମାନଙ୍କ ବିରୋଧରେ ଏତଲା ଦେଇଥିଲେ । ପରେ ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା । ବେଆଇନ ଅର୍ଥ କାରବାର ଅଭିଯୋଗ ଆସିବା ପରେ ୨୦୧୮ ରେ ଇଡି ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ବେଆଇନ୍ ଅର୍ଥକାରବାର (ପିଏମଏଲଏ) ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ ସମ୍ପତ୍ତି ଜବତ ଲାଗି ସ୍ୱତନ୍ତ୍ର ଅଦାଲତରେ ମାମଲା ରୁଜୁ କରାଯାଇଥିଲା । ଇଡି ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ । ହାଇକୋର୍ଟଙ୍କ ରାୟ ପରେ ଏହି ମାମଲାର ଶୁଣାଣି ପିଏମ୍‌ଏଲ୍‌ଏ ସ୍ୱତନ୍ତ୍ର ଅଦାଲତରେ ଚାଲିବ ।

ମୁଖ୍ୟମନ୍ତ୍ରୀଙ୍କ ୧୫ତମ ପାଳି ଅଭିଯୋଗ ଶୁଣାଣି

## ମୁଖ୍ୟମନ୍ତ୍ରୀଙ୍କ ସହ ୮ ମନ୍ତ୍ରୀ ଶୁଣିଲେ ଅଭିଯୋଗ



ଭୁବନେଶ୍ୱର, ୨୪।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୫ତମ ପାଳିରେ ଲୋକଙ୍କର ବିଭିନ୍ନ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଭୁବନେଶ୍ୱର ୟୁନିଟ୍-୨ରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୪ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨,୯୫୦ଟି ଅଭିଯୋଗ ମଧ୍ୟରୁ ୧୨,୩୭୧ଟି ଅର୍ଥାତ୍ ୯୬% ଅଭିଯୋଗର ସମାଧାନ କରାଯାଇଛି । ବାକି ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି ।

ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ ।

ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର । ଜିଲ୍ଲାସ୍ତରରେ ଆସୁଥିବା ଅଭିଯୋଗଗୁଡ଼ିକୁ ସେଠାରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ଗତ ଜିଲ୍ଲାପାଳ ଓ ଏସପି ସମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ଅଧିକାଂଶ ସମସ୍ୟାଗୁଡ଼ିକ ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ । ଲୋକମାନଙ୍କୁ ସେମାନଙ୍କର ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ । ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ଡ. ମୁକେଶ ମହାଲିଙ୍ଗ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଭୂତି ଭୂଷଣ ଜେନା, ପ୍ରଦୀପ ବଳସାମନ୍ତ, ଗଣେଶରାମ ସିଂହଖୁଣ୍ଟିଆ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ବାଘମାରୀ ଗଣଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

## ଡାକ୍ତରଖାନାରେ ପୀଡ଼ିତା, ନେତା ନାଚଗୀତରେ ବ୍ୟସ୍ତ




ଭୁବନେଶ୍ୱର,୨୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ବାଘମାରୀରେ ଘଟିଥିବା ଗଣଦୁଷ୍କର୍ମ ପୀଡ଼ିତାଙ୍କ ଅବସ୍ଥା ସଂକଟାପନ୍ନ । ଅତ୍ୟନ୍ତ ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ପ୍ରତିନିଧି ପୀଡ଼ିତାଙ୍କ ଖବର ବୁଝିବାକୁ ଯାଇ ନାହାନ୍ତି କିମ୍ବା କୌଣସି ସରକାରୀ ସହାୟତା ପହଞ୍ଚିନାହିଁ । ମାତ୍ର ଖୋର୍ଦ୍ଧା ଜିଲ୍ଲାର ଶାସକ ଦଳ ବିଧାୟକ ଓ ନେତାମାନେ ଦିଲ୍ଲୀରେ ଏକ ବାହାଘରରେ ନାଚଗୀତର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବାରେ ଲାଗିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ।

ସେ କହିଛନ୍ତି ଯେ ଏହି ଗଣଦୁଷ୍କର୍ମ ଘଟଣା ସମସ୍ତଙ୍କ ମନରେ ଆଘାତ ଦେଇ ଥିବାବେଳେ ପୁଣି ଏକ ଦୁଷ୍କର୍ମର ଏତଲା ସାମ୍ନାକୁ ଆସିଛି । ରାଜ ସୁନାଖଳାର ଏକ କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀର ମୃତଦେହ ଉଦ୍ଧାର ହୋଇଛି । ଆମେ କାହାରି ବ୍ୟକ୍ତିଗତ କାର୍ଯ୍ୟ କିମ୍ବା ଜୀବନରେ ହସ୍ତକ୍ଷେପ କରୁ ନାହୁଁ । ମାତ୍ର ଯଦି ଗୋଟିଏ ଝିଅର ବାହାଘର ପାଇଁ ନାଚ ଗୀତରେ ଖୁସି ମନାଯାଉଛି, ତେବେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଦୁଷ୍କର୍ମ ପୀଡିତା ଝିଅ ପାଖକୁ ଯାଇ ଦୁଃଖ ଜଣାଇ ସହାୟତାର ହାତ ବଢ଼ାଇବାରେ କେଉଁଠି ସମସ୍ୟା ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି । ତେଣୁ ପୀଡିତା ତଥା ପରିବାର ବର୍ଗଙ୍କୁ ତୁରନ୍ତ ଆର୍ଥିକ ସହାୟତା ସରକାର ଯୋଗାଇ ଦୋଷୀଙ୍କୁ ଗିରଫ କରି ଦଣ୍ଡ ବିଧାନ ପାଇଁ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସନେତା ତଥା ବୋଲଗଡ ବେଗୁନିଆ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମଧ୍ୟ ବାଘମାରୀ ଗ୍ରାମରେ ଘଟିଥିବା ଗଣଦୁଷ୍କର୍ମ ଘଟଣାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି । ଏଭଳି ପରିସ୍ଥିତିରେ ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ସହାୟତା ପୀଡ଼ିତାଙ୍କୁ ନ ମିଳିବା ଆମକୁ ବ୍ୟଥିତ କରୁଛି ବୋଲି ସେ କହିଛନ୍ତି । ସେହିପରି ଦଳର ମୁଖପାତ୍ର ସୋନାଲି ସାହୁ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ସରକାରଙ୍କଠାରୁ ନାରୀ ଆଉ ନ୍ୟାୟ ପାଇବେ ବୋଲି ଆଶା କରିବା ବୃଥା । ଯେଉଁ ନିରାପତ୍ତା ରକ୍ଷୀ ଏହି ଦୁଷ୍କର୍ମରେ ଜଡ଼ିତ, ସେହି ସଂସ୍ଥାର ଠିକାଦାର କିଏ ଓ କ୍ଷମତାସୀନ ଦଳ ସହ ଏହି ନେତାଙ୍କ କ'ଣ ସମ୍ପର୍କ ତାହାର ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି ।

## ଓଟିଇଟି ଫର୍ମ ଦାଖଲ ଅବଧି ବୃଦ୍ଧି

କଟକ, ୨୪।୧୧ (ସମିସ): ଓଡ଼ିଶାର ଶିକ୍ଷକ ଆଶାୟୀମାନଙ୍କ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଆଜି ଏକ ବଡ଼ ଘୋଷଣା କରିଛି । ପ୍ରାର୍ଥୀଙ୍କ ଅନୁରୋଧ କ୍ରମେ ପରିଷଦ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୫ ପାଇଁ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲର ଶେଷ ତାରିଖକୁ ଦୁଇ ଦିନ ବୃଦ୍ଧି କରିଛି । ପୂର୍ବରୁ ଆବେଦନର ଶେଷ ସମୟ ସୀମା ନଭେମ୍ବର ୨୫ତାରିଖ ଥିବା ବେଳେ ଏହାକୁ ନଭେମ୍ବର ୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ତେବେ ଏହା ପରେ ଆଉ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପରିଷଦ ପୂର୍ବରୁ ଘୋଷଣା କରିଥିବା ଅନୁଯାୟୀ, ଓଟିଇଟି-୨୦୨୫ ପରୀକ୍ଷା ଡିସେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ । ପ୍ରାର୍ଥୀମାନେ ଅଫିସିଆଲ୍ ୱେବସାଇଟ୍ www.bseodisha.ac.in ମାଧ୍ୟମରେ ସେମାନଙ୍କର ଆବେଦନ ଦାଖଲ କରିପାରିବେ । ଏହି ପରୀକ୍ଷା ଦୁଇଟି ଅଧିବେଶନରେ ହେବ । ପ୍ରଥମ ପେପର୍ ସକାଳ ୯ଟାରୁ ୧୧ଟା ୩୦ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପେପର୍ ଅପରାହ୍ଣ ୨ଟାରୁ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଯୋଗ୍ୟତା ମାନଦଣ୍ଡ, ସିଲାବସ୍ ଏବଂ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ବିସ୍ତୃତ ସୂଚନା ବିଏସ୍‌ଇ ଓଡ଼ିଶା ୱେବସାଇଟ୍‌ରେ ଉପଲବ୍ଧ ରହିଛି ।

# ୨.୫ ଲକ୍ଷ ଛଟେଇ ପରେ ଟ୍ରମ୍ପଙ୍କ 'ଡୋଜ୍' ବିଭାଗ ବନ୍ଦ



ୱାଶିଂଟନ, ୨୪।୧୧ (ଏଜେନ୍ସି): ଶିଳ୍ପପତି ଏଲନ ମସ୍କଙ୍କ ନେତୃତ୍ୱରେ ଗଠିତ ଆମେରିକାର ଡିପାର୍ଟମେଣ୍ଟ ଅଫ ଗମେଣ୍ଟ ଏଫିସିଏନ୍ସି (ଡୋଜ୍) ବିଭାଗକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବନ୍ଦ କରିଦେଇଛନ୍ତି। ଆମେରିକାର ଅଢେଇ ଲକ୍ଷ ଚାକିରି ଖାଇବା ପରେ ନିର୍ଦ୍ଧାରିତ ସମୟର ୮ ମାସ ପୂର୍ବରୁ ଏହି ବିଭାଗରେ ତାଲା ଲଗାଇ ଦିଆଯାଇଛି। ବହୁ ପୂର୍ବରୁ ଏହି ବିଭାଗର ମୁଖ୍ୟ ହୋଇଥିବା ଶିଳ୍ପପତି ମସ୍କ ଇସ୍ତଫା ଦେଇ ସାରିଛନ୍ତି। ବନ୍ଧୁ ଟ୍ରମ୍ପଙ୍କ ସହ ଝଗଡ଼ା ହେବା ପରେ ସେ ଏହି ନିଷ୍ପତ୍ତି ନେଇଥିଲେ। ଏପରିକି ସରକାରଙ୍କଠାରୁ ଦୂରେଇ ଯାଇ ନିଜର ଏକ ଦଳ ମଧ୍ୟ ଗଢ଼ିଥିଲେ। ମାତ୍ର କିଛି ଦିନ ତଳେ ସେ ପୁଣି ଟ୍ରମ୍ପଙ୍କ ଗୋଷ୍ଠୀକୁ ଫେରି ରାଜନୈତିକ ଦଳକୁ ବନ୍ଦ କରିଦେଇଥିଲେ।

ଗତ ଜାନୁଆରୀ ୨୦ରେ ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ପରେ ଡୋଜ୍ ବିଭାଗର ଗଠନ ହୋଇଥିଲା। ଏହା ୨୦୨୬ ଜୁଲାଇ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିଥାନ୍ତା। ରିପୋର୍ଟ ଅନୁଯାୟୀ ଏହି ବିଭାଗ ଅଢ଼େଇ ଲକ୍ଷରୁ ଅଧିକ ,ସରକାରୀ କର୍ମଚାରୀଙ୍କୁ ସିଧାସଳଖ ଚାକିରିରୁ ହଟାଯାଇଛି କିମ୍ବା ଭିଆରଏସ ଦେଇ ବାହାର କରିଦିଆଯାଇଛି। ପ୍ରଥମେ ଏହି ବିଭାଗ ଖୁବ ସକ୍ରିୟ ଥିଲା। କିନ୍ତୁ ଏବେ ଏହାର ପ୍ରମୁଖ ଅଧିକାରୀଙ୍କୁ ଅଲଗା ଅଲଗା ସରକାରୀ ଅଫିସରେ କାମ କରୁଛନ୍ତି। ସରକାରଙ୍କ ଅର୍ଥ ସଞ୍ଚୟ ଏବଂ କାର୍ଯ୍ୟଶୈଳୀ ଦ୍ରୁତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହି ବିଭାଗ ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ୨୦୨୫'ର ଅଂଶବିଶେଷ ଥିଲା। ପ୍ରାରମ୍ଭରେ ଏଲନ ମସ୍କ ଏବଂ ଭାରତୀୟ ବ୍ୟବସାୟୀ ବିବେକ ରାମାସ୍ୱାମୀ ଏହାର ମୁଖ୍ୟ ହୋଇଥିଲେ। କିନ୍ତୁ ବିଭାଗ ଆରମ୍ଭ ହେବା ପୂର୍ବରୁ ରାମାସ୍ୱାମୀ ଅଲଗା ହୋଇ ଯାଇଥିଲେ। ସେ ହଟିବା ପଛରେ ମସ୍କଙ୍କ ବଡ଼ ଭୂମିକା ଥିଲା। ଏହି ବିଭାଗ ସରକାରଙ୍କ ୨ ଟ୍ରିଲିୟନ ଡଲାର (୧୭୦ ଲକ୍ଷ କୋଟି ଟଙ୍କା) ସଞ୍ଚୟ କରିବ ବୋଲି କହିଥିଲେ। ତେବେ ଡୋଜ୍ ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ବିଭାଗ ୨୧୪ ବିଲିୟନ ଡଲାର ସଞ୍ଚୟ କରିଥିଲା। କିନ୍ତୁ ଏକ ସଂସ୍ଥାର ଯାଞ୍ଚରୁ ଅର୍ଥକୁ ବଢ଼େଇ ଚଢ଼େଇ ଦର୍ଶାଯାଇଥିବା ଜଣା ପଡ଼ିଥିଲା। ଏହି ବିଭାଗ ସରକାରୀ ଖର୍ଚ୍ଚରେ ନିୟନ୍ତ୍ରଣ ଲଗାଇବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଥମେ ଭଲ ଦ୍ରୁତ ଗତିରେ ପଦକ୍ଷେପ ମଧ୍ୟ ନିଆଯାଇଥିଲା। କିନ୍ତୁ ଗତ ମେ'ରେ ମସ୍କ ନିଜେ ଏହି ବିଭାଗ ଛାଡ଼ି ଦେଇଥିଲେ। ତେବେ ନ୍ୟାସନାଲ ନ୍ୟୁକ୍ଲିୟର ସିକ୍ୟୁରିଟି ଆଡମିନିଷ୍ଟ୍ରେସନ (ଏନଏନଏସଏ)ରୁ ୩୫୦ ଲୋକଙ୍କୁ ହଟାଇବାକୁ ନେଇ ଡୋଜ୍‌କୁ ତୀବ୍ର ସମାଲୋଚନା କରାଯାଇଥିଲା। ଏହି ନିଷ୍ପତ୍ତି ଏତେ ବିବାଦୀୟ ଥିଲା ଯେ ଶକ୍ତି ବିଭାଗ ପଛଘୁଞ୍ଚା ଦେଇଥିଲା। ଏବଂ ୩୨୨ କର୍ମଚାରୀଙ୍କୁ ପୁଣି ଡକାଇ ଥିଲା। ଡୋଜ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ କୌଣସି ଅଭିଜ୍ଞତା ନ ଥିଲା। ସେମାନେ ଡାଟା ସିଷ୍ଟମରେ ମୁଣ୍ଡ ପୁରାଇ ଡିଇଆଇ ପ୍ରୋଗ୍ରାମ ବନ୍ଦ କରିଥିଲେ। କିଛି ଏଜେନ୍ସିକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ମଧ୍ୟ ପ୍ରୟାସ କରିଥିଲେ।

# ଆଜି ଅଯୋଧ୍ୟା ରାମ ମନ୍ଦିରରେ ଧ୍ୱଜାରୋହଣ କରିବେ ପ୍ରଧାନମନ୍ତ୍ରୀ

ଅଯୋଧ୍ୟା, ୨୪।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନଭେମ୍ବର ୨୫ରେ ରାମ ମନ୍ଦିରର ମୁଖ୍ୟ ଶିଖରରେ ଧ୍ୱଜାରୋହଣ କରିବେ। ଏହି ଐତିହାସିକ ସମାରୋହରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁ-ସନ୍ଥ, ଧର୍ମାଚାର୍ଯ୍ୟ ଓ ଶ୍ରଦ୍ଧାଳୁ ଯୋଗ ଦେବେ। ଏହି ସମାରୋହକୁ ସଫଳ କରିବା ପାଇଁ ସମ୍ପୂର୍ଣ୍ଣ ସହରକୁ ୧୦୦୦ କ୍ୱିଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଛି। ମୋଦୀ ୧୬୧ ଫୁଟ ଉଚ୍ଚ ଶିଖରରେ ପ୍ରଥମଥର ପାଇଁ ଧ୍ୱଜା ଉଡାଇବେ। ଏହି ମୂହୁର୍ତ୍ତକୁ ଏବେ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଏଥିପାଇଁ ରାମ ଜନ୍ମଭୂମିର ଆଖାପାଖ ଅଞ୍ଚଳରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରାଯାଇଛି। ଏଟିଏସ ଓ ଏନ୍‌ଏସ୍‌ଜି କମାଣ୍ଡୋ ମନ୍ଦିରକୁ ଘେରାଉ କରି ରଖିଛନ୍ତି।

# ଉତ୍ତରାଖଣ୍ଡରେ ଖାଇକୁ ବସ୍ ଖସି ୫ ମୃତ

ତେହରୀ, ୨୪।୧୧(ଏଜେନ୍ସି): ଉତ୍ତରାଖଣ୍ଡର ତେହେରୀ ଜିଲ୍ଲାରେ ଏକ ଯାତ୍ରୀବାହୀ ବସ୍ ୭୦ ମିଟର ଖାଇକୁ ଖସି ଦୁର୍ଘଟଣା ସମ୍ମୁଖୀନ ହୋଇଛି। ଏଥିରେ ୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୩ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ତେହରୀ ଏସ୍‌ପି ଆୟୂଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ସୋମବାର ଦ୍ୱିପହର ପାଖାପାଖି ସାଢ଼େ ୧୨ଟାରେ ଘଟିଥିବା ଏହି ଦୁର୍ଘଟଣା ଘଟିଥିଲା। ୭ଜଣ ଆହତ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ଏହି ବସ୍ ଋଷିକେଶର ଦୟାନନ୍ଦ ଆଶ୍ରମରୁ ୨୯ ଶ୍ରଦ୍ଧାଳୁଙ୍କୁ ନେଇ କୁଞ୍ଜାପୁରୀ ମନ୍ଦିର ନେଇ ଯାଇଥିଲା। କିନ୍ତୁ ବସ୍ ଫେରିବା ବେଳେ କୁଞ୍ଜାପୁରୀ-ହିଣ୍ଡୋଲାଖାଲ୍ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅଚାନକ ବ୍ରେକ୍ ଫେଲ୍ ହେବା କାରଣରୁ ଡ୍ରାଇଭର ବସ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ।

# ଆମେରିକା ଭିସା ନ ମିଳିବାରୁ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା

ହାଇଦରାବାଦ, ୨୪।୧୧ (ଏଜେନ୍ସି): ଆମେରିକା ଭିସା ନ ମିଳିବାରୁ ହାଇଦରାବାଦରେ ମହିଳା ଡାକ୍ତର ରୋହିଣୀ (୩୮) ଆତ୍ମହତ୍ୟା କରିଛନ୍ତି। ପୁଲିସ ସୁଇସାଇଡ ନୋଟ ଜବତ କରିଛି। ଏଥିରେ ଭିସା ନ ମିଳିବାରୁ ଅବସାଦର ଶିକାର ହୋଇ ଆତ୍ମହତ୍ୟା କରିଥିବା ଲେଖା ଯାଇଛି। ରୋହିଣୀ ନିଦ ବଟିକା କିମ୍ବା କୌଣସି ପ୍ରକାରର ଇଞ୍ଜେକ୍ସନ ନେଇ ଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ରୋହିଣୀ ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲ୍ଲାର ବାସିନ୍ଦା। ସେ ହାଇଦରାବାଦର ପଦାମ ନଗର ସ୍ଥିତ ଫ୍ଲାଟରେ ରହୁଥିଲେ। ସେ 'ଇଣ୍ଟରନାଲ ମେଡିସିନ' ପଢ଼ିବା ପାଇଁ ଆମେରିକା ଯିବାକୁ ଚାହୁଁଥିଲେ। ସେ କ୍ୟାରିୟର ପାଇଁ ବିବାହ ମଧ୍ୟ କରି ନ ଥିଲେ। ମାତ୍ର ବାରମ୍ବାର ଭିସା ଆବେଦନ ଖାରଜ କରାଯାଉଥିବାରୁ ସେ ଚିନ୍ତିତ ଥିଲେ।

# ବିନା ଭିସାରେ ଭାରତରେ ୨୭ ବର୍ଷ

ଇନ୍ଦୋର, ୨୪।୧୧(ଏଜେନ୍ସି): କେନିଆ ନାଗରିକ ରିଚାର୍ଡ ଏସ୍ ମାଇକା ଗତ ୨୭ ବର୍ଷ ହେବା ବିନା ଭିସାରେ ମଧ୍ୟପ୍ରଦେଶର ଇନ୍ଦୋରରେ ରହିଆସୁଥିଲେ। ଏକଥା କେହି ଜାଣିପାରି ନଥିଲେ। କିନ୍ତୁ ଇନ୍ଦୋର ପୁଲିସ ଏବେ ତାଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଛି। ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଇନ୍ଦୋର ପୁଲିସ ସହର ସାରା ଭଡାଟିଆଙ୍କ ବିବରଣୀ ସଂଗ୍ରହ କରୁଛି। ଫଳରେ ପୁଲିସ ମାଇକାଙ୍କ ସମ୍ପର୍କରେ ବିଶେଷ ତଥ୍ୟ ହାସଲ କରିଛି। ସେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ପୋଷ୍ଟ କରୁଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ୭ ବର୍ଷ ତଳେ ତାଙ୍କ ବିରୋଧରେ ପୁଲିସ ଏଫ୍‌ଆଇଆର ଦାଏର କରିଥିଲା। ସେତେବେଳେ ସବୁ ଜାଣି ବି କିଛି ପଦକ୍ଷେପ ନିଆଯାଇ ନ ଥିଲା।

# ଡାକ୍ତର ପତ୍ନୀ ମୃତ୍ୟୁ ମାମଲାରେ ମନ୍ତ୍ରୀଙ୍କ ପିଏ ଗିରଫ

ମୁମ୍ବଇ, ୨୪।୧୧ (ଏଜେନ୍ସି): ପତ୍ନୀ ତଥା ଡ. ଗୌରୀ ପାଲୱେ (୨୮)ଙ୍କ ଆତ୍ମହତ୍ୟାକୁ ନେଇ ମହାରାଷ୍ଟ୍ର ମନ୍ତ୍ରୀ ପଙ୍କଜା ମୁଣ୍ଡେଙ୍କ ପିଏ ଅନନ୍ତ ଗର୍ଜେଙ୍କୁ ସୋମବାର ଗିରଫ କରାଯାଇଛି। ସେ ଶନିବାର ୱର୍ଲି ସ୍ଥିତ ଫ୍ଲାଟରେ ଦଉଡ଼ି ଦେଇଥିଲେ। ଏହାକୁ ନେଇ ଅନନ୍ତ ଏବଂ ଦୁଇ ସମ୍ପର୍କୀୟଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲା ରୁଜୁ କରାଯାଇଛି। ଗୌରୀ କେଇଏମ ହସ୍ପିଟାଲରେ ଦନ୍ତ ଚିକିତ୍ସକ ଥିଲେ। ୨୦୨୪ରେ ଉଭୟେ ବିବାହ କରିଥିଲେ। ଅନ୍ୟ ମହିଳାଙ୍କ ସହ ସମ୍ବନ୍ଧ ଥିବା ନେଇ ସନ୍ଦେହ କରିବାରୁ ଅନନ୍ତ ନିଜ ପତ୍ନୀଙ୍କୁ ନିର୍ଯାତନା ଦେଉଥିଲେ।

**ବଢ଼ି ଚାଲିଛି କର୍ଣ୍ଣାଟକ କଂଗ୍ରେସ କଳି**

# ବଦଳିପାରନ୍ତି ମୁଖ୍ୟମନ୍ତ୍ରୀ

- ଗୃହମନ୍ତ୍ରୀ ନୂଆ ଦାବିଦାର
- ହାଇକମାଣ୍ଡ ନେବେ ଚୂଡ଼ାନ୍ତ ନିଷ୍ପତ୍ତି: ଖଡ୍‌ଗେ



ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ଥମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅଢେଇ ବର୍ଷ କାର୍ଯ୍ୟକାଳ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବଦଳାଇବା ଚର୍ଚ୍ଚା ଦଳରେ ଗୋଷ୍ଠୀ କନ୍ଦଳ ସୃଷ୍ଟି କରିଛି। କଥା କର୍ଣ୍ଣାଟକରୁ ଯାଇ ଦିଲ୍ଲୀରେ ପହଞ୍ଚିଛି। ତଥାପି ଅଙ୍କ ଛିଡ଼ି ପାରୁନି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଏକ ଗୋଷ୍ଠୀ ଦାବି କରୁଥିବାବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ ନିଜ କାର୍ଯ୍ୟକାଳ ପୂରଣ କରିବେ ବୋଲି କହି ସାରିଛନ୍ତି। ଶିବକୁମାର ଏବଂ ସେ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବା ଉଚିତ ବୋଲି କହି ସେ ନୂଆ ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି। ତେବେ କିଛି ଦିନ ହେଲା ଡିକେ ଦେଇ ଚାଲିଥିବା ବୟାନ ମଧ୍ୟ ସଂଶୟକୁ ଅଧିକ ଘନୀଭୂତ କରୁଛି। ରାଜ୍ୟର ସବୁ ବିଧାୟକ ମୋର ଏବଂ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବୁ କହି ସେ ଦ୍ୱନ୍ଦ୍ୱ ବଢ଼ାଇଛନ୍ତି। କର୍ଣ୍ଣାଟକର କିଛି ବିଧାୟକ ଦିଲ୍ଲୀ ଯାଇ ଦଳୀୟ ନେତୃତ୍ୱଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପନ୍ଥା ଆପଣାଇଛନ୍ତି। ସେ ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟି ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ବୈଠକରେ କି ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦାବିଦାର ବଢ଼ିବାରେ ଲାଗିଛନ୍ତି। ଗୃହମନ୍ତ୍ରୀ ଜି. ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦାବିଦାର ବୋଲି କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ଖଡଗେ ମୁହଁ ଖୋଲିଛନ୍ତି। ଏହା ଉପରେ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। କିନ୍ତୁ ସେ ଏନେଇ ଆଉ କିଛିବାକୁ ଚାହୁଁ ନ ଥିବା ଉଲ୍ଲେଖ କରିଛନ୍ତି।

ଆଜି ସିଦ୍ଧରମୈୟାଙ୍କ ସହ ବୈଠକରେ କି ଚର୍ଚ୍ଚା ହେଲା ବୋଲି ସାମ୍ବାଦିକ ପ୍ରଶ୍ନ କରିବାରୁ ଖଡଗେ ଚିଡ଼ି ଯାଇଥିଲେ। ଯାହା ହେବ ତାହା ହାଇକମାଣ୍ଡ କରିବେ, ଆପଣଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଖଡ଼ଗେଙ୍କ ଏହି ବୟାନକୁ ନେଇ ବିଜେପି ନିଶାଣ କରିଛି। ଯଦି କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦଳର ହାଇକମାଣ୍ଡ ନୁହଁନ୍ତି,ତେବେ ସେ ଆଉ କିଏ ବୋଲି ବିଜେପି ବିଧାୟକ ସୁରେଶ କୁମାର ପଚାରିଛନ୍ତି। ଖଡ଼ଗେଙ୍କ ସ୍ଥିତି କଂଗ୍ରେସର ବାସ୍ତବିକ ସ୍ଥିତିକୁ ଦେଖାଉଛି। ନକଲି ଗାନ୍ଧୀ ପରିବାର କଂଗ୍ରେସର ସବୁ କ୍ଷମତା ନିଜ ପାଖରେ ରଖିଛି ବୋଲି କର୍ଣ୍ଣାଟକ ବିରୋଧୀ ଦଳ ନେତା ଆର ଅଶୋକ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ଗୃହମନ୍ତ୍ରୀ ଜି ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ନେତା ଭାବେ ଉପସ୍ଥାପନ କରିଛନ୍ତି। ତେବେ ହାଇକମାଣ୍ଡଙ୍କ ସହ କିମ୍ବା ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ କୌଣସି ଚର୍ଚ୍ଚା ହୋଇନାହିଁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ବଦଳାଇବାର ଚର୍ଚ୍ଚାକୁ ନେଇ ଆଜି ସିଦ୍ଧରମୈୟା କହିଛନ୍ତି ଯେ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମୁଁ ଏବଂ ଡିକେ ପାଳନ କରିବା ଉଚିତ। ଯାହା ନିଷ୍ପତ୍ତି ଆସିବ ସେଥିରେ ସହମତ ହେବା ଆବଶ୍ୟକ। ସେହିପରି ସିଦ୍ଧରମୈୟାଙ୍କ ଘନିଷ୍ଠ ମନ୍ତ୍ରୀ ଏଚ.ସି ମହାଦେବପା ଏବଂ କେ ଭେଙ୍କଟେଶ ମଧ୍ୟ ଖଡଗେଙ୍କୁ ଭେଟିଛନ୍ତି।

# ପାକ୍ ସେନା ଉପରେ ଆତ୍ମଘାତୀ ଆକ୍ରମଣ; ୩ କମାଣ୍ଡର ନିହତ

ଇସଲାମାବାଦ୍, ୨୪।୧୧(ଏଜେନ୍ସି): ପାକିସ୍ତାନର ପେଶାୱରରେ ସୋମବାର ସକାଳେ ଫ୍ରଣ୍ଟିୟର କନଷ୍ଟାବୁଲାରୀ ମୁଖ୍ୟାଳୟରେ ଦୁଇଟି ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୬ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩ ଜଣ କମାଣ୍ଡର ଓ ୩ ଜଣ ଆକ୍ରମଣକାରୀ ସାମିଲ ରହିଛନ୍ତି। ଏଥିରେ ଏକାଧିକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀ ଚାଦର ଘୋଡ଼ାଇ ହୋଇ ଆସିଥିଲେ ଏବଂ ସେନା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏହାପରେ ବଡ଼ ଧରଣର ଅପରେସନ୍ କରାଯାଇଥିଲା। ସକାଳ ୮ଟାରେ ଏହି ଆକ୍ରମଣ ହୋଇଥିଲା। ପାରାମିଲିଟାରୀ ବିଲ୍ଡିଂର ଦ୍ୱାରରେ ଦୁଇଟି ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ କହିଛି।

# ଇଣ୍ଡିଆ ଗେଟ୍‌ରେ ଲାଗିଲା ମାଓବାଦୀ ହିଡମାର ପୋଷ୍ଟର; ୨୨ ଗିରଫ

ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଙ୍ଘାତିକ ହେବାରେ ଲାଗିଛି। ଏହାକୁ ନେଇ ରବିବାର ସନ୍ଧ୍ୟାରେ 'ଇଣ୍ଡିଆ ଗେଟ' ସାମ୍ନାରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଦୁର୍ଦ୍ଦାନ୍ତ ମାଓବାଦୀ 'ମାଡଭି ହିଡମା'ର ପୋଷ୍ଟର ଲଗାଯାଇଛି। ଏଥିରେ ହିଡମାର ତୁଳନା ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସହ କରାଯାଇଛି। ହିଡମା ଅମର ରହେ ସ୍ଲୋଗାନ ମଧ୍ୟ ଲେଖାଯାଇଛି। ଏହାକୁ ନେଇ ପୁଲିସ ଦୁଇଟି ଏତଲା ରୁଜୁ କରିଛି। ଏ ପର୍ଯ୍ୟନ୍ତ ୨୨ ଜଣଙ୍କୁ ଗିରଫ କରାଗଲାଣି।ଅନ୍ୟପକ୍ଷରେ ପ୍ରଦୂଷଣକୁ ଦେଖି ଦିଲ୍ଲୀରେ ୫୦ ପ୍ରତିଶତ ଘରୋଇ ଏବଂ ସରକାରୀ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୯ ସେନା ଅଧିକାରୀଙ୍କୁ ବରଖାସ୍ତ କଲା ଇସ୍ରାଏଲ୍

ତେଲ ଅଭିଭ୍, ୨୪।୧୧(ଏଜେନ୍ସି): ଇସ୍ରାଏଲ ୯ ଜଣ ଆଗଧାଡିର ସେନା ଅଧିକାରୀଙ୍କୁ ବରଖାସ୍ତ କରିଛି। ଦୁଇବର୍ଷ ତଳେ ୨୦୨୩ ଅକ୍ଟୋବର ୭ରେ ହୋଇଥିବା ହମାସ ଆକ୍ରମଣକୁ ରୋକିବାରେ ଏହି ଅଧିକାରୀମାନେ ବିଫଳ ହୋଇଥିଲେ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇଆଲ ଜମିର କହିଛନ୍ତି। ହମାସର ଏହି ଆକ୍ରମଣରେ ୧, ୨୦୦ ଇସ୍ରାଏଲ ନାଗରିକ ମୃତ୍ୟୁବରଣ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ହମାସ ଏହି ଆକ୍ରମଣ କରିବାର ସୁଯୋଗ ପାଇଥିଲା। ଏହାକୁ ନେଇ ରବିବାର ଇସ୍ରାଏଲ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ୫୦୦, ୦୦୦ ଲୋକ ଅଂଶଗ୍ରହଣ କରିଥିଲେ। ଫଳରେ ଏହି ଅଧିକାରୀମାନଙ୍କ ବରଖାସ୍ତ କରିବା ପାଇଁ ସରକାରଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। କିନ୍ତୁ ବରଖାସ୍ତ ହୋଇଥିବା ଅଧିକାଂଶ ଅଧିକାରୀ ସେନ ଚାଡି ସାରିଛନ୍ତି ବୋଲି ଜଣାଯାଇଛି। ସେନାର ଏହି ନିଷ୍ପତ୍ତି କଷ୍ଟକର ବୋଲି ଆଇଡିଏଫ୍ ମୁଖ୍ୟ ଜମିର କହିଛନ୍ତି।

# ଇସିଙ୍କୁ ମମତାଙ୍କ ଚିଠି:ପଶ୍ଚିମବଙ୍ଗରେ ଘରୋଇ କମ୍ପାନୀଙ୍କୁ ବିରୋଧ

କୋଲକାତା, ୨୪।୧୧ (ଏଜେନ୍ସି): ପଶ୍ଚିମବଙ୍ଗରେ ନିର୍ବାଚନୀ ବ୍ୟବସ୍ଥାକୁ ନେଇ ଦିଆଯାଇଥିବା ଦୁଇଟି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶ୍ନ ଉଠାଇଛନ୍ତି। 'ଡାଟା ଏଣ୍ଟ୍ରି' କାମ ଘରୋଇ କମ୍ପାନୀଙ୍କୁ ଦେବା ଏବଂ ପ୍ରାଇଭେଟ ହାଉସିଂ ସୋସାଇଟିରେ ମତଦାନ କେନ୍ଦ୍ରକୁ ବିରୋଧ କରାଯାଇଛି। ଏହାକୁ ନେଇ ମମତା ସୋମବାର ନିର୍ବାଚନ କମିଶନଙ୍କୁ ଚିଠି ଲେଖିଛନ୍ତି। ଏଥିରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଦେଇଥିବା ପ୍ରସ୍ତାବ ଉପରେ ଦିଦି ପ୍ରଶ୍ନ ଉଠାଇଛନ୍ତି। ହଜାରେ ଡାଟା ଏଣ୍ଟ୍ରି ଅପରେଟର୍ସ ଏବଂ ୫୦ ସଫ୍ଟୱେୟର ଡେଭଲପର୍ସଙ୍କୁ ବାହାରୁ ନିଯୁକ୍ତି ଦେବାକୁ ବିରୋଧ କରାଯାଇଛି। ଏହି ଦୁଇ ପ୍ରସ୍ତାବ ବିପଦପୂର୍ଣ୍ଣ ବୋଲି ଦିଦି କହିଛନ୍ତି। ଏହା ଦ୍ୱାରା ନିର୍ବଚନୀ ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିବ। ତେଣୁ ଏହି ପ୍ରସଙ୍ଗକୁ ନିରପେକ୍ଷ ଏବଂ ସ୍ୱଚ୍ଛତାର ସହ ଯାଞ୍ଚ କରିବାକୁ ନିବେଦନ କରିଛନ୍ତି। ଏହି ନିଷ୍ପତ୍ତି ପଛରେ ରାଜନୈତିକ ଉଦ୍ଦେଶ୍ୟ ଲୁଚି ରହିଥିବା ଦିଦି କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୬ ମାର୍ଚ୍ଚ ଏପ୍ରିଲରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟରେ ଏସଆଇଆର ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶ ନୋଏଡ଼ାର ବିଏଲଓ ପିଙ୍କି ସିଂହ ଏସଆଇଆର ଜନିତ କାର୍ଯ୍ୟଚାପ ଯୋଗୁଁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଶିକ୍ଷା ସହିତ ବିଏଲଓ କାର୍ଯ୍ୟ ତୁଲାଇବା କଷ୍ଟସାଧ୍ୟ ହେଉଛି ବୋଲି ଇସ୍ତଫାପତ୍ରରେ ସେ ଉଲ୍ଲେଖ କରିଛନ୍ତି।

# ସ୍ୱଦେଶୀ ଯୁଦ୍ଧପୋତ 'ଆଇଏନ୍‌ଏସ୍ ମାହେ' ନୌସେନାରେ ସାମିଲ




ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ସ୍ୱଦେଶୀ ଜ୍ଞାନ କୌଶରେ ନିର୍ମିତ ଯୁଦ୍ଧପୋତ ଆଇଏନ୍‌ଏସ୍ ମାହେ ସୋମାବାର ଭାରତୀୟ ନୌସେନାରେ ସାମିଲ ହୋଇଛି। ଏହା ମାହେ- କ୍ଲାସର ପ୍ରଥମ ଆଣ୍ଟି ସବମେରିନ ଓ ଅପେକ୍ଷାକୃତ କମ୍ ଗଭୀର ପାଣିରେ ଚାଲୁଥିବା ଯୁଦ୍ଧପୋତ। ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପୁଡୁଚେରୀର ମାହେ ସହର ନାମ ଅନୁସାରେ ଏହାର ନାମକରଣ ହୋଇଛି। ମୁମ୍ବଇର ନୌସେନା ଡକୟାର୍ଡରେ ଆୟୋଜିତ କମିଶନିଂ ସମାରୋହରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ୩ଟି ସେନାର ମିଳିତ ସାମର୍ଥ୍ୟ ଓ ଶକ୍ତି ଉପରେ ଜୋର ଦେଇଥିଲେ। ସିନର୍ଜି ଅର୍ଥାତ ତାଳମେଳ ହିଁ ସଶସ୍ତ୍ର ବଳର ପ୍ରକୃତ ଶକ୍ତି। ଅପରେସନ ସିନ୍ଦୂରର ଉଦାହରଣ ଦେଇ ସେ ଏହି କଥା କହିଥିଲେ। ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଇଏନ୍‌ଏସ୍ ମାହେ ଓ ତା'ର କ୍ରୁ ମେମ୍ବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା କେବଳ ନୌସେନା ନୁହଁ ପୂରା ଦେଶର ବିଶ୍ୱାସ ନେଇ ସାଥିରେ ଚାଲିବ। ଆଧୁନିକ ଯୁଗରେ ଯୁଦ୍ଧ କେବଳ ଗୋଟିଏ ସ୍ଥାନରେ ହେଉନାହିଁ। ଏହା ଜଳ, ସ୍ଥଳ, ଆକାଶ, ଅନ୍ତରୀକ୍ଷ ଓ ସାଇବର ସବୁ ସ୍ଥାନରେ ହେଉଛି। ୩ଟି ସେନା ସାଥି ହୋଇ ତାଳମେଳ ରକ୍ଷା କରିବା ସହ ନିଜ ରଣନୀତ ଅନୁସାରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଜାହାଜ କମ୍ ଗଭୀର ଜଳରେ ଅପରେସନ, କୋଷ୍ଟାଲ ପାଟ୍ରୋଲିଂ, ସାମୁଦ୍ରିକ ରାସ୍ତାର ସୁରକ୍ଷା ଓ ଶତ୍ରୁ ଦେଶରୁ ବୁଡ଼ା ଜାହାଜକୁ ଖୋଜିବା ପ୍ରକ୍ରିୟାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ବିନା କୌଣସି ଶବ୍ଦରେ ଅତି ଶାନ୍ତ ଭାବେ ଏହି ଜାହଜ ତା'ର କାର୍ଯ୍ୟ କରିବ। ସେଥିପାଇଁ ଏହି ଜାହଜକୁ 'ସାଇଲେଣ୍ଟ ହଣ୍ଟର' ବୋଲି କୁହାଯାଇଛି। ଆଇଏନ୍‌ଏସ୍ ମାହେର ୮୦ ପ୍ରତିଶତ ଅଂଶ ଭାରତରେ ନିର୍ମିତ ହୋଇଛି। ଏହାକୁ କୋଚିନ ସିପ୍‌ୟାର୍ଡ ଲିମିଟେଡ (ସିଏସ୍‌ଏଲ୍) ରେ ପ୍ରସ୍ତୁତ କରାଯାଇଛି। ଏହା ନୌସେନାର ଆତ୍ମ ନିର୍ଭର ଭାରତ ଅଭିଯାନ ପାଇଁ ଏକ ବଳିଷ୍ଠ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ଅରୁଣାଚଳରେ ଜନ୍ମିତ ମହିଳାଙ୍କ ପାସ୍‌ପୋର୍ଟକୁ ଅବୈଧ କହିଲା ଚୀନ୍

ବେଜିଂ, ୨୪।୧୧(ଏଜେନ୍ସି): ବ୍ରିଟେନରେ ରହୁଥିବା ଜଣେ ଭାରତୀୟ ମହିଳା ପେମ୍ ୱାଙ୍ଗଜଙ୍ଗ୍‌ଙ୍କୁ ଚୀନର ସାଂଘାଇ ବିମାନ ବନ୍ଦରରେ ଇମିଗ୍ରେସନ ଅଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଅଟକ ରଖିବା ସହ ସମସ୍ୟାରେ ପକାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏକ ଗଣମାଧ୍ୟମ ଏଜେନ୍ସିକୁ ସେ କଥାବାର୍ତ୍ତା ବେଳେ ଏହି କଥା କହିଛନ୍ତି। ଚୀନ୍ ଅଧିକାରୀମାନେ ତାଙ୍କ ଭାରତୀୟ ପାସପୋର୍ଟକୁ ମାନିବାକୁ ମନା କରିଦେଇଥିଲେ। ପାସ୍‌ପୋର୍ଟରେ ତାଙ୍କ ଜନ୍ମସ୍ଥାନ ଅରୁଣାଚଳ ପ୍ରଦେଶ ଲେଖାଯାଇଥିବାରୁ ଅଧିକାରୀମାନେ ତାଙ୍କ ପାସ୍‌ପୋର୍ଟକୁ ଗ୍ରହଣ କରି ନ ଥିଲେ ବୋଲି ସେ କହିଛନ୍ତି। ନଭେମ୍ବର ୨୧ରେ ସେ ଲଣ୍ଡନରୁ ଜାପାନ ଯାଉଥିଲେ। କିନ୍ତୁ ସାଙ୍ଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା। ଏଠାରେ ଅଧିକାରୀମାନେ ମୋ ପାସ୍‌ପୋର୍ଟକୁ ଅବୈଧ ବୋଲି କହିଥିଲେ। ଅରୁଣାଚଳ ପ୍ରଦେଶ ଚୀନ୍‌ର ଅଂଶ ବୋଲି ସେମାନେ ଉଲ୍ଲେଖ କରିଥିଲେ। ମୋତେ ୧୮ ଘଣ୍ଟା ଧରି ପଚରା ଉଚରା କରିବା ସହ ପରିହାସ କରାଯାଇଥିଲା ବୋଲି ପେମ୍ କହିଛନ୍ତି। ଏହି ଅବସରରେ ମୋତେ କୌଣସି ସଠିକ ସୂଚନା ଦିଆଯାଇ ନଥିଲା ଓ ଖାଇବାକୁ ମଧ୍ୟ ଦିଆଯାଇ ନଥିଲା। କେବଳ ସେତିକି ନୁହଁ ବିମାନ ବନ୍ଦରର ସୁବିଧା ସୁଯୋଗ ବ୍ୟବହାର କରିବାକୁ ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି। ପେମ୍ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରି ଚିଠି ଲେଖିଛନ୍ତି। ଏହା ଦ୍ୱାରା ଭାରତର ସାର୍ବଭୌମତ୍ୱ ଓ ଅରୁଣାଚଳ ପ୍ରଦେଶ ନାଗରିକଙ୍କର ଅପମାନ ହୋଇଛି ବୋଲି ପେମ୍ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସେମାନେ ପାସ୍‌ପୋର୍ଟକୁ ଜବତ କରିବା ସହ ଲିଗାଲ ଭିସା ସତ୍ତ୍ୱେ ଜାପାନ ଯିବାକୁ ଥିବା ଫ୍ଲାଇଟ୍‌ରେ ଚୀନ୍ ଅଧିକାରୀମାନେ ତାଙ୍କୁ ଚଢ଼ିବାକୁ ଦେଇ ନଥିଲେ। ଭାରତୀୟ ଦୂତାବାସର ସହାୟତାରେ ସେ ଏହି ସମସ୍ୟାରୁ ବାହାରିବା ସହ ଜାପାନ ଯାଇଥିଲେ।

# ପାକିସ୍ତାନକୁ ଅଣଦେଖା କରିବାର ଫଳ ଭୋଗୁଛି ଆମେରିକା



ୱାଶିଂଟନ, ୨୪।୧୧ (ଏଜେନ୍ସି): ଆମେରିକା ଗୁଇନ୍ଦା ଏଜେନ୍ସି ସିଆଇଏର ପୂର୍ବତନ ବରିଷ୍ଠ ଅଧିକାରୀ ଜେମ୍ସ ଲଲାର ପାକିସ୍ତାନ କଳାକାରନାମାର ମୁଖା ଖୋଲି ଦେଇଛନ୍ତି। ପୁଣିଥରେ ବିଶ୍ୱରେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ଏହି ଦେଶ ନିନ୍ଦିତ ହୋଇଛି। ପାକିସ୍ତାନ କେମିତି ପରମାଣୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରୁଥିଲା, ଆଉ ଏହା ପଛରେ କିଏ କିଏ ରହିଥିଲେ ତାହାର ଗୁମର ଖୋଲି ଯାଇଛି। ପାକିସ୍ତାନୀ ବୈଜ୍ଞାନିକ ଡ.ଅବଦୁଲ କାଦିର ଖାନଙ୍କ 'ପରମାଣୁ ଚୋରାଚାଲାଣ ନେଟୱର୍କ'କୁ ନେଇ ଲଲାର ଅନେକ ସୂଚନା ଦେଇଛନ୍ତି। ପାକିସ୍ତାନକୁ ପ୍ରଥମେ ଅଣଦେଖା କରିବାର ଭଳ ଆଜି ଯାଏଁ ଆମେରିକା ଭୋଗୁଛି ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ଜେମ୍ସ କହିଛନ୍ତି ଯେ କାଦିର ଖାନ୍ କେବଳ ଆମେରିକା ପାଇଁ ପରମାଣୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଆମେରିକା ଭାବୁଥିଲା। କିନ୍ତୁ ପରେ ସେ ଲିବିୟା, ଇରାନ ଭଳି ଅନେକ ଦେଶ ପାଇଁ ପରମାଣୁ ଜ୍ଞାନକୌଶଳ ଏବଂ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବାର ସାମଗ୍ରୀ ବେଆଇନ ଭାବେ ବିକ୍ରି କରୁଥିବା ଜଣାପଡ଼ିଥିଲା। ବହୁତ ବିଳମ୍ବରେ ଆମେରିକାର ନିଦ ଭାଙ୍ଗି ଥିଲା। କାଦର ଏତେ ବଡ଼ ଚୋର ବୋଲି ଆମେ ସ୍ୱପ୍ନରେ ସୁଧା ଭାବି ନ ଥିଲୁ। ସେ କିଛି ନେତା ଏବଂ ସେନା ଅଧିକାରୀଙ୍କ ସହ ମିଶି ଏପରି କରୁଥିଲା। ସେମାନଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଉଥିଲେ। ସିଆଇଏର ପୂର୍ବତନ ମୁଖ୍ୟ ଜର୍ଜ ଟେନେଟ ଏ ବିଷୟରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫଙ୍କୁ ସୂଚନା ଦେଇଥିଲେ। ସେ ଏହା ଶୁଣି ରାଗି ଯାଇଥିଲେ ଏବଂ କାଦର ଖାନଙ୍କୁ ଗାଳି ଦେଇ ମାରି ଦେବେ ବୋଲି ଧମକ ଦେଇଥିଲେ।

କାଦିର ପାକିସ୍ତାନ ପରମାଣୁ କାର୍ଯ୍ୟକ୍ରମର ଜନକ ଭାବେ ପରିଚିତ। ସେହିପରି ତାଙ୍କ ନେଟୱର୍କକୁ ଭୁଶୁଡ଼ାଇବାର ଶ୍ରେୟ ଜେମ୍ସଙ୍କୁ ଯାଉଛି। ସିଆଇଏର ପୂର୍ବତନ ଅଧିକାରୀ ଏହି କାଦିରଙ୍କୁ ମୃତ୍ୟୁର ସୌଦାଗର କହୁଥିଲେ। ତାଙ୍କ ନେଟୱର୍କ ବହୁତ ବଡ଼ ଥିଲା। ସାରା ବିଶ୍ୱରେ ପରମାଣୁ ବୋମା ପ୍ରସ୍ତୁତିର ମେସିନ, ବ୍ଲୁ-ପ୍ରିଣ୍ଟ, ସେଣ୍ଟ୍ରିଫ୍ୟୁଜ ଏବଂ ୟୁରାନିୟମ ବିଶୁଦ୍ଧ କରିବାର ଜ୍ଞାନକୌଶଳକୁ ବେଆଇନ ଭାବେ ଅନ୍ୟ ଦେଶକୁ ପଠା ଯାଉଥିଲା। ସେ ବିଶ୍ୱର ସବୁଠୁ ବିପଜ୍ଜନକ ପରମାଣୁ ବ୍ଲାକ ମାର୍କେଟ ଚଳାଉ ଥିଲେ। ଏହା ୧୯୯୦ରେ ଜଣା ପଡ଼ିଥିଲା। ଏହି ନେଟୱର୍କରେ ସାମିଲ ହେବାର କାମ ଲଲାରଙ୍କୁ ଦିଆଯାଇଥିଲା। ସ୍ୱିଜରଲାଣ୍ଡ, ଜର୍ମାନୀ, ମାଲେସିଆ ଏବଂ ଦୁବାଇରେ ଜାଲ କମ୍ପାନୀ ଗଢ଼ା ଯାଇଥିଲା।ଏହା ମାଧ୍ୟମରେ ପରମାଣୁ ଡିଭାଇସ ବିକ୍ରି କରାଯାଉଥିଲା। ଖାନ୍‌ଙ୍କ ଲୋକ ଏହି କମ୍ପାନୀ ମାଧ୍ୟମରେ ସାମଗ୍ରୀ ଅର୍ଡର କରୁଥିଲେ। ଚୋରଙ୍କୁ ହରାଇବା ପାଇଁ ଆମକୁ ଚୋର ହେବାକୁ ପଡ଼ିଥିଲା। ଏହି ଜାଲ୍ କମ୍ପାନୀରୁ ଖରାପ ଯନ୍ତ୍ରାଂଶ ପଠା ଯାଉଥିଲା। ସେଥିପାଇଁ ଇରାନ ଏବଂ ଲିବିୟା ଭଳି ଦେଶର ସେଣ୍ଟ୍ରିଫ୍ୟୁଜ ବାରମ୍ବାର ଖରାପ ହେଉଥିଲା। ୨୦୦୩ରେ ଧରା ପଡ଼ିବାରୁ ଇରାନ ନିଜ ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିଥିଲା। ଇରାନକୁ ପରମାଣୁ ବୋମା ଜ୍ଞାନକୌଶଳ ଦିଆଯାଇଥିଲା। ଏହା ଉପରେ ଏବେ ବି ଇରାନ କାମ କରୁଛି। ଲଲାର କହିଛନ୍ତି ଯେ ୧୯୮୦ରେ ଆଫଗାନିସ୍ତାନରେ ସୋଭିଏତ ସଂଘ ସହ ଲଢିବା ପାଇଁ ଆମେରିକାକୁ ପାକିସ୍ତାନର ଆବଶ୍ୟକତା ଥିଲା। ତେଣୁ ଜାଣିଶୁଣି କାଦିରଙ୍କୁ ଆମରିକା ଅଣଦେଖା କରିଥିଲା। ଏହା ଏକ ବଡ଼ ଭୁଲ୍ ଥିଲା। ଆମେରିକା ଏହାର ଫଳ ଆଜି ଯାଏଁ ଭୋଗୁଛି। ଭାରତ ଏବଂ ଆମେରିକା ମିଶି ପରମାଣୁ ଚୋରାଚାଲାଣକୁ ରୋକିବା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି।

# ତାମିଲନାଡୁ: ଦୁଇ ବସ୍ ମୁହାଁମୁହିଁ ଧକ୍କାରେ ୬ ମୃତ

ତେନକାସୀ, ୨୪।୧୧(ଏଜେନ୍ସି): ତାମିଲନାଡୁର ତେନକାସି ଜିଲ୍ଲାରେ ସୋମାବାର ଦୁଇଟି ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ଜଣେ ପୁରୁଷ ସାମିଲ ଅଛନ୍ତି। ଗୋଟିଏ ବସ ମଦୁରାଇରୁ ସେନକୋଟାଇ ଓ ଅନ୍ୟ ବସ୍‌ଟି ଟେନ୍‌କାସିରୁ କୋଭିଲପାଟି ଯାଉଥିବା ବେଳେ ସୋମବାର ସକାଳ ୧୧ଟାରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଡ୍ରାଇଭରର ତ୍ରୁଟି ଥିଲା ବୋଲି ପୁଲିସ କହିଛି। ମଦୁରାଇରୁ ସେନକୋଟାଇ ଯାଉଥିବା ବସ୍‌ର ଡ୍ରାଇଭର ବେପରୁଆ ଭାବେ ଓ ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ। ଆହତ ଯାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା ଚାଲିଛି। କିଛି ପୀଡିତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ପୁଲିସ ଆଶଙ୍କା ପ୍ରକଟ କରିଛି। ୨୫ଟି ଆମ୍ବୁଲାନ୍ସରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ବସରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ଜେସିବିର ସହାୟତା ନିଆଯାଇଥିଲା। ବସ୍‌ର କ୍ଷତିଗ୍ରସ୍ତ ହୋଇଥିବା ଅଂଶକୁ କାଟି ଯାତ୍ରୀମାନଙ୍କୁ ବାହାରକୁ ନିଆଯାଇଥିଲା। ଦୁର୍ଘଟଣା ବେଳେ ଦୁଇଟି ବସ୍‌ରେ ମୋଟ୍ ୫୫ ଯାତ୍ରୀ ରହିଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୬- ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୯୪୮ - ଭାରତରେ ରାଷ୍ଟ୍ରୀୟ କ୍ୟାଡେଟ୍ କୋର୍ (ଏନ୍‌ସିସି)ର ସ୍ଥାପନା।
- ୧୯୬୦- ଭାରତରେ ପ୍ରଥମେ କାନପୁର ଓ ଲକ୍ଷ୍ନୌ ମଧ୍ୟରେ ଏସ୍‌ଟିଡି ସେବା ଆରମ୍ଭ ହେଲା।
- ୧୯୬୫- ଫ୍ରାନ୍ସ ପ୍ରଥମ ସାଟେଲାଇଟ୍ ଲଞ୍ଚ୍ କଲା।
- ୨୦୦୧- ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ପାଞ୍ଚଦିନିଆ ଯାତ୍ରାରେ ଭାରତ ପହଞ୍ଚିଲେ।
- ୨୦୧୪: ପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ସିତାରା ଦେବୀଙ୍କ ପରଲୋକ।

## ଦୀର୍ଘ ଜୀବନର ରହସ୍ୟ କାମ



ଦୀର୍ଘାୟୁ ହେବା ତଥା ସୁସ୍ଥ ଜୀବନ କଥା ଉଠିଲେ ଅଧିକାଂଶ ଶାରୀରିକ ଓ ମାନସିକ ସୁସ୍ଥତା ସହ ହେଲଦି ଡାଏଟ୍ କଥା ଭାବିଥାନ୍ତି। ହେଲେ ଦୀର୍ଘାୟୁ ହେବାର ବି ଆଉ ଏକ ରହସ୍ୟ ଅଛି। ଯାହା ସମ୍ପର୍କରେ ଲୋକେ ଖୁବ୍ କମ୍ ଆଲୋଚନା କରିଥାନ୍ତି। ଦୀର୍ଘାୟୁ ହେବାର ଅନ୍ୟତମ ରହସ୍ୟ କାମକୁ କୁହାଯାଉଛି। ତେବେ ଏ ଲାଗି କାମକୁ ବୋଝ ବୋଲି ଭାବିବା ଉଚିତ ନୁହେଁ ବରଂ ଏହାର ମଜା ନେବାକୁ ପଡ଼ିଥାଏ। ଅନେକଙ୍କ ପାଇଁ କାମ ଚାପ ଓ ଥକ୍କାଯୁକ୍ତ ଲାଗେ। ହେଲେ ଜାପାନର ଲୋକପ୍ରିୟ ସୁଶୀ ସେଫ୍ ଜିରୋ ଓନୋ କାମକୁ ଜୀବନର ଶକ୍ତି ବୋଲି କହିଛନ୍ତି। ଜିରୋ ତାଙ୍କର ଶହେ ତମ ଜନ୍ମ ଦିବସ ଅକ୍ଟୋବର ୨୭ରେ ପାଳନ କରିଛନ୍ତି। ୧୦୦ଟି ବସନ୍ତ ଅତିକ୍ରମ କରିଥିବା ଜିରୋ ଏବେ ବି କାମରୁ ଅବସର ନେଇ ନାହାନ୍ତି। ତାଙ୍କ ସ୍ୱାସ୍ଥ୍ୟର ରହସ୍ୟ କ'ଣ ବୋଲି ପଚରାଯିବାରୁ ଜିରୋ କୁହନ୍ତି, ସବୁଦିନ ସେ ଏବେ ରେସ୍ତୋରାଁ ଯାଇପାରୁ ନାହାନ୍ତି। ହେଲେ ଯଥା ସମ୍ଭବ କାମ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ମତରେ ମଣିଷ ପାଇଁ ମହୌଷଧି ହେଉଛି କାମ କରିବା। ଯଦିଓ ବୟସାଧିକ ଯୋଗୁ ତାଙ୍କ କାମ କରିବାର ବେଗ ପୂର୍ବ ଭଳି ନାହିଁ। ହେଲେ ତାଙ୍କ ଇଚ୍ଛାଶକ୍ତି ପୂର୍ବଭଳି ରହିଛି। ସେହିପରି ସୁଶୀ ତିଆରି କରିବା ତାଙ୍କ ପାଇଁ କେବଳ ଏକ କାମ ନୁହେଁ, ବରଂ ଜୀବନ ପ୍ରତି ଭଲପାଇବା ବୋଲି ସେ କହିଛନ୍ତି। ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନରେ ଲୋକେ ଶୀଘ୍ର ଥକ୍କି ଯାଉଛନ୍ତି ଏବଂ ଅବସର ଅପେକ୍ଷାରେ ରହୁଛନ୍ତି। ନିଜ କାମକୁ ଭଲପାଇଲେ କେହି ଥକ୍କିବେ ନାହିଁ, ବରଂ ଏହା ଜଣକୁ ଜୀବନ ଜିଇଁବା ପାଇଁ ଉତ୍ସାହିତ କରିଥାଏ ବୋଲି ସେ କହିଛନ୍ତି। ତେଣୁ ଏ ଦୃଷ୍ଟିରୁ ଦୀର୍ଘାୟୁ ହେବାର ଜୀବନର ମୂଳ ରହସ୍ୟ କେବଳ ଖାଦ୍ୟ ଓ ବ୍ୟାୟାମ ନୁହେଁ, ବରଂ ଏମିତି କିଛି କାର୍ଯ୍ୟ କରିବା ଯାହା ମନକୁ ଆନନ୍ଦ ଦେଉଥିବ। ସେହିପରି ଚାପ ଗ୍ରସ୍ତ ହୋଇ କାମ କରୁଥିଲେ ଏମିତି ନ କରି ଏବେଠୁ ତାକୁ ଉପଭୋଗ କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଛନ୍ତି।

## ନିଖୋଜଙ୍କୁ ଖୋଜିବାର ନିଆରା ଉପାୟ

ଦକ୍ଷିଣ କୋରିଆରେ ମାନବ ଚାଲାଣ ଚିନ୍ତାର ବିଷୟ ପାଲଟିଛି। କାରଣ ଗତ କିଛି ବର୍ଷ ମଧ୍ୟରେ ଏଠାରେ ମାନବ ଚାଲାଣ ମାମଲା ବଢ଼ି ଚାଲିଛି। ତେବେ ଏହି ଚାଲାଣରେ ଅଧିକାଂଶ ପିଲା ସାମିଲ ଅଛନ୍ତି। ଏଭଳି ସ୍ଥଳରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ନିଆରା ଉପାୟ ବାହାର କରାଯାଇଛି। ଏହି ଉପାୟ ମାଧ୍ୟମରେ ଅନେକ ନିଖୋଜ ମାମଲାର ସମାଧାନ ମଧ୍ୟ କରାଗଲାଣି। ସାଧାରଣତଃ ନିଖୋଜ ପିଲାମାନଙ୍କୁ ଖୋଜିବା ଲାଗି ପୋଷ୍ଟର ବଣ୍ଟାଯାଏ, ଟିଭିରେ ମଧ୍ୟ ସୂଚନା ପ୍ରଦାନ କରାଯାଏ। ଏହିସବୁ ଉପାୟ କାମ ନ କରିବା ପରେ କୋରିଆନ ନେସନାଲ ପୁଲିସ୍ ଏଜେନ୍ସି (କେନ୍‌ପିଏ) ହାର୍ ମାନିଲା ନାହିଁ। ଏଥିପାଇଁ କେନ୍‌ପିଏ ପକ୍ଷରୁ 'ହୋପ ଟେପ୍' ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ହେଉଛି ଏକ ସାଧାରଣ ପ୍ୟାକେଜିଂ ଟେପ୍ ଯାହାକି ଡେଲିଭରି ସେବାକୁ ଏକ ସର୍ଚ୍ଚ ମିଶନରେ ପରିଣତ କରିଥିଲା। ତେବେ ଏଭଳି ଏକ ପରିକଳ୍ପନା ଚେଲ୍ ୱାର୍ଲଡ୍‌ୱାଇଡ୍ ଏଜେନ୍ସିର ଥିଲା। କରୋନା ମହାମାରୀ ଏହାକୁ ସୁଯୋଗ ଦେଇଥିଲା। ଲୋକେ ଏହି ସମୟରେ ଘରେ ବସି ସପିଂ କରୁଥିଲେ। ହୋପ୍ ଟେପ୍‌ରେ ଦୀର୍ଘଦିନ ପର୍ଯ୍ୟନ୍ତ ନିଖୋଜ ଥିବା ୨୮ ଜଣ ପିଲାଙ୍କ ବିବରଣୀ ପ୍ରିଣ୍ଟ କରାଯାଇଥିଲା। କେବଳ ସେତିକି ନୁହେଁ ପୁରୁଣା ଫଟୋ ସହ ଏଆଇ ଦ୍ୱାରା ବୟସ ବଢ଼ିବା ପରେ ସେମାନେ କିପରି ଦେଖାଯାଉଥିବେ ତା'ର ଫଟୋ ଲଗାଯାଇଥିଲା। ତା'ସହ ସେମାନଙ୍କ ଶାରୀରିକ ବୈଶିଷ୍ଟ୍ୟ ମଧ୍ୟ ଉଲ୍ଲେଖ କରାଯିବା ସହ କ୍ୟୁଆର କୋଡ୍ ବି ପ୍ରଦାନ କରାଯାଇଥିଲା। ତେବେ ଏହି ଅଭିଯାନ ସଫଳ ସାବ୍ୟସ୍ତ ହୋଇଛି ଏବଂ ଅନେକ ପିଲାଙ୍କୁ ଚିହ୍ନଟ ବି କରାଯାଇଛି। ଏହି ଟେପ୍ ୨୨ଟି ସେଣ୍ଟ୍ରାଲ ଅଫିସ୍‌ରେ ମାଗଣାରେ ମିଳୁଛି। ଡେଲିଭରି ପ୍ୟାକେଜ୍‌ରୁ ଏହି ଟେପ୍‌କୁ ଖୋଲିବା ମାତ୍ରେ ଲୋକେ ନିଖୋଜ ପିଲାମାନଙ୍କୁ ଦେଖିପାରନ୍ତି।



## 'ଦ ରାଜା ସାବ୍'ର ଗୀତ ରିଲିଜ୍



ସାଉଥ୍ ସୁପରଷ୍ଟାର୍ ପ୍ରଭାସ 'ବାହୁବଳି' ଫିଲ୍ମ ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଯାଇଛନ୍ତି। ଏବେ ପ୍ରଭାସ ତାଙ୍କ ହରର୍-କମେଡି ଫିଲ୍ମ 'ଦ ରାଜା ସାବ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଟିଜର୍ ଓ ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ଏବେ ଏହି ଫିଲ୍ମର ପ୍ରଥମ ଗୀତ 'ରିବେଲ୍ ସାବ୍' ରିଲିଜ୍ ହୋଇଛି। ଏହି ଗୀତକୁ ରବିବାରଦିନ ହାଇଦ୍ରାବାଦସ୍ଥିତ ବିମଲ ଥିଏଟରରେ ଓ ଅନ୍‌ଲାଇନ୍‌ରେ ଲଞ୍ଚ କରାଯାଇଛି। ଏହାକୁ ତାମିଲ, କନ୍ନଡ଼, ମଲୟାଲମ୍ ଓ ହିନ୍ଦୀରେ ରିଲିଜ୍ କରାଯାଇଛି। ଏଥିରେ ପ୍ରଭାସ ରଙ୍ଗୀନ ପୋଷାକ ପିନ୍ଧି ଜବରଦସ୍ତ ନାଚୁଥିବାର ଦେଖାଯାଇଛି। ଦର୍ଶକଙ୍କୁ ଏହି ଗୀତ ବେଶ୍ ପସନ୍ଦ ଆସିଛି। 'ଦ ରାଜା ସାବ୍' ଆସନ୍ତା ଜାନୁଆରୀ ୯ରେ ପରଦାକୁ ଆସିବ। ଏଥିରେ ମାଳବିକା ମୋହନନ୍, ନିଧି ଅଗ୍ରୱାଲ୍, ରିଦ୍ଧି କୁମାର, ଯୋଗୀ ବାବୁ, ଜରିନା ବହାବ ଲିଡ୍ ରୋଲରେ ନଜର ଆସିବେ। ୪୫୦ କୋଟି ବଜେଟ୍‌ରେ ନିର୍ମିତ 'ଦ ରାଜା ସାବ୍' ନିର୍ଦ୍ଦେଶନା ଦେଇଛନ୍ତି ମାରୁତି ଦସାରି। ଏହି ଫିଲ୍ମ ପାଇଁ ପ୍ରଭାସ ୧୦୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।

---

# ସୁବର୍ଣ୍ଣା

## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚିଯାଇଥିଲେ କାଟି ନିଅନ୍ତୁ।
- ମୁଗ ଓ ବିରି ବିହନ ବୁଣିବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ମାଟି ବତର ଥିବା ଅବସ୍ଥାରେ ଏକର ପ୍ରତି ୧ ଲିଟର ପେଣ୍ଡିମିଥାଲିନ୍ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୀତଦିନିଆ ପନିପରିବା ତଳିଘରାରେ ବିହନ ବୁଣିବା କାର୍ଯ୍ୟ ସମାପ୍ତ କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ପନିପରିବା ତଳିଘରାରେ ଜଳସେଚନ କରନ୍ତୁ।
- ୨୫ରୁ ୩୦ ଦିନର ପନିପରିବା ଚାରା ଯଥା -ଟମାଟୋ, ବାଇଗଣ, ଲଙ୍କା ଆଦିକୁ ମୁଖ୍ୟ ଜମିରେ ରୋପଣ କରିଦିଅନ୍ତୁ।
- କୋବି ଫସଲରେ ଠିକିରି ପିଠିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୬ରୁ ୮ ଟି ଆଲୋକଯନ୍ତା ଲଗାନ୍ତୁ।
- କଦଳୀ କାନ୍ଦି ଅମଳ ଯୋଗ୍ୟ ହୋଇଥିଲେ, ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଶୀତରତୁରେ ଗାଇଗୋରୁମାନଙ୍କୁ ବାୟୁ ଚଳାଚଳ ଗୁହାଳରେ ରଖନ୍ତୁ। ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ। ସେମାନଙ୍କୁ ପ୍ରତିଦିନ ମିନେରାଲ ମିକ୍ସର ସହ ଲୁଣ, ଚୋକଡ଼ ଓ ଗୁଡ଼ ୧୦ରୁ ୨୦ ଶତକଡ଼ା ମିଶାଇ ଖାଇବାକୁ ଦିଅନ୍ତୁ।

## ଅନନ୍ୟ ଚାଷୀ

## ବର୍ଜ୍ୟରୁ କୃଷିଯନ୍ତ୍ର ନିର୍ମିତ



ବର୍ଜ୍ୟ ଭଙ୍ଗା ଲୁହାକୁ ବ୍ୟବହାର କରି ହରିୟାଣା, ହିସାର ଜିଲ୍ଲା, ସାତରୋଡର ଚାଷୀ ରାଜେନ୍ଦ୍ର ପୁନିଆ ତିନିଟି କୃଷି ଯନ୍ତ୍ର ବନାଇଛନ୍ତି। ଡିଏସ୍‌ଆର୍ ଯନ୍ତ୍ର ଡିଜାଇନ୍ କରି ଏଥିରେ ରୋଟାଭେଟରକୁ ସଂଯୋଗ କରି ସେ ଧାନ ଧାଡ଼ି ବୁଣା କରିଥିଲେ। ଏହା ଦ୍ୱାରା ଜମିପ୍ରସ୍ତୁତ ସହିତ ବିହନ ବୁଣା କାମ ଏକାସାଙ୍ଗରେ ହୋଇଥିଲା। ଏହି ଯନ୍ତ୍ରଟି ବିହନକୁ ମାଟିରେ ସମାନ୍ତରାଳ ଭାବେ ଖୋଳି ବିହନ ପୋତିଥାଏ। ତେଣୁ ପାରମ୍ପରିକ ରୁଆ ତୁଳନାରେ ଏହି ଯନ୍ତ୍ରରେ ପାଣି ଓ ଡିଜେଲ ଖର୍ଚ୍ଚ କମ୍ ହୋଇଥିଲା। ସେହିପରି ସେ 'ଟାର୍‌ଜନ' ନାମକ ଦେଶୀ ଯୋଗାଡ ବିକଶିତ କରିଛନ୍ତି। ଏହା ବିନା ଟ୍ରାକ୍ଟରରେ ଚାଲିପାରିବ। ହାଲୁକା ଏବଂ ସ୍ୱୟଂଚାଳିତ ଏହି ଯନ୍ତ୍ରଟି ଜମିରେ ହଳ କରେ, ପଥରକୁ ଭାଙ୍ଗେ, ଘାସନିୟନ୍ତ୍ରଣ, ଖତକୁ ପ୍ରୟୋଗ କରିବା କାମ କରିଥାଏ। ଏତିକିରେ ସରିନି ରାଜେନ୍ଦ୍ରଙ୍କ ସୃଜନଶୀଳତା। ଶସ୍ୟକୁ ସଫା କରିବାକୁ ସେ ବର୍ଜ୍ୟରୁ ଏକ ସ୍ୱତନ୍ତ୍ର ପଙ୍ଖା ବିକଶିତ କରିଛନ୍ତି। ଏହି ପଙ୍ଖା ଏତେ ଶକ୍ତିଶାଳୀ ଯେ, ଘଣ୍ଟାକରେ ୧୨୦ରୁ ୧୫୦ କି.ଗ୍ରା ଶସ୍ୟ ଯଥା- ଗହମ, ଧାନ, ଗୁଆର, ବାଜରା ଆଦିକୁ ସଫା କରିପାରିଥାଏ।

## ମାଛଙ୍କ ଖାଦ୍ୟପେୟରେ ସତର୍କତା

ଶୀତରତୁରେ ପୋଖରୀର ପାଣି ଶୀଘ୍ର ଥଣ୍ଡା ହୋଇଥାଏ। ଥଣ୍ଡା ପାଣି ମାଛମାନଙ୍କ ଶରୀରକୁ ଅଧିକ ପ୍ରଭାବିତ କରିଥାଏ। ତେଣୁ ଏହି ସମୟରେ ନିୟମିତ ପାଣିର ତାପମାତ୍ରା ଓ ଅମ୍ଳଜାନ ଚେକ୍ କରିବା ସହ ମାଛଙ୍କ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।



- ଶୀତଦିନେ ପୋଖରୀର ଥଣ୍ଡା ପାଣି ଯୋଗୁ ମାଛ ବିଭିନ୍ନ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ପାଣିର ତାପମାତ୍ରା ସନ୍ତୁଳିତ ରଖିବାକୁ ସକାଳ ଏବଂ ସନ୍ଧ୍ୟା ସମୟରେ ମଟର ଚଳାଇ ପୋଖରୀ ପାଣିରେ ନଳକୂପ ପାଣି ମିଶାଇ ପାରିବେ। ପାଣିର ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ।
- ତାପମାତ୍ରା କମିବା ଦ୍ୱାରା ମାଛଙ୍କ ପାଚନ ଶକ୍ତି ଧୀମା ହୋଇଯାଏ। ସେମାନଙ୍କ ଖାଇବା ପରିମାଣ କମିଯାଏ। ମାଛଙ୍କୁ ଭାସମାନ ତଥା ପୌଷ୍ଟିକ ଖାଦ୍ୟ ଦେଇ ପାରିବେ। ଖାଦ୍ୟରେ ପ୍ରୋଟିନ୍ ମାତ୍ରା ୨୮ %ରୁ ୩୦ % କରି ରଖନ୍ତୁ। ଦିନରେ ଗୋଟିଏ ଥର ଅପରାହ୍ଣ ୩ଟା ସମୟରେ ମାଛଙ୍କୁ ଖାଇବାକୁ ଦେବା ଉଚିତ। କାରଣ ସେହି ସମୟରେ ପୋଖରୀ ପାଣିର ଉତ୍ତାପ ସର୍ବାଧିକ ରହିଥାଏ। ଫ୍ରେମ୍ ଫିଡିଂ ମାଧ୍ୟମରେ ମାଛଙ୍କୁ ଭାସମାନ ଖାଦ୍ୟ ଖାଇବାକୁ ଦେବା ଉଚିତ।
- ପାଣିର ତାପମାତ୍ରା ୨୪ ଡିଗ୍ରୀ ତଳକୁ ଖସିଲେ ଦାନା ପକାଇବା ପରିମାଣ କମ୍ କରିବା ଆବଶ୍ୟକ। ମାଛ ଅଧଘଣ୍ଟାରେ ଯେତିକି ଖାଦ୍ୟ ଖାଇବେ ସେତିକି ଖାଦ୍ୟ ଦିଅନ୍ତୁ। ଅଧଘଣ୍ଟା ପରେ ଯଦି ଖାଦ୍ୟ ବଳକା ରୁହେ ଖାଦ୍ୟ ପରିମାଣ କମ୍ କରନ୍ତୁ। ସେହିପରି ଅଧଘଣ୍ଟା ଭିତରେ ଯଦି ଖାଦ୍ୟ ସରିଯାଉଛି, ତାହେଲେ ଖାଦ୍ୟ ପରିମାଣକୁ ସେହି ଅନୁପାତରେ ବଢ଼ାଇ ପାରିବେ।

## ଫସଲକୁ ପ୍ରଭାବିତ କରିପାରେ ପ୍ରଦୂଷିତ ବାୟୁ

**ଅଧୁନା ଭାରତର ଦିଲ୍ଲୀ ସମେତ ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଚାରିଆଡ଼େ ଧୂଆଁମୟ ପରିସ୍ଥିତି। ହେଲେ ଜାଣନ୍ତିକି, ପ୍ରଦୂଷିତ ବାୟୁ ଫସଲକୁ ପ୍ରଭାବିତ କରିଥାଏ। ତେଣୁ ବାୟୁ ପ୍ରଦୂଷଣରୁ ଫସଲକୁ କେମିତି ସୁରକ୍ଷା ଦେବେ ଜାଣନ୍ତୁ।**



ବାୟୁରେ ବିଷାକ୍ତମାତ୍ରା ବୃଦ୍ଧି ପାଇଲେ ଗଛ ଏବଂ ପତ୍ରରେ ଏକ ପରସ୍ତ ଭଳି ବସିଯାଏ। ଏହାଦ୍ୱାରା ଗଛକୁ ସୂର୍ଯ୍ୟକିରଣ ପହଞ୍ଚି ପାରେ ନାହିଁ। ଗଛକୁ ଆଲୋକ ଏବଂ ଅମ୍ଳଜାନ ମିଳିପାରୁନଥିବାରୁ ଗଛର ବିକାଶ ହୁଏନି। ଗଛରେ କଳା ଦାଗ ପଡ଼ି ପତ୍ର ମଉଳିଯାଏ। ପତ୍ରଜନିତ ରୋଗ ସୃଷ୍ଟି ହୁଏ। ଫସଲ ପ୍ରଭାବିତ ହୁଏ। ଫୁଲ ଓ ଫଳ ଆସିବାରେ ମଧ୍ୟ ସମସ୍ୟା ହୁଏ।

**କେଉଁ ଫସଲକୁ କାଳ:** ମୁଖ୍ୟତଃ ବାୟୁ ପ୍ରଦୂଷଣର ପ୍ରଭାବ ତୁଳସୀ, ମନିପ୍ଲାଣ୍ଟ, ଗୋଲାପ, ଘି-କୁଆଁରୀ, ଟମାଟୋ, ବାଇଗଣ, ଲଙ୍କା, କଣ୍ଟାଜାତୀୟ ଗଛକୁ ନଷ୍ଟ କରିଥାଏ। ସେହିପରି ରୋଷେଇଶାଳ ବଗିଚାରେ ବାଇଗଣ, ଲଙ୍କା, ଟମାଟୋ ଆଦି ଫସଲରେ ଉତ୍ପାଦନ ହ୍ରାସ ପାଇଥାଏ।

**ସୁରକ୍ଷିତ ଉପାୟ:** ପତ୍ରରୁ ଧୂଳି ସଫା କରିବାକୁ ହାଲୁକା ପାଣି ସିଞ୍ଚନ କରିପାରିବେ। ଏହାଦ୍ୱାରା ଗଛକୁ ଅମ୍ଳଜାନ ଓ ବାୟୁ ଚଳାଚଳ ହୋଇପାରେ। ଗଛ ମୂଳେ ଶୁଖିଲା ପତ୍ର, କୋକୋପିଟ୍, ଖତ ପକାଇଲେ ମାଟିର ଆର୍ଦ୍ରତା ଠିକ୍ ରହିଥାଏ। ସକାଳ ୮ଟା ପୂର୍ବ ଏବଂ ସନ୍ଧ୍ୟା ୫ଟା ପରେ ଜଳସେଚନ କରନ୍ତୁ। ନିମ୍ବ ତେଲ, ପଟାସିୟମ ବାଇକାର୍ବୋନେଟ୍ ସ୍ପ୍ରେ ଗଛକୁ ପ୍ରଦୂଷଣ ପ୍ରଭାବରୁ ସୁରକ୍ଷା ଦିଏ। ଇନ୍‌ଡୋର ପ୍ଲାଣ୍ଟକୁ ଘର ଭିତରେ ରଖନ୍ତୁ। ୧୫ ଦିନ ଅନ୍ତରରେ ଗଛରେ ହ୍ୟୁମିକ୍ ଏସିଡ, ଗୋମୂତ୍ର, ନିମ୍ବ ଖତ ଆଦି ପ୍ରୟୋଗ କଲେ, ଗଛରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

**ଜାନ୍‌ସେନ୍‌ଙ୍କ ୬ ୱିକେଟ, ଲଢ଼ିଲେ ସୁନ୍ଦର-କୁଳଦୀପ୍**

# ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ବର୍ଷାପଡ଼ା ଟେଷ୍ଟ

ଗୌହାଟୀ,୨୪।୧୧(ଏଜେନ୍ସି)





ଘରୋଇ ମାଟିରେ ଟେଷ୍ଟ କ୍ରିକେଟ ଖେଳିବାର କଳା ଭୁଲିଗଲାଣି ଭାରତ। ଏଠାରେ ଦକ୍ଷିଣ ଆଫ୍ରିକା ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦଳର ତଥାକଥିତ ସୁପରଷ୍ଟାର ମାନେ କ୍ରିକେଟ ଖେଳର ସବୁ ବିଭାଗରେ ଫେଲ୍ ମାରିଛନ୍ତି। ଯାହା ଫଳରେ ଏଠାରେ ଭାରତ ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ କରୁଛି। ଭାରତର ବୋଲିଂ ଫେଲ୍ ମାରିବା ପରେ ଏଠାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ କରିଥିଲା ୪୮୯ ରନ୍। ଜବାବରେ କାମଚଳା ଅଧିନାୟକ ଋଷଭ ପନ୍ତଙ୍କ ନେତୃତ୍ୱରେ ଖେଳୁଥିବା ଭାରତ ପ୍ରତିପକ୍ଷ ପେସ୍ (ଜାନସେନ-୬/୪୮) ଓ ସ୍ପିନ୍ (ହାର୍ମର (୩/୬୪) ବୋଲିଂର ମୁକାବିଲା କରି ନ ପାରି ପ୍ରଥମ ଇନିଂସରେ କରିଥିଲା ୨୦୧ ରନ୍। ଯାହା ଫଳରେ ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାକୁ ୨୮୮ ରନ୍‌ର ଅଗ୍ରଣୀ ମିଳିଥିଲା। କିନ୍ତୁ ଦଳ ଭାରତକୁ ଫଲୋଅନ୍ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ସୁଦ୍ଧା କୌଣସି ୱିକେଟ ନ ହରାଇ ୨୬ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଦଳ ୩୧୪ ରନ୍‌ରେ ଆଗୁଆ ରହି ଏହି ଟେଷ୍ଟରେ ନିଜର ସ୍ଥିତି ସୁଦୃଢ଼ କରିଛି। ଖେଳ ଆଉ ଦୁଇ ଦିନ ଥିଲାବେଳେ ଭାରତ ଯଦି ଅତି ଭଲ ବ୍ୟାଟିଂ ନ କରେ ତେବେ ମ୍ୟାଚ୍ ଓ ସିରିଜ୍ ହାରିଯିବାର ଆଶଙ୍କା ପ୍ରକାଶ ପାଇଛି। ଭ୍ରମଣକାରୀ ଦଳ ଦୀର୍ଘ ୧୭ ବର୍ଷ ପରେ କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତି ନେଇଥିଲା। ଏଠାରେ ଦଳ ଯଦି ମ୍ୟାଚ୍ ବିଜୟୀ ହୁଏ କିମ୍ବା ଡ୍ର ରଖେ, ତେବେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଐତିହାସିକ ଟେଷ୍ଟ ସିରିଜ୍ ବିଜୟୀ ହେବ।

ଏହି ଟେଷ୍ଟର ତୃତୀୟ ଦିନରେ ଭାରତର ପ୍ରଥମ ଇନିଂସ ୭ ୱିକେଟରେ ୧୨୨ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ୱାଶିଂଟନ ସୁନ୍ଦର ଓ କୁଳଦୀପ ଯାଦବ ୮ମ ୱିକେଟ ଭାଗୀଦାରିରେ ୨୦୮ ବଲ୍‌ରୁ ୭୨ ରନ୍ ଉଠାଇ ଦଳର କିଛି ସମ୍ମାନ ରଖିଥିଲେ। ୪୮ ରନ୍‌ରେ ସୁନ୍ଦର ଆଉଟ ହେବା ସହ ଭାରତ ଇନିଂସ ୨୦୧ ରନ୍‌ରେ ଶେଷ ହୋଇଯାଇଥିଲା। କୁଳଦୀପ ୧୩୪ ବଲ୍ ଖେଳି ୧୯ ରନ୍ କରିଥିଲେ। ଏହା ଫଳରେ ଏହି ସିରିଜ୍‌ରେ ସେ ସର୍ବାଧିକ ବଲ୍ ଖେଳିବାର ରେକର୍ଡ କରିଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଭାରତର ଟପ୍ ଅର୍ଡର ବ୍ୟାଟରଙ୍କ ଅନିଚ୍ଛା ଯୋଗୁ କ୍ରିଜ୍‌ରେ ବେଶି ସମୟ ରହୁନାହାନ୍ତି। ଭାରତ ପକ୍ଷରୁ ଜୟସ୍ୱାଲ ୫୮ ଓ ସୁନ୍ଦରଙ୍କ ୪୮କୁ ଛାଡିଦେଲେ ଅନ୍ୟ କେହି କ୍ଲିକ୍ କରିନାହାନ୍ତି। ରାହୁଲ ୨୨, ସାଇ ସୁଦର୍ଶନ ୧୫, ଧ୍ରୁବ ଜୁରେଲ ୦, ଋଷଭ ପନ୍ତ ୭, ରବୀନ୍ଦ୍ର ଜାଡେଜା ୬ ଓ ନୀତୀଶ କୁମାର ରେଡ୍ଡୀ ୧୦ ରନ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଚମତ୍କାର ବୋଲିଂ କରି ୪୮ ରନ୍‌ରେ ୬ଟି ଓ ଅଫ୍ ସ୍ପିନର ସାଇମନ ହାର୍ମର ୩ଟି ୱିକେଟ ପାଇଥିଲେ। ବ୍ୟାଟିଂରେ ଜାନ୍‌ସେନ ମଧ୍ୟ ୯୧ ବଲ୍‌ରୁ ୯୩ ରନ୍‌ର ଭଲ ଇନିଂସ ଖେଳିଥିଲେ। ଭାରତରେ ଗୋଟିଏ ଟେଷ୍ଟରେ ୬ ୱିକେଟ ନେବା ଓ ଅର୍ଦ୍ଧଶତକ ହାସଲ କରିବାରେ ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଖେଳାଳି ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/୧୦** (ମୁଥୁସାମୀ-୧୦୯, ଜାନ୍‌ସେନ୍- ୯୩, କୁଳଦୀପ- ୪/୧୧୫) ଓ ଦ୍ୱିତୀୟ ଇନିଂସ: ୨୬/୦।
**ଭାରତ ପ୍ରଥମ ଇନିଂସ: ୨୦୧/୧୦** (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍- ୬/୪୮, ହାର୍ମର- ୩/୬୪)।

**ମହିଳା କବାଡ଼ି ବିଶ୍ୱକପ୍**

## କ୍ରମାଗତ ୨ୟ ଟାଇଟଲ୍ ଜିତିଲା ଭାରତ



ଢାକା, ୨୪।୧୧ (ଏଜେନ୍ସି): ବାଂଲାଦେଶରେ ଶେଷ ହୋଇଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ମହିଳା ଦଳ ୭ (୩୫-୨୮) ପଏଣ୍ଟରେ ଚାଇନିଜ ତାଇପେଇକୁ ପରାସ୍ତ କରିଥିଲା। ଫଳରେ ଭାରତୀୟ ମହିଳା କବାଡ଼ି ଦଳ କ୍ରମାଗତ ୨ୟଥର ଲାଗି ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଏଥିପୂର୍ବରୁ ୨୦୧୨ରେ ପାଟନାରେ ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଇରାନକୁ ହରାଇ ଭାରତ ବିଶ୍ୱ ବିଜୟିନୀ ହୋଇଥିଲା। ଭାରତ ଏଥର ଟାଇଟଲ୍ ବଜାୟ ରଖିବା ସହ ସମ୍ପୂର୍ଣ୍ଣ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଥିଲା। ଏହାପରେ ସେମିଫାଇନାଲରେ ଭାରତ ୩୩-୨୧ରେ ଇରାନକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ବିଶ୍ୱକପ୍‌ରେ ମୋଟ୍ ୧୧ଟି ଦେଶ ଅଂଶଗ୍ରହଣ କରିଥିଲେ।

**ବଧିର ଅଲିମ୍ପିକ୍ସ**

## ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ



ଟୋକିଓ, ୨୪।୧୧ (ଏଜେନ୍ସି): ଜାପାନରେ ଚାଲିଥିବା ଡିଫ୍ (ବଧିର) ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ ମିଳିଛି। ସେ କରାଟେର ୫୦ କିଲୋରୁ କମ୍ କାଟାଗୋରୀରେ ଏହି ସଫଳତା ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଲୋମା ହାରିଯିବା ପରେ ବିଜୟୀ କରାଟେକା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଯାହା ଫଳରେ ଲୋମାଙ୍କୁ ରିପ୍‌ଚେଜ୍‌ରେ ଖେଳିବାକୁ ସୁଯୋଗ ମିଳିଥିଲା। ଏଥିରେ ସେ ବ୍ରାଜିଲ୍‌ର ପ୍ରତିଯୋଗୀଙ୍କୁ ପରାସ୍ତ କରି କାଂସ୍ୟ ପଦକ ଜିତିବାରେ ସଫଳତା ପାଇଥିଲେ। ସେହିଭଳି ମହିଳା ସୁଟିଂର ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତର ପ୍ରାଞ୍ଜଳି ପ୍ରଶାନ୍ତ ଧୁମାଲ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ। ଚଳିତ ଅଲିମ୍ପିକ୍ସରେ ଭାରତୀୟ ସୁଟରମାନେ ବର୍ତ୍ତମାନ ସୁଦ୍ଧା ୧୬ଟି ପଦକ ଜିତିସାରିଛନ୍ତି। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି।

**■ ୨୩ ବର୍ଷରୁ କମ୍ ମହିଳା ଟି-୨୦**

## ଓଡ଼ିଶାର ସହଜ ବିଜୟ


ଅଲିପ୍ସା ବିଶ୍ୱାଳ

ଭୁବନେଶ୍ୱର, ୨୪।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଥିରୁଅନନ୍ତପୁରମରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୮୫ ରନରେ ସିକ୍କିମକୁ ପରାସ୍ତ କରିଛି। ଅଲିପ୍ସା ବିଶ୍ୱାଳ (୨୯ ବଲରେ ଅପରାଜିତ ୫୧ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪ ୱିକେଟ୍‌ରେ ୧୫୨ ରନ କରିଥିଲା। ସିକ୍କିମର ପ୍ରିତୀକା ଛେତ୍ରୀଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ସିକ୍କିମ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ୭ ୱିକେଟରେ ମାତ୍ର ୬୭ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ଏସ୍‌ବି ଲରେନ୍ସ ୨ଟି ଓ ଜ୍ୟୋତି ପ୍ରସାଦଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ସେଫିଲ୍ଡ ସିଲ୍ଡରେ ଶତକ: ନିଖିଳ ପ୍ରଥମ ଭାରତୀୟ



ସିଡ୍‌ନୀ, ୨୪।୧୧ (ଏଜେନ୍ସି): ଅଷ୍ଟ୍ରେଲିଆର ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେଫିଲ୍ଡ ସିଲ୍ଡରେ ଶତକ ମାରି ଭାରତୀୟ ଖେଳାଳି ନିଖିଳ ଚୌଧୁରୀ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ତାସମାନିଆ ପକ୍ଷରୁ ଖେଳି ନ୍ୟୁ ସାଉଥ୍ ୱେଲ୍ସ ଦଳ ବିପକ୍ଷରେ ନିଖିଳ ୧୬୩ ରନର ମାରାଥନ ଇନିଂସ ଖେଳିଥିଲେ। ଫଳରେ ଚଳିତ ଶତାବ୍ଦୀରେ ପ୍ରଥମ ଭାରତୀୟ କ୍ରିକେଟର୍ ଭାବେ ୨୯ ବର୍ଷୀୟ ନିଖିଳ ସେଫିଲ୍ଡ ସିଲ୍ଡ ଟୁର୍ଣ୍ଣାମେଣ୍ଟରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କର ଏହି ଶତକ ବଳରେ ତାସମାନିଆ ପ୍ରଥମ ପାଳିରେ ୮ ୱିକେଟରେ ୬୨୩ ରନର ବିଶାଳ ସ୍କୋର କରିଛି।

ଦିଲ୍ଲୀ ଜନ୍ମିତ ନିଖିଳ ପଞ୍ଜାବ ପକ୍ଷରୁ ବିଜୟ ହଜାରେ ଟ୍ରଫି କ୍ରିକେଟ୍ ଖେଳିଛନ୍ତି। ସେ ଶୁବମନ ଗିଲ୍, ଅଭିଷେକ ଶର୍ମା ଓ ଅର୍ଶଦୀପ୍ ସିଂହଙ୍କ ଭଳି ଖେଳାଳିଙ୍କ ସହ ଏକାଠି ଡ୍ରେସିଂ ରୁମ ଶେୟାର କରିଛନ୍ତି। ତେବେ ୨୦୨୦ ମସିହାରେ ସେ ଏକ ସଂକ୍ଷିପ୍ତ ସମୟ ଲାଗି ଅଷ୍ଟ୍ରେଲିଆ ଯାଇଥିଲେ। କିନ୍ତୁ କୋଭିଡ୍-୧୯ ଲାଗି ସେଠାରେ ଫସି ରହିଥିଲେ। ଏହାପରେ ସେ ଅଷ୍ଟ୍ରେଲିଆରେ ସ୍ଥାୟୀ ଭାବେ ରହି ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ। କିନ୍ତୁ କ୍ରିକେଟ୍ ଖେଳକୁ ଜାରି ରଖିବା ତାଙ୍କ ଲାଗି ସହଜ ନ ଥିଲା। ସେ ଖେଳ ସହିତ ପାର୍ଟଟାଇମ ଚାକିରି ଭାବେ ମାଂସ କାଟିବା, ପାର୍ସଲ ଡେଲିଭରୀ ଓ ଉବେର ଗାଡ଼ି ଚଳାଉଥିଲେ।

**■ ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ**

## ବିହାର ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୪।୧୧ (ସମିସ): ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ଲାଗି ୨୦ ଜଣିଆ ଓଡ଼ିଶା ଦଳ ସୋମବାର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଏହି ଗ୍ରୁପ୍‌ରେ ରହିଛନ୍ତି। ନଭେମ୍ବର ୨୮ ରେ ବିହାର ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହାପରେ ଓଡ଼ିଶା ୩୦ରେ ପଶ୍ଚିମବଙ୍ଗକୁ ଏବଂ ଡିସେମ୍ବର ୨ରେ ଝାଡ଼ଖଣ୍ଡ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ଚାରୋଟି ଯାକ ଗ୍ରୁପ୍‌ର ପଏଣ୍ଟ ଟେବଲ ଶୀର୍ଷରେ ରହିଥିବା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୋମବାର ଆନ୍ଧ୍ର ଗସ୍ତ କରିବା ପୂର୍ବରୁ ଓଡ଼ିଶା ଦଳର ଖେଳାଳି ଓ ୪ଜଣ ସପୋର୍ଟ ଷ୍ଟାଫ୍‌ଙ୍କୁ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଯାଇଥିଲା।

**■ ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍**

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର,୨୪।୧୧(ସମିସ): ସିଡିଏ ସେକ୍ଟର-୭ରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍‌ରେ ଚାଲିଥିବା ୩୧ତମ ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍‌ର ୧୫ ବର୍ଷରୁ କମ୍ ବାଳକ, ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲି ସେମିଫାଇନାଲ ଖେଳାଯିବ। ୧୫ ବର୍ଷରୁ କମ୍ ବାଳକ ବିଭାଗ ପ୍ରଥମ ସେମିଫାଇନାଲରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କ ସହ ଭୁବନେଶ୍ୱରର ସୋମନାଥ ସୁବୁଦ୍ଧି, ଦ୍ୱିତୀୟ ସେମିରେ ଭୁବନେଶ୍ୱରର ହିତେଶ ଅଗରୱାଲଙ୍କ ସହ କଟକର ସୟଦ୍ ଅର୍ଶ ଅଲିଙ୍କର ମୁକାବିଲା ହେବ। ୧୯ ବର୍ଷରୁ କମ୍ ବାଳକ ସେମିଫାଇନାଲରେ କଟକର ସାର୍ଥକ ରାୟଙ୍କ ସହ ପୁରୀର ଜିଜ୍ଞାସୁଙ୍କର ଓ କଟକର ଜିଜ୍ଞାସୁ ସାହୁଙ୍କ ସହ ଖୋର୍ଦ୍ଧାର ଅନିନ୍ଦ୍ୟ ଅନୁପମ ଦାସ୍‌ଙ୍କର ଲଢ଼େଇ ହେବ। ବାଳିକା ସିଙ୍ଗଲ୍ସ ଫାଇନାଲ ଟିକଟ ଲାଗି କଟକର ସାକ୍ଷୀ ଭଗତଙ୍କ ସହ ଖୋର୍ଦ୍ଧାର ଆସ୍ଥା ଅଦିତି ଓ କଟକର ଆରାଧ୍ୟା ସାହୁଙ୍କ ସହ ଖୋର୍ଦ୍ଧାର ଉର୍ଜା ବର୍ମାଙ୍କର ମୁକାବିଲା ହେବ।

## ବିଶାଖାଙ୍କୁ ରୌପ୍ୟ, ତନ୍ୱୀଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୪।୧୧ (ସମିସ): ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ବିଶାଖା ଟପ୍ପୋ ଓ ତନ୍ୱୀ ପତ୍ରି ଜାତୀୟ ପ୍ରତିଯୋଗିତାରେ ପଦକ ସଫଳତା ପାଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଅରୁଣାଚଳର ଇଟାନଗରରେ ଅନୁଷ୍ଠିତ ୪୮ତମ ଆନ୍ତଃ ରାଜ୍ୟ ଜୋନାଲ ଓ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ବିଶାଖା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ଭବ୍ୟା ଛାବ୍ରାଙ୍କୁ ସାଥୀ କରି ମିକ୍ସଡ ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ସେହିଭଳି ତନ୍ୱୀ ଏହି ଚାମ୍ପିଅନସିପ୍‌ର ବାଳିକା ସିଙ୍ଗଲ୍ସରେ କାଂସ୍ୟ ପଦକ ସଫଳତା ପାଇଥିଲେ। ଉଭୟ ପଦକ ବିଜୟିନୀଙ୍କୁ ଏହି ଅବସରରେ ରାଜ୍ୟ କ୍ରୀଡ଼ାଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

**ବାରବାଟୀ ଟି-୨୦**

## ଫ୍ଲଡ୍‌ଲାଇଟ୍ ତ୍ରୁଟି ଧରିବ ସଫ୍ଟୱେୟାର

କଟକ,୨୪।୧୧(ସମିସ)

**■ ମ୍ୟାଚ୍ ପୂର୍ବରୁ ହେବ ଲାଇଟ୍ ଶୋ**
**■ ସମସ୍ୟା କରୁଛି ସାଇଡ୍‌ସ୍କ୍ରିନ; ଘୁଞ୍ଚିବ ସିଏମ୍ ଲାଉଞ୍ଜ**

ବାରବାଟୀରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍‌କୁ ଆଉ ୧୪ଦିନ ବାକି। ଶୃଙ୍ଖଳିତ ଢ଼ଙ୍ଗରେ ମ୍ୟାଚ୍ ପରିଚାଳନା କରାଯିବା ଏବଂ ପୂର୍ବ ତ୍ରୁଟିକୁ ନଦୋହରାଇବା ଦିଗରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ ବୋଲି ଓସିଏ କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ବାରବାଟୀରେ ୮ଟି ଫ୍ଲଡଲାଇଟ୍ ରହିଛି। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ। ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ପ୍ରଥମଥର ନିମନ୍ତେ ଓସିଏ ଏହି ପଦକ୍ଷେପ ନେଇଛି ବୋଲି ବିଷ୍ଣୁପ୍ରସାଦ କହିଛନ୍ତି। ସେହିପରି ପ୍ରତ୍ୟେକ ଫ୍ଲଡଲାଇଟ୍‌କୁ ୨ଟି ଲେଖାଏ ଡିଜି ସେଟ୍ ସଂଯୋଗ କରାଯିବ। ଆଉ ୨ଟି ଡିଜି ସେଟ୍ ପାୱାର ଅନ୍ ଅବସ୍ଥାରେ ମହଜୁଦ ରଖାଯିବ।

ଗତ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ବେଳେ ଫ୍ଲଡଲାଇଟ୍ ଲିଭିବା ଘଟଣାର ପୁନଃରାବୃତ୍ତି ଘଟିବାକୁ ଦିଆଯିବ ନାହିଁ ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ଲାଉଞ୍ଜକୁ ସ୍ଥାନାନ୍ତର କରାଯିବା ପାଇଁ ଯୋଜନା ହୋଇଛି। ଲାଉଞ୍ଜ ସମ୍ମୁଖରେ ସାଇଡ୍ ସ୍କ୍ରିନ ରହି ବାଧା ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତି ଲାଉଞ୍ଜରେ ଦେଖିବାକୁ ମିଳିବେ। ପଦ୍ମ ଉପାଧି ବିଜେତା ଏବଂ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଲାଉଞ୍ଜ ହେବ। ମ୍ୟାଚ୍ ଆରମ୍ଭ ପୂର୍ବରୁ ବାରବାଟୀରେ ଏଥର ଆକର୍ଷଣୀୟ ଲାଇଟ୍ ଶୋ ହେବ ବୋଲି ସୂଚନା ମିଳିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS